


▶ଭିତର ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-198 •BHUBANESWAR •FRIDAY •12 JANUARY 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୯୮ •ଭୁବନେଶ୍ୱର •ଶୁକ୍ରବାର •୧୨ ଜାନୁଆରୀ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦




# ରୂପାନ୍ତରଣର ସ୍ୱର୍ଣ୍ଣିମ ଅଧ୍ୟାୟ

## ଚତୁର୍ଥ ପର୍ଯ୍ୟାୟ '୫-ଟି' ରୂପାନ୍ତରିତ ସ୍କୁଲ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୧୧।୧ (ସମିସ):** ରାଜ୍ୟବ୍ୟାପୀ ଶିକ୍ଷା କ୍ଷେତ୍ରରେ ରୂପାନ୍ତରଣ ପର୍ବ ଛାତ୍ରଛାତ୍ରୀଙ୍କ ମନରେ ସୃଷ୍ଟି କରିଛି ନୂଆ ଉନ୍ମାଦନା। ରୂପାନ୍ତରଣର ଏହି ସ୍ୱର୍ଣ୍ଣାଭ ଅଧ୍ୟାୟ ରାଜ୍ୟର ଶିକ୍ଷା ବିକାଶରେ ସୃଷ୍ଟି କରିଛି ନୂଆ ବିପ୍ଳବ। ସରକାରୀ ସ୍କୁଲରେ ଉପସ୍ଥାନ ବୃଦ୍ଧି ପାଇବା ସହ ଛାତ୍ରଛାତ୍ରୀମାନେ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରି ବିଭିନ୍ନ ସୁବିଧା ସୁଯୋଗ ପାଉଛନ୍ତି । ଇ-କ୍ଲାସ, ଇ-ଲାଇବ୍ରେରୀ ସହ ସ୍ମାର୍ଟ ଶିକ୍ଷାଦାନ ସରକାରୀ ସ୍କୁଲ ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆକର୍ଷଣ ସୃଷ୍ଟି କରିଛି । ଏହିକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି '୫-ଟି' ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି। ଏହି ପର୍ଯ୍ୟାୟର ପ୍ରଥମ ଦିନରେ ଗଞ୍ଜାମ, ଝାରସୁଗୁଡା, ଜଗତସିଂହପୁର, କେନ୍ଦ୍ରାପଡା ଓ ବରଗଡ ଆଦି ୫ଟି ଜିଲ୍ଲାର ୩୮୯ଟି ରୂପାନ୍ତରିତ ସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ଏଥିରେ ଗଞ୍ଜାମ ଜିଲ୍ଲାର ୧୪୯, ଝାରସୁଗୁଡାର ୧୧, ଜଗତସିଂହପୁରର

> **ସ୍କୁଲ ରୂପାନ୍ତର ଓଡ଼ିଆ ଜାତିର ଉନ୍ନତି ଓ ପ୍ରଗତି କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିବ: ମୁଖ୍ୟମନ୍ତ୍ରୀ**

> **ରୂପାନ୍ତରଣର ଶ୍ରେୟ ସ୍ଥାନୀୟ ଜନପ୍ରତିନିଧି, ପରିଚାଳନା କମିଟି ଓ ଜନସାଧାରଣଙ୍କର : ୫-ଟି ଅଧ୍ୟକ୍ଷ**



**ପ୍ରଥମ ଦିନରେ ୩୮୯ ସ୍କୁଲ ଲୋକାର୍ପିତ | ପୂର୍ବରୁ ସରିଛି ୬୮୮୩ ସ୍କୁଲର ଲୋକାର୍ପଣ | ଚଳିତ ପର୍ଯ୍ୟାୟରେ ୧୭୯୪ ସ୍କୁଲ୍‌ର ଲୋକାର୍ପଣ**

୫୭, କେନ୍ଦ୍ରାପଡାର ୧୧୨ ଓ ବରଗଡର ୬୦ଟି ହାଇସ୍କୁଲ ରହିଛି। ପୂର୍ବରୁ ତିନୋଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇସାରିଛି। ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ଏହି ପର୍ଯ୍ୟାୟ ସଂପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ଟି ସ୍କୁଲ ରୂପାନ୍ତରିତ ହେବ।

ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏବେ ଓଡ଼ିଶାରେ ରୂପାନ୍ତରଣ ଯୁଗ ଚାଲିଛି। ସ୍କୁଲ କଲେଜ ଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତର କାର୍ଯ୍ୟ ହେଉଛି। ଏକ 'ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା' ଗଠନ ପାଇଁ ଏହି ରୂପାନ୍ତର ପଥ ପ୍ରସ୍ତୁତ କରୁଛି। ଏସବୁ ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ। ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ। ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରକୁ ▶ପୃଷ୍ଠା-୧୧

### ଛାତ୍ରଛାତ୍ରୀଙ୍କୁ ପାଣ୍ଡିଆନଙ୍କ ପ୍ରେରଣାଦାୟୀ ମନ୍ତ୍ର

# ସରକାରୀ ସ୍କୁଲରେ ପଢ଼ି ବି ଶୀର୍ଷରେ ପହଞ୍ଚିହେବ

■ **ଭୁବନେଶ୍ୱର, ୧୧।୧ (ସମିସ):** ସରକାରୀ ସ୍କୁଲରେ ପାଠପଢ଼ି ମଧ୍ୟ ଭଲ କ୍ୟାରିଅର କରିହେବ, ସଫଳତାର ଶୀର୍ଷରେ ପହଞ୍ଚି ହେବ। ବିଶିଷ୍ଟ ଉଦ୍ୟୋଗୀ ସୁବ୍ରତ ବାଗଚୀ, ସିନେ ନିର୍ଦ୍ଦେଶକ ନୀଳମାଧବ ପଣ୍ଡା, ଜଷ୍ଟିସ ସଂଜୟ ମିଶ୍ର, ଡିଜିପି ଅରୁଣ ଷଡଙ୍ଗୀ, ପାରା ଆଥଲେଟିକ୍ ଖେଳାଳି ପାୟଲ ଏହାର ଜଣେଜଣେ ଉଦାହରଣ। ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସରକାରୀ ସ୍କୁଲରେ ପଢି ଆଜି ଏମାନେ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ସେ ନିଜେ ମଧ୍ୟ ସରକାରୀ ସ୍କୁଲରେ ପାଠପଢ଼ି ଆଇଏଏସ୍ ହୋଇଛନ୍ତି। କଠିନ ପରିଶ୍ରମ ହିଁ ସଫଳତାର ଏକମାତ୍ର ସୂତ୍ର ଏବଂ ଏହାର କୌଣସି ବିକଳ୍ପ ନାହିଁ ବୋଲି ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ଗୁରୁବାର ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ 'ନୂଆ-ଓ' କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ପାଣ୍ଡିଆନ ସଫଳ ଉଦ୍ୟୋଗୀ ସୁବ୍ରତ ବାଗଚୀଙ୍କ ଉଦାହରଣ ଦେଇଛନ୍ତି। ପାଟଣାଗଡ଼ରେ ୧୯୫୭ ମସିହାରେ ଜନ୍ମ ଗ୍ରହଣ କରିଥିବା ସୁବ୍ରତ ବାଗ୍‌ଚୀ ପାଟଣାଗଡ଼ରେ ସରକାରୀ ସ୍କୁଲରେ ପାଠ ପଢି ଓଡ଼ିଶା ସଚିବାଳୟରେ



> **ନିଜେ ସରକାରୀ ସ୍କୁଲରେ ପାଠପଢ଼ି ପାଇଛନ୍ତି ସଫଳତା**
> **ସୁସ୍ଥ ରହିବାକୁ ବ୍ୟାୟାମ, ମସ୍ତିଷ୍କର ବିକାଶ ଲାଗି ଧ୍ୟାନ**
> **ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ 'ନୂଆ-ଓ' କାର୍ଯ୍ୟକ୍ରମ**
> **ଉଦାହରଣ ପାଲଟିଛନ୍ତି ବିଶିଷ୍ଟ ଉଦ୍ୟୋଗୀ ସୁବ୍ରତ ବାଗ୍‌ଚୀ, ସିନେ ନିର୍ଦ୍ଦେଶକ ନୀଳମାଧବ ପଣ୍ଡା, ଜଷ୍ଟିସ ସଂଜୟ ମିଶ୍ର, ଡିଜିପି ଅରୁଣ ଷଡ଼ଙ୍ଗୀ, ପାରା ଆଥଲେଟ୍ ପାୟଲ**

ଜଣେ କିରାଣୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ ଚାକିରି ଛାଡ଼ି ସେ ଆଇଟି କ୍ଷେତ୍ରରେ ଯୋଗ ଦେଇଥିଲେ। ଆଇଟି ଇଣ୍ଡଷ୍ଟ୍ରିରେ ଯୋଗ ଦେଇ ସେ ଆଜି ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। ମାଇଣ୍ଡ ଟ୍ରି ଭଳି ଆଇଟି କମ୍ପାନୀ କରି ୨୦ ହଜାରରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ସିନେ ନିର୍ଦ୍ଦେଶକ ନୀଳମାଧବ ପଣ୍ଡା ଏହି ଅଞ୍ଚଳର ଆଉଜଣେ ସଫଳ ବ୍ୟକ୍ତିତ୍ୱ। ସୁବର୍ଣ୍ଣପୁର ଜିଲ୍ଲାର ଗାଁ କଲେଜରେ ପଢ଼ିବା ବେଳେ ଯୁକ୍ତ ଦୁଇ ଫେଲ ହୋଇ ଦିଲ୍ଲୀ ଚାଲିଯାଇଥିଲେ। ସେଠାରେ ସିନେମାଟୋଗ୍ରାଫି ଶିକ୍ଷା ନେଇଥିଲେ। କଠିନ ପରିଶ୍ରମ ବଳରେ ସେ ଆଜି ଭାରତୀୟ ସିନେମା ଜଗତର ଜଣେ ଆଗ ଧାଡ଼ିର ନିର୍ଦ୍ଦେଶକ। ପୂର୍ବତନ ରାଷ୍ଟ୍ରପତି ▶ପୃଷ୍ଠା-୧୧

### ପରିକ୍ରମା ଲୋକାର୍ପଣ କାର୍ଯ୍ୟସୂଚୀରେ ମୋହର

# ଆଜି ଆଚାର୍ଯ୍ୟବରଣ

■ **ପୁରୀ, ୧୧।୧ (ସମିସ):** ଆସନ୍ତା ୧୭ତାରିଖ ପୌଷ ଶୁକ୍ଳ ସପ୍ତମୀ ତିଥି ପ୍ରତିଟି ଜଗନ୍ନାଥପ୍ରେମୀଙ୍କ ପାଇଁ ହେବ ଅବିସ୍ମରଣୀୟ ଦିନ। ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିର ଇତିହାସରେ ଯୋଡ଼ି ହେବ ସ୍ୱର୍ଣ୍ଣିମ ଅଧ୍ୟାୟ। ବିଶ୍ୱ ଦେଖିବ ବିଶ୍ୱନିୟନ୍ତାଙ୍କ ବିଜେସ୍ଥଳୀର ଭବ୍ୟ ରୂପ। ବିଶ୍ୱବାସୀଙ୍କ ନଜର ଟାଣିବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ। ଶୁକ୍ରବାରଠାରୁ ଏହି ଐତିହାସିକ ମୂହୁର୍ତ୍ତର ମୂଳଦୁଆ ପଡ଼ିବ। ପ୍ରକଳ୍ପ ଲୋକାର୍ପଣ ପାଇଁ ହେବାକୁ ଥିବା ତ୍ରିଦିନାତ୍ମକ (୧୫, ୧୬ ଓ ୧୭ ତାରିଖ) ଯଜ୍ଞ ପାଇଁ ଶ୍ରୀନଅରରେ ଶୁକ୍ରବାର ଆଚାର୍ଯ୍ୟବରଣ କରିବେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଗୁରୁବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ସ୍ୱତନ୍ତ୍ର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ବେଳେ ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ ଓ ଲୋକାର୍ପଣ କାର୍ଯ୍ୟସୂଚୀରେ ମଧ୍ୟ ମୋହର ମରାଯାଇଛି। ▶ପୃଷ୍ଠା-୧୧



> **୧୫ରୁ ଯଜ୍ଞ, ଚାରିଦ୍ୱାରରେ ବେଦ ପାରାୟଣ**
> **ଆଜି ପ୍ରକଳ୍ପ ହସ୍ତାନ୍ତର କରିବ ଓବିସିସି**
> **୧୭ରେ ମୁଖ୍ୟମନ୍ତ୍ରୀ କରିବେ ପ୍ରକଳ୍ପ ଲୋକାର୍ପଣ**

### ବଲାଙ୍ଗିରରେ ବିକାଶମୂଳକ କାର୍ଯ୍ୟ ସମୀକ୍ଷା କଲେ '୫-ଟି' ଅଧ୍ୟକ୍ଷ

# ୪ ମାସରେ ୭୯୫ କୋଟିରୁ ଊର୍ଦ୍ଧ୍ୱ ପ୍ରକଳ୍ପ

■ **ବଲାଙ୍ଗିର/କଣ୍ଟାବାଞ୍ଜି/ସଇଁତଳା, ୧୧।୧ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଆଜି ବଲାଙ୍ଗିରରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଗତ ଅଗଷ୍ଟ ମାସରେ ବଲାଙ୍ଗୀର ଜିଲ୍ଲାରେ ଜନଶୁଣାଣି କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କଠାରୁ ଗ୍ରହଣ କରାଯାଇଥିବା ଆପତ୍ତି ଅଭିଯୋଗ ଆଧାରରେ ୭୯୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ପ୍ରକଳ୍ପ ହାତକୁ ନିଆଯାଇଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି। ଏହି ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ଅବଧି ମଧ୍ୟରେ ଶେଷ କରାଯିବ ବୋଲି ମଧ୍ୟ ସେ ଆଶ୍ୱାସନା ଦେଇଛନ୍ତି । ଅନୁରୂପ ଭାବରେ କଣ୍ଟାବାଞ୍ଜି ଧନ୍ଦାମୂଳକ କଲେଜ ପଡ଼ିଆ ଓ ସଇଁତଳା ଆର୍.ଏନ୍ ସିଂହଦେଓ ଷ୍ଟାଡିୟମରେ ଆୟୋଜିତ ସମାବେଶରେ ଲୋକଙ୍କଠାରୁ ବିଭିନ୍ନ ଆପତ୍ତି ଅଭିଯୋଗ ଗ୍ରହଣ କରିବା ସହ ଏହାର ତ୍ୱରିତ୍ ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି।

ଶ୍ରୀ ପାଣ୍ଡିଆନ ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ 'ନୂଆ-ଓ' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଏହା ସହ ସେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ୩୦୫ କୋଟି ଟଙ୍କା ମୂଲ୍ୟରେ ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଂ ହସ୍ପିଟାଲର ଅଗ୍ରଗତି ସମୀକ୍ଷା କରିଛନ୍ତି। '୫-ଟି' ଉପକ୍ରମକୁ ଅନୁପାଳନ କରି ନିର୍ଦ୍ଧାରିତ ସମୟ ଅନୁଯାୟୀ ନିର୍ମାଣ କାର୍ଯ୍ୟ ସାରିବାକୁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ସେ ▶ପୃଷ୍ଠା-୧୧



**ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ଅଗ୍ରଗତି ଦେଖିଲେ**

**ପାନୀୟ ଜଳ ପ୍ରକଳ୍ପ, ବାଇପାସ୍, ଟୁଷୁରା ଏୟାରଷ୍ଟ୍ରିପ୍ ଉନ୍ନତି କାର୍ଯ୍ୟ ଅନୁଧ୍ୟାନ**

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଲୋଗୋ ଉନ୍ମୋଚିତ




■ **ଭୁବନେଶ୍ୱର, ୧୧।୧(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଲୋଗୋ ଉନ୍ମୋଚିତ ହୋଇଯାଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଲୋଗୋ ଉନ୍ମୋଚନ ସହ ସମ୍ମିଳନୀର ବିପୁଳ ସଫଳତା କାମନା କରିଛନ୍ତି। ଏହି ଲୋଗୋର ଟ୍ୟାଗ୍‌ଲାଇନ୍ 'ଭାଷା ହିଁ ଭବିଷ୍ୟତ' ରହିଛି। ଆସନ୍ତା ଫେବ୍ରୁଆରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୁଦ୍ଧିଜୀବୀ, ଗବେଷକ, ବିଦ୍ୱାନ୍ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମତବିନିମୟ ପାଇଁ ଏହି ସମ୍ମିଳନୀ ଏକ ସୁନ୍ଦର ମଞ୍ଚ ଭାବେ କାର୍ଯ୍ୟ କରିବ ବୋଲି ମୁଁ ଆଶା କରୁଛି। ଆଧୁନିକ ଭାରତବର୍ଷରେ ଓଡ଼ିଶା ହେଉଛି ପ୍ରଥମ ଭାଷାଭିତ୍ତିକ ରାଜ୍ୟ। ଓଡ଼ିଆ ଭାଷା ଅନ୍ୟତମ ଶାସ୍ତ୍ରୀୟ ଭଷାର ମାନ୍ୟତା ଲାଭ କରି ଆମ ମାଟି ଏବଂ ଭାଷାର ଗୌରବ ବୃଦ୍ଧି କରିଛି। ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ବିସ୍ତୃତ ଆଲୋଚନା ସହ ଏହାର ପ୍ରଚାର ପ୍ରସାର ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ ନିମନ୍ତେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ କରାଯାଉଛି। ଏକ ସ୍ୱତନ୍ତ୍ର ଐତିହ୍ୟର ଶକ୍ତିଶାଳୀ ବାହକ ଭାବରେ ଭବିଷ୍ୟତପିଢ଼ିଙ୍କ ପାଖରେ କିପରି ଓଡ଼ିଆ ଭାଷାର ଆଦର ବଢ଼ିବ ଏବଂ ଆଧୁନିକ ଜ୍ଞାନକୌଶଳ ଜରିଆରେ ଆମ ଭାଷା କିପରି ଆଗକୁ ବଢ଼ିପାରିବ, ସେ ସମ୍ପର୍କରେ ବିଚାର ବିମର୍ଶ କରି ଭବିଷ୍ୟତ କାର୍ଯ୍ୟପନ୍ଥା। ▶ପୃଷ୍ଠା-୧୧

> **ସମ୍ମିଳନୀର ସଫଳତା କାମନା କଲେ ମୁଖ୍ୟମନ୍ତ୍ରୀ**
> **ଲୋଗୋର ଟ୍ୟାଗ୍‌ଲାଇନ୍ ରହିଛି 'ଭାଷା ହିଁ ଭବିଷ୍ୟତ'**

## ଲୋକକଥା



ରାଜ୍ୟ ବିକାଶକୁ ଉପହାସ କରେ
ବିରୋଧୀ ସ୍ଥିତିକୁ ଚାହିଁ,
ମନଠୁ ହୃଦୟ ସବୁ ଜଳାପୋଡ଼ା
କରୁଛି ସେ ସେଥିପାଇଁ !
ଏବେଠୁ ତ ଧଇଁସଇଁ,
ଚବିଶ ଚଉପାଇ ପାଇଲା ବେଳକୁ
ଅଣ୍ଟା ଯାଇଥିବ ନଇଁ !!

### ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩ ରିପୋର୍ଟ

# ଦେଶରେ ଓଡ଼ିଶା ୪ର୍ଥ

■ **ଭୁବନେଶ୍ୱର, ୧୧।୧ (ସମିସ):** ସାରା ଦେଶର ରାଜ୍ୟ ଓ ସହରଗୁଡ଼ିକୁ ନେଇ ଅନୁଷ୍ଠିତ ସ୍ୱଚ୍ଛ ସର୍ବେକ୍ଷଣରେ ବଡ଼ବଡ଼ ରାଜ୍ୟକୁ ପଛରେ ପକାଇ ୪ର୍ଥ ସ୍ଥାନରେ ପହଞ୍ଚିଛି ଓଡ଼ିଶା। ସହରାଞ୍ଚଳରେ ସ୍ୱଚ୍ଛତା ରକ୍ଷା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପ ସ୍ୱରୂପ ଓଡ଼ିଶାକୁ ଏହି ସଫଳତା ମିଳିଛି।

ଗୁରୁବାର କେନ୍ଦ୍ର ଗୃହ ଓ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୩ ରିପୋର୍ଟ ମହାରାଷ୍ଟ୍ର ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। ସେହିପରି ମଧ୍ୟପ୍ରଦେଶ ଦ୍ୱିତୀୟ, ଛତିଶଗଡ଼କୁ ତୃତୀୟ ସ୍ଥାନ ମିଳିଥିବାବେଳେ ଓଡ଼ିଶା ୪ର୍ଥର୍ ସ୍ଥାନ ଅଧିକାର କରିଛି। ଅନ୍ୟପଟେ ଚଳିତ ବର୍ଷ ଓଡ଼ିଶାର ଅଧିକାଂଶ ସହର ସ୍ୱଚ୍ଛ ସର୍ବେକ୍ଷଣରେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ୧ ଲକ୍ଷରୁ ଉଦ୍ଧ୍ୱର୍ ଜନସଂଖ୍ୟା ବିଶିଷ୍ଟ ସହର ସୂଚୀରେ ଭୁବନେଶ୍ୱର ୩୪ ତମ ସ୍ଥାନରେ ରହିଥିବ। ବେଳେ ପୁରୀ ୬୨ ଓ ବାଲେଶ୍ୱର ୯୯ତମ ସ୍ଥାନରେ ରହିଛି। ସେହିପରି ବ୍ରହ୍ମପୁର ୧୧୧, ରାଉରକେଲା ୧୧୯ ଓ କଟକ ୧୭୨ ତମ ସ୍ଥାନରେ ରହିଛି। ଅନୁରୂପ ଭାବରେ ୧ ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ଲୋକସଂଖ୍ୟା ଥିବା ସହର ସୂଚୀରେ ଟିକିଟି ଏନ୍‌ଏସି ଉତ୍ତମ ପ୍ରଦର୍ଶନ ସହ ଜାତୀୟସ୍ତରରେ ୧୨ ତମ ସ୍ଥାନରେ ରହିଛି। ଏହି ତାଲିକାରେ ବ୍ରଜରାଜନଗର ୭୯ ତମ ସ୍ଥାନରେ ରହିଛି। ୧୫ ହଜାର ଜନସଂଖ୍ୟା ବିଶିଷ୍ଟ ସହର (ପୂର୍ବାଞ୍ଚଳ) ଜୋନ୍‌ରେ ଜାତୀୟସ୍ତରରେ ୨ ନଂ ର୍‌ୟାଙ୍କରେ ରହିଛି ଟିକିଟି। ୧୫ରୁ୨୫ ହଜାର ଜନସଂଖ୍ୟା ବିଶିଷ୍ଟ ଏନ୍‌ଏସି (ପୂର୍ବାଞ୍ଚଳ) ଜୋନ୍‌ରେ ବ୍ରଜରାଜନଗର ୫ ନମ୍ବର ସ୍ଥାନରେ ରହିଥିବା ବେଳେ ଆସିକା ୭ମ ଓ ପୁରୁଷୋତ୍ତମପୁର ୮ ମ ସ୍ଥାନ ଅଧିକାର କରିଛି। ଏହି ଉତ୍ତମ ପ୍ରଦର୍ଶନ ଯୋଗୁଁ ଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଏମ୍‌ସି ସମେତ ଟିକିଟି ଏନ୍‌ଏସିକୁ ପୁରସ୍କୃତ କରାଯାଇଛି।

ରାଜ୍ୟ ସରକାର ସହରାଞ୍ଚଳରେ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ 'ସ୍ୱଚ୍ଛ ଓଡ଼ିଶା,ସୁସ୍ଥ ଓଡ଼ିଶା' ଅଭିଯାନ ଚଳାଇଛନ୍ତି। ଏଥିପାଇଁ ସମସ୍ତ ସହରାଞ୍ଚଳରେ ଘରକୁ ଘର ▶ପୃଷ୍ଠା-୧୧




> **ବଡ଼ ସହର ତାଲିକାରେ ୩୪ ତମ ସ୍ଥାନରେ ଭୁବନେଶ୍ୱର**
> **ଛୋଟ ସହର ତାଲିକାରେ ଟିକିଟି ପୂର୍ବାଞ୍ଚଳରେ ଦ୍ୱିତୀୟ**

# ନିପା ଭାଇରସ୍ ଟିକା ଉପରେ ମାନବ ପରୀକ୍ଷଣ ଆରମ୍ଭ



**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ବିଗତ ଦିନରେ କେରଳ ସମେତ ଦେଶର ଅନ୍ୟ କିଛି ଭାଗରେ ନିପା ଭୂତାଣୁ ଚିନ୍ତାର କାରଣ ହୋଇଛି। କିନ୍ତୁ ଏହି ଭୂତାଣୁ ଠାରୁ ମଣିଷକୁ ରକ୍ଷା କରିବା ଲାଗି ନିପା ଟିକାକୁନ୍ଇେ ଅକ୍ସଫୋର୍ଡ ୟୁନିଭରସିଟି ପକ୍ଷରୁ ମାନବ ପରୀକ୍ଷଣ ଆରମ୍ଭ କରାଯାଇଛି। ଏହି ମାରାତ୍ମକ ଜୀବାଣୁ ପାଇଁ ଏପର୍ଯ୍ୟନ୍ତ କୌଣସି ଟିକା ଉପଲବ୍ଧ ହୋଇ ନ ଥିବା ବେଳେ ଉକ୍ତ ପରୀକ୍ଷଣ ସଫଳ ହେବ ବୋଲି ଆଶା କରାଯାଉଛି। ଏହି ପରୀକ୍ଷଣରେ ଆଷ୍ଟ୍ରାଜେନେକା ଏବଂ ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର କୋଭିଡ୍ -୧୯ ସଟ ଭଳି ବୈଷୟିକ ବିଦ୍ୟା ଉପଯୋଗ କରାଯାଉଥିବା କୁହାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୮ ରୁ ୫୫ ବର୍ଷ ବୟସ୍କ ଲୋକଙ୍କୁ ନେଇ ଟିକା ପରୀକ୍ଷଣ କରାଯାଇଥିଲା ବେଳେ ଗତ ସପ୍ତାହରେ ୫୨ ଜଣ ଲୋକଙ୍କୁ ଟିକା ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରାୟ ୨୫ ବର୍ଷ ତଳେ ମାଲେସିଆରେ ନିପା ଭୂତାଣୁ ଚିହ୍ନଟ ହୋଇଥିଲା। ପରବର୍ତ୍ତୀ ସମୟରେ ବାଂଲାଦେଶ, ଭାରତ ଏବଂ ସିଙ୍ଗାପୁରରେ ମଧ୍ୟ ଏହାକୁ ଚିହ୍ନଟ କରାଯାଇଥିଲା। ବାଦୁଡିଙ୍କ ଦ୍ୱାରା ନିପା ଭୂତାଣୁ ସଂକ୍ରମିତ ହେଉଥିବା ଜଣାପଡ଼ିବା ପରେ ଟିକା ପ୍ରସ୍ତୁତି ନେଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ନିପା ଭୂତାଣୁ ସଂକ୍ରମଣ ଦ୍ୱାରା ମଣିଷର ଶ୍ୱାସଜନିତ ସମସ୍ୟା ସୃଷ୍ଟି ହେବା ସହିତ ଜ୍ୱର, ବାନ୍ତି, ମୁଣ୍ଡବିନ୍ଧା, ଗଳା ଯନ୍ତ୍ରଣା ଆଦି ସମସ୍ୟା ଦେଖାଯାଇଥାଏ।

### ଜାନୁଆରୀ ୩୧ରେ ସଂସଦର ସଂକ୍ଷିପ୍ତ ବଜେଟ୍ ଅଧିବେଶନ

# ଫେବୃଆରୀ ୧ରେ ଅନ୍ତରୀଣ ବଜେଟ୍

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଚଳିତ ମାସ ୩୧ ତାରିଖରୁ ଫେବୃଆରୀ ୯ ତାରିଖ ଯାଏଁ ସଂସଦର ସଂକ୍ଷିପ୍ତ ବଜେଟ୍ ଅଧିବେଶନ ଚାଲିବ ବୋଲି ଗୁରୁବାର ସୂଚନା ମିଳିଛି। ଏହି ଅଧିବେଶନର ପ୍ରଥମ ଦିବସରେ ଅର୍ଥାତ୍ ଜାନୁଆରୀ ୩୧ରେ ସଂସଦର ଉଭୟ ଗୃହକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧିତ କରିବେ। ଏହାପରେ ପରେ ସେହି ଦିନ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯିବ। ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୪ ମାସ ପାଇଁ ଏକ ଅନ୍ତରୀଣ ବା କାମଚଳା ବଜେଟ୍ ଉପସ୍ଥାପନ କରିବେ। ଚଳିତ ବର୍ଷ ସାଧାରଣ ନିର୍ବାଚନ ହେବାକୁ ଥିବାରୁ କେନ୍ଦ୍ର ସରକାର ଏହି କାମଚଳା ବଜେଟ ଉପସ୍ଥାପନ କରିବେ । ନିର୍ବାଚନ ପରେ ନୂଆ ସରକାର ଗଠନ ହେବା ପରେ ସଂସଦରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯିବ ବୋଲି କୁହାଯାଇଛି।ଲୋକସଭା ନିର୍ବାଚନ ପୂର୍ବରୁ ଅନ୍ତରୀଣ ବଜେଟ୍ ଉପସ୍ଥାପନ ହେବାକୁ ଥିବାରୁ ଏହା ଉପରେ ସମସ୍ତଙ୍କ ନଜର ରହିବ। କାରଣ ଭୋଟରଙ୍କୁ ଆକୃଷ୍ଟ କରିବାକୁ କେନ୍ଦ୍ର ସରକାର ଏହି ବଜେଟ୍‌ରେ କିଛି ସ୍ୱତନ୍ତ୍ର ଏବଂ ଆକର୍ଷଣୀୟ ପଦକ୍ଷେପ ଗ୍ରହଣ କରିପାରନ୍ତି । ବିଶେଷକରି ଆୟକର ସୀମାକୁ ନେଇ ସରକାର କିଛି ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିପାରନ୍ତି ବୋଲି କୁହାଯାଉଛି। ଏହାବ୍ୟତୀତ କେନ୍ଦ୍ର ସରକାର ଆଗାମୀ ନିର୍ବାଚନରେ କୃଷକ ଏବଂ ମହିଳା ଭୋଟରଙ୍କୁ ଗୁରୁତ୍ୱ ଦେବାକୁ କହିଥିଲା ବେଳେ ସେମାନଙ୍କ ପାଇଁ ମଧ୍ୟ କିଛି ସ୍ୱତନ୍ତ୍ର ଯୋଜନା ହେବାର ସମ୍ଭାବନା ରହିଛି।

### ● ଗୁଇନ୍ଦା ବିଭାଗର ସତର୍କବାଣୀ

# ଆତଙ୍କବାଦୀଙ୍କ ନିଶାଣରେ ରାମ ମନ୍ଦିର

- କଡ଼ା ସୁରକ୍ଷା ବଳୟରେ ଅଯୋଧ୍ୟାନଗରୀ
- ୧୫୦୦ ସିସିଟିଭି, ୧୦୭୧୫ ଏଆଇ କ୍ୟାମେରାରେ ରହିବ ନଜର
- ୨୨ରେ ଅଯୋଧ୍ୟା ବିମାନ ବନ୍ଦରରେ ଅବତରଣ କରିବ ୧୦୦ ଘରୋଇ ବିମାନ



ଲକ୍ଷ୍ନୌ,୧୧।୧(ଏଜେନ୍ସି)

ଆସନ୍ତା ୨୨ ରେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଭବ୍ୟ ଉତ୍ସବକୁ ନେଇ ସବୁ ମହଲରେ ଉତ୍ସାହ ଉଦ୍ଦୀପନା ଲାଗି ରହିଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ଜୋରଦାର ପ୍ରସ୍ତୁତି ଚାଲିଛି। ଯାହାକୁ ନେଇ ସମଗ୍ର ଅଯୋଧ୍ୟା ନଗରୀ ଏବଂ ଏହାର ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। କିନ୍ତୁ ଏହି ଭବ୍ୟ ଉତ୍ସବକୁ ଫିକା କରିବା ଲାଗି ଆତଙ୍କବାଦୀଙ୍କ ଚକ୍ରାନ୍ତକୁ ନେଇ ସୂଚନା ମିଳିଛି।ରାମ ମନ୍ଦିରର ଉଦଘାଟନ କାର୍ଯ୍ୟକ୍ରମ ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଥିବା ଗୁଇନ୍ଦା ବିଭାଗ ସୂଚନା ଜାରି କରିଛି। ଉତ୍ସବ ସ୍ଥଳରେ ଅଘଟଣ ଘଟାଇବା ସହିତ ଆତଙ୍କବାଦୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଏବଂ ରାଜନେତାଙ୍କୁ ମଧ୍ୟ ଟାର୍ଗେଟ କରିପାରନ୍ତି ବୋଲି ମଧ୍ୟ ଗୁଇନ୍ଦା ବିଭାଗ ସତର୍କ କରାଇଛି । କିଛି କଠୋରପନ୍ଥୀ ଏହି ଭବ୍ୟ ପରିବେଶକୁ ନଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଗୁଇନ୍ଦା ବିଭାଗ ପକ୍ଷରୁ ସୂଚନା ଜାରି କରାଯିବା ପରେ ସମସ୍ତ ସୁରକ୍ଷା ଏଜେନ୍ସି ପକ୍ଷରୁ ଏକ ବୈଠକ କରାଯିବା ସହିତ ସବୁ କ୍ଷେତ୍ରରେ ସୁରକ୍ଷା ନିଶ୍ଚିତ କରିବାକୁ ସମୀକ୍ଷା କରାଯାଇଛି। ଏଥିସହିତ କୌଣସି ଆପାଦକାଳୀନ ବିପଦର ମୁକାବିଲା ପାଇଁ ବ୍ୟାପକ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଅଯୋଧ୍ୟା ନଗରୀ ସମେତ ଏହାର ଆଖପାଖ ଅଞ୍ଚଳରେ ଅନ୍ତର୍ଘାତୀ ଶକ୍ତି ଯେଭଳି ପ୍ରବେଶ ନ କରିପାରିବେ ସେଥିନେଇ ସମସ୍ତ ସୁରକ୍ଷା ବାହିନୀକୁ ସମାରୋହ ପୂର୍ବରୁ ସଜାଗ ରହିବାକୁ କୁହାଯାଇଛି ।ଆଖପାଖ ଅଞ୍ଚଳରେ ସୁରକ୍ଷାକର୍ମୀମାନେ ନିରନ୍ତର ସଜାଗ ରହି ସର୍ଚ୍ଚ ଅପରେସନ ଜାରି ରଖିବାକୁ କୁହାଯାଇଛି। ଜାନୁଆରୀ ୨୨ରେ ଦେଶ ବିଦେଶରୁ ବହୁ ନିମନ୍ତ୍ରିତ ଅତିଥି ଏହି ଭବ୍ୟ ଉତ୍ସବରେ ଯୋଗ ଦେବାକୁ ରହିଥିବାରୁ ନବ ନିର୍ମିତ ମହର୍ଷି ବାଲ୍ମିକୀ ବିମାନ ବନ୍ଦରରେ ୧୦୦ରୁ ଅଧିକ ଘରୋଇ ବିମାନ ଅବତରଣ କରିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବିମାନ ବନ୍ଦର ସୁରକ୍ଷା ଦାୟିତ୍ୱ ସିଆଇଏସଏଫ୍ ହାତରେ ନ୍ୟସ୍ତ କରାଯାଇଛି। ସେହିପରି ନିୟମିତ ବୋଟ୍ ପାଟ୍ରୋଲିଂ ପାଇଁ ଏନଡିଆରଏଫ ଏବଂ ଏସଡିଆରଏଫକୁ ନିୟୋଜିତ କରାଯାଇଛି। ସମନ୍ୱିତ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଆଇଟିଏମ୍ଏସ୍) ବ୍ୟବସ୍ଥାରେ ନଜର ରଖିବା ଲାଗି ୧୫୦୦ ଟି ସିସିଟିଭି କ୍ୟାମେରା ଲଗାଯାଇଥିଲା ବେଳେ ଅଯୋଧ୍ୟାର ୟେଲୋ ଜୋନରେ ୧୦୭୧୫ ଏଆଇ ଆଧାରିତ କ୍ୟାମେରା ଲଗାଯାଇଛି । ଯାହା ଆଇଟିଏମଏସ୍ ସହିତ ନିରବଚ୍ଛିନ୍ନ ଭାବରେ ସଂଯୁକ୍ତ ହେବ ଏବଂ ଏଠାରୁ ତଦାରଖ କରାଯାଇପାରିବ ବୋଲି କୁହାଯାଇଛି।

## ଭିଭିଆଇପିଙ୍କୁ ମୋବାଇଲ୍, ପର୍ସ ମନା

ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ବହୁ ପ୍ରମୁଖ ବ୍ୟକ୍ତି(ଭିଭିଆଇପି)ଙ୍କ ସମାଗମ ହେବ। କିନ୍ତୁ ଭିଡ଼ ସମ୍ଭାଳିବା ଲାଗି ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ କିଛି ନିୟମ ଜାରି କରାଯାଇଛି।ଏହି ନିୟମ ଭିଭିଆଇପିଙ୍କ କ୍ଷେତ୍ରରେ ମଧ୍ୟ ଲାଗୁ କରାଯିବ। ପ୍ରାଣ ପ୍ରତିଷ୍ଠା ଦିନ ମନ୍ଦିରକୁ ପ୍ରବେଶ ସମୟରେ କୌଣସି ବ୍ୟକ୍ତି ସାଙ୍ଗରେ ମୋବାଇଲ୍ ଫୋନ୍ କିମ୍ବା ପର୍ସ ନେଇପାରିବେନି । ଏମିତିକି ସେମାନେ ସାଙ୍ଗରେ ଇୟରଫୋନ୍ କିମ୍ବା ରିମୋଟ୍ ବାଲା ଚାବି ମନ୍ଦିର ମଧ୍ୟ ମନ୍ଦିରକୁ ନେଇପାରିବେନି ବୋଲି କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ୬ହଜାରରୁ ଅଧିକ ବ୍ୟକ୍ତି ବିଶେଷଙ୍କୁ ନିମନ୍ତ୍ରଣ ପତ୍ର ପଠାଯାଇସାରିଛି । କିନ୍ତୁ ସମସ୍ତଙ୍କୁ ମୁଖ୍ୟ ପରିସରର ବାହାରେ ରହିବାକୁ ପଡ଼ିବ । ମନ୍ଦିର ପରିସରକୁ ସନ୍ଥମାନେ ନିଜର ଆଶାବାଡି ମଧ୍ୟ ନେଇପାରିବେନି । ଏମିତିକି ସେମାନଙ୍କର ଛତା, ଠାକୁର ଜୀ, ସିଂହାସନ କିମ୍ବା ପାଦୁକା ନେବାକୁ ବି ଅନୁମତି ଦିଆଯାଇନାହିଁ ।

# ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ବିରୋଧୀଙ୍କ ନା'କୁ ନେଇ ରାଜନୀତି ଜୋର୍‌ଦାର

● ବିଜେପି ଜାରିକଲା ପୋଷ୍ଟର

ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଦିନକୁ ଦିନ ପାଖେଇ ଆସୁଛି ସତ; କିନ୍ତୁ ରାଜନୀତି କମୁ ନାହିଁ।ବିଶେଷକରି ନିମନ୍ତ୍ରଣ ପାଇ ସୁଦ୍ଧା ଏହି ଭବ୍ୟ ଉତ୍ସବରେ ଯୋଗ ଦେବାକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳର ନେତା ମନା କରିଦେଇଥିବାରୁ ଏହାକୁ ନେଇ



ରାଜନୀତି ଜୋର ଧରିଛି। ପୂର୍ବରୁ ସିପିଆଇ(ଏମ) ନେତା ଏହି ଉତ୍ସବକୁ ଆସିବେ ନାହିଁ ବୋଲି କହିଥିଲା ବେଳେ ଗତକାଲି କଂଗ୍ରେସର ତିନି ଆମନ୍ତ୍ରିତ ନେତା ଏହି ଉତ୍ସବରେ ଯୋଗ ଦେବେ ନାହିଁ ବୋଲି ଦଳ ସ୍ପଷ୍ଟ କରିଥିଲା। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ସୋନିଆ ଗାନ୍ଧୀଙ୍କ ସମେତ ଲୋକସଭା ବିରୋଧୀ ନେତା ତଥା ସାଂସଦ ଅଧୀର ରଞ୍ଜନ ଚୌଧୁରୀ ମଧ୍ୟ ଯୋଗ ଦେବେ ନାହିଁ ବୋଲି ଦଳର ବରିଷ୍ଠ ନେତା ଜୟରାମ ରମେଶ କହିଥିଲେ। ଏହି କାର୍ଯ୍ୟକ୍ରମ ବିଜେପି ଏବଂ ଆରଏସ୍ଏସ୍ ପ୍ରାୟୋଜିତ କାର୍ଯ୍ୟକ୍ରମ ଏବଂ ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଏହାର ଆୟୋଜନ କରାଯାଇଥିବାରୁ କଂଗ୍ରେସ ଏଥିରେ ଯୋଗ ଦେବ ନାହିଁ ବୋଲି ସେ କହିଥିଲେ। ଏହାକୁ ନେଇ ବିଜେପି ପ୍ରତିକ୍ରିୟା ପ୍ରକାଶ କରିଥିଲା ବେଳେ ଗୁରୁବାର ଏହାର ସୋଶାଲ ମିଡିଆ ଏକାଉଣ୍ଟ 'ଏକ୍ସ'ରେ ଏକ ପୋଷ୍ଟର ଜାରି କରିଛି। ଏହି ପୋଷ୍ଟରରେ ମଲ୍ଲିକାର୍ଜୁନ ଖଡଗେ, ସୋନିଆ ଗାନ୍ଧୀଙ୍କ ସହିତ ଅଧୀର ରଞ୍ଜନ ଚୌଧୁରୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଓ ସିପିଆଇ ନେତା ସୀତାରାମ ୟେଚୁରଙ୍କ ଫଟୋ ରହିଛି। ରାମ ମନ୍ଦିର ଉତ୍ସବ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଥିବା ଚେହେରାଗୁଡ଼ିକୁ ଚିହ୍ନନ୍ତୁ ବୋଲି ଏହି ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ସେହିପରି ପୋଷ୍ଟର ତଳେ' ସନାତନ ବିରୋଧୀ ଇଣ୍ଡି ମେଣ୍ଟ' ବୋଲି ମଧ୍ୟ ଲେଖାଯାଇଛି।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ମେହବୁବା ମୁଫତି



**ଶ୍ରୀନଗର,୧୧।୧(ଏଜେନ୍ସି):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ମୁଖ୍ୟ ମେହବୁବା ମୁଫ୍ତି ଗୁରୁବାର ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେ ଅନନ୍ତନାଗ ଅଭିମୁଖେ ଯାଉଥିବା ବେଳେ ସଙ୍ଗମ୍ ନିକଟରେ ତାଙ୍କ ଗାଡ଼ି ଏକ କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ମେହବୁବାଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ଏବଂ ଅନ୍ୟ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ତେବେ ମେହବୁବା ସୁରକ୍ଷିତ ରହିଥିବା କୁହାଯାଇଛି। ଦୁର୍ଘଟଣା ବେଳେ ଗାଡ଼ିରେ ମେହବୁବା ମୁଫତି, ତାଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମଚାରୀ ଓ ଡ୍ରାଇଭର ଥିଲେ। ମେହବୁବା ଖାନାବାଲ ଠାରେ ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତ ଲୋକଙ୍କୁ ଭେଟି ଅନନ୍ତନାଗ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ତାଙ୍କ ଗାଡ଼ିର ସମ୍ମୁଖଭାଗ କ୍ଷତିଗ୍ରସ୍ତ ହୋଇଛି।

### ● ମଣିପୁରରେ ପୁଣି ହିଂସା

## ୩ ମେଇତି ଯୁବକଙ୍କୁ ହତ୍ୟା, ଜଣେ ନିଖୋଜ

● ହତ୍ୟାକାଣ୍ଡ ପଛରେ କୁକିଙ୍କ ହାତ ସନ୍ଦେହ

**ଇମ୍ଫାଲ,୧୧।୧(ଏଜେନ୍ସି):** କିଛି ଦିନର ବ୍ୟବଧାନ ପରେ ମଣିପୁରରୁ ପୁଣି ହିଂସାର ଖବର ସାମ୍ନାକୁ ଆସିଛି। ମେଇତି ଏବଂ କୁକି ସଂପ୍ରଦାୟ ମଧ୍ୟରେ ହିଂସା ଘଟି ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ନିଖୋଜ ରହିଥିବା କୁହାଯାଇଛି। ଏହି ଘଟଣା ସବୁଠାରୁ ସ୍ପର୍ଶକାତର ଜିଲ୍ଲା ବିଷ୍ଣୁପୁରରେ ଘଟିଛି। ମିଳିଥିବା ଖବର ଅନୁସାରେ ଗତକାଲି ବିଷ୍ଣୁପୁର ଜିଲ୍ଲା ଆକକୋଇ ଅଞ୍ଚଳର ୪ ଜଣ ଲୋକ ଜଙ୍ଗଲକୁ କାଠ ପାଇଁ ଯାଇ ନିଖୋଜ ହୋଇଯାଇଥିଲେ।



କିନ୍ତୁ ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ମୃତଦେହ ଗୁରୁବାର ଚୁରାଚନ୍ଦ୍ରପୁର ନିକଟରୁ ଉଦ୍ଧାର କରାଯାଇଛି। ଏହି ତିନି ମୃତକ ମେଇତି ସଂପ୍ରଦାୟର ହୋଇଥିଲା ବେଳେ ସେମାନଙ୍କ ମଧ୍ୟରେ ଜଣେ ବାପା ଏବଂ ପୁଅ ରହିଛନ୍ତି। ଅନ୍ୟ ଜଣଙ୍କ ଖବର ଏଯାଏ ମିଳିପାରି ନାହିଁ ବୋଲି ପୁଲିସ କହିଛି। ଏହି ତିନି ଜଣଙ୍କ ହତ୍ୟା ପଛରେ କୁକିଙ୍କ ହାତ ରହିଛି ବୋଲି ସନ୍ଦେହ କରାଯାଉଛି। ଗତକାଲି ବିଷ୍ଣୁପୁର ଜିଲ୍ଲାର କୁମ୍ବି ଓ ଥୋବାଲ ଜିଲ୍ଲାର ୱାଙ୍ଗୁ ମଧ୍ୟରେ ଗୁଳିକାଣ୍ଡ ଘଟିଛି। ଏହି ଘଟଣା ପରେ କୁମ୍ବି ଥାନାରେ ନିଖୋଜ ବ୍ୟକ୍ତିଙ୍କୁ ନେଇ ମାମଲା ରୁଜୁ ହୋଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ପୁଣି ସ୍ଥିତି ବିଗିଡିବା ଆଶଙ୍କାରେ ସେନା ମୁତୟନ କରାଯାଇଛି। ଏହା ପୂର୍ବରୁ ଗତ ୧ ତାରିଖରେ ଥୋବାଲର ଲିଲୋଙ୍ଗ ଅଞ୍ଚଳରେ ଅଜଣା ସଶସ୍ତ୍ର ଦୁର୍ବୃତ୍ତ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା ବେଳେ ଏହି ଘଟଣାରେ ମଧ୍ୟ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ତେଣୁ ଏହି ଅଞ୍ଚଳରେ ସେନାକୁ ସତର୍କ ରଖାଯାଇଛି।

# ଦେଶର ସର୍ବବୃହତ ସାମୁଦ୍ରିକ ସେତୁ 'ଏମ୍‌ଟିଏଚ୍‌ଏଲ୍'ର ଲୋକାର୍ପଣ ଆଜି

ମୁମ୍ବାଇ,୧୧।୧(ଏଜେନ୍ସି)



ସମୁଦ୍ର ଉପରେ ନିର୍ମାଣ କରାଯାଇଥିବା ଦେଶର ସର୍ବବୃହତ ସେତୁ 'ମୁମ୍ବାଇ ଟ୍ରାନ୍ସ ହାର୍ବର ଲିଙ୍କ (ଏମ୍‌ଟିଏଚଏଲ)'ର ନିର୍ମାଣ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି। ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଉଦଘାଟନ କରି ଜାତି ଉଦ୍ଦେଶ୍ୟରେ ସମର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ମୁମ୍ବାଇ ଏବଂ ନଭି ମୁମ୍ବାଇକୁ ସଂଯୁକ୍ତ କରୁଥିବା ଏହି ସେତୁର ଲମ୍ବ ୨୨ କିଲୋମିଟର ହୋଇଥିବା ବେଳେ ଏହା ଉପରେ ଯାତ୍ରା କରିବା ଅତ୍ୟନ୍ତ ରୋମାଞ୍ଚକର। ତେବେ ଏହା ଉପରେ ଯାତ୍ରା କରିବା ବ୍ୟୟସାପେକ୍ଷ ହେବ ବୋଲି କୁହାଯାଉଛି। ଏହି ସେତୁ ଉପରେ ଯାତ୍ରା କରିବା ନେଇ ଟୋଲ ବ୍ୟବସ୍ଥା କରାଯାଇଛି। ମହାରାଷ୍ଟ୍ର ସରକାର ଏମଟିଏଚଏଲର ୱାନ୍-ୱେ ଟୋଲ ପ୍ରସ୍ତାବକୁ ଇତିମଧ୍ୟରେ ମଞ୍ଜୁରି ଦେଇଛନ୍ତି। ଉଭୟ ଯିବା ଆସିବା ପାଇଁ ଟୋଲ ଫି ୩୭୫ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଦୈନିକ ପାସ୍ ପାଇଁ ୬୨୫ ଟଙ୍କା ଓ ମାସିକ ପାସ୍ ନିମନ୍ତେ ୧୨,୫୦୦ ଟଙ୍କା ଦେବାକୁ ପଡିବ। ଏହି ସେତୁ ଦେଇ ଦୈନିକ ୭୦ ହଜାରରୁ ଅଧିକ ଗାଡ଼ି ଯାତାୟତ କରିବ ବୋଲି ଆଶା କରାଯାଉଛି। ଏହାପୂର୍ବରୁ ମୁମ୍ବାଇରେ ସମୁଦ୍ର ଉପରେ ନିର୍ମିତ ବାନ୍ଦ୍ରା-ୱର୍ଲି ସି -ଲିଙ୍କ ତୁଳନାରେ ଏମଟିଏଚଏଲ ୪ ଗୁଣ ଅଧିକ ଲମ୍ବ ଏବଂ ୬ ଲେନ୍ ବିଶିଷ୍ଟ। ଏହି ସେତୁର ୧୬.୫ କିଲୋମିଟର ସମୁଦ୍ରରେ ଏବଂ ୫.୫ କିଲୋମିଟର ଭୂ-ଭାଗ ଉପରେ ନିର୍ମିତ ହୋଇଛି। ଏବେ ମୁମ୍ବାଇରୁ ନଭି ମୁମ୍ବାଇ ଯିବାକୁ ୨ ଘଣ୍ଟା ସମୟ ଲାଗୁଥିଲା ବେଳେ ବର୍ତ୍ତମାନ ଏହି ସେତୁ ଦେଇ ଗଲେ ମାତ୍ର ୨୦ ମିନିଟ୍ ଲାଗିବ। ଏହାଦ୍ୱାରା ମୁମ୍ବାଇ ସହରରେ ଅଧିକାଂଶ ଭାବେ ଟ୍ରାଫିକ ଜାମ ଦୂର ହେବ। ଏହି ପୋଲକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମରେ 'ଅଟଳ ସେତୁ' ରଖାଯାଇଛି।

## ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ବିରୋଧରେ ୬ ରାଜ୍ୟରେ ଏନ୍ଆଇ ଚଢ଼ଉ



**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ବେଆଇନ ଘୋଷିତ ବବର ଖାଲସା ଇଣ୍ଟରନାସନାଲ ଏବଂ ଲରେନ୍ସ ବିଷ୍ଣୋଇ ନେଟ୍‌ୱର୍କ ବିରୋଧରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଗୁରୁବାର ବିଭିନ୍ନ ରାଜ୍ୟରେ ଚଢଉ କରିଛି। ଛଅ ରାଜ୍ୟରେ ପ୍ରାୟ ୩୨ଟି ଠିକଣା ଉପରେ ଚଢଉ କରାଯାଇଛି ବୋଲି ଏନଆଇଏ'ର ଜଣେ ବରିଷ୍ଠ ପ୍ରବକ୍ତା ସୂଚନା ଦେଇଛନ୍ତି। ଏହି ସମୟରେ ଏନଆଇଏ ବହୁ ମାରାତ୍ମକ ଅସ୍ତ୍ରଶସ୍ତ୍ର ଏବଂ ଗୋଳା ବାରୁଦ, ଦସ୍ତାବିଜ୍, ଡିଜିଟାଲ ରେକର୍ଡ ଏବଂ ନଗଦ ଟଙ୍କା ଜବତ କରିଥିବା କହିଛି। ଗୁରୁବାର ସକାଳେ ପଞ୍ଜାବ, ହରିୟାଣା, ରାଜସ୍ଥାନ, ୟୁପି, ଦିଲ୍ଲୀ ଏବଂ ଚଣ୍ଡିଗଡ଼ରେ ଚଢଉ କରାଯାଇ ଏହି ସାମଗ୍ରୀ ଜବତ କରାଯାଇଛି।

## ଆଫଗାନିସ୍ତାନରେ ୬.୧ ତୀବ୍ରତାର ଭୂକମ୍ପ

### ଝଟ୍‌କାରେ ଥରିଲା ଦିଲ୍ଲୀ ସମେତ ଉତ୍ତର ଭାରତ

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଦିଲ୍ଲୀ ସମେତ ନୋଏଡା, ଗାଜିଆବାଦ୍, ଗୁରୁଗ୍ରାମ ଏବଂ ଫରିଦାବାଦ୍ ଆଦି ଏନସିଆର ଅଞ୍ଚଳ ଗୁରୁବାର ଅପରାହ୍ନରେ ଭୂକମ୍ପ ଝଟ୍‌କାରେ ଥରିଛି। ଗୁରୁବାର ଅପରାହ୍ନ ପ୍ରାୟ ୨ଟା ୫୦ ମିନିଟ୍‌ରେ ଆଫଗାନିସ୍ତାନରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହେବା ପରେ ଏହାର ପ୍ରଭାବରେ ଉତ୍ତର ଭାରତ ମଧ୍ୟ ଥରିଛି। ନ୍ୟାସନାଲ ସେଣ୍ଟର ଫର୍ ସିସ୍‌ମୋଲୋଜି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଆଫଗାନିସ୍ତାନରେ ଭୂଗର୍ଭର ପ୍ରାୟ ୨୨୦ କିମି ତଳେ ଭୂକମ୍ପ ସୃଷ୍ଟି ହୋଇଥିଲା ବେଳେ ଏହାର ତୀବ୍ରତା ରିକ୍ଟର ସ୍କେଲରେ ୬.୧ ରହିଥିଲା। ଏହାର କେନ୍ଦ୍ରସ୍ଥଳ ଫୈଜାବାଦ ରହିଥିଲା। ଏହାକୁ ନେଇ ଆଫଗାନିସ୍ତାନରେ ଆତଙ୍କ ଖେଳିଯାଇଛି। ଭୟରେ ଲୋକମାନେ ନିଜ ଘରୁ ବାହାରୁ ନାହାନ୍ତି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି କ୍ଷୟକ୍ଷତିର ଖବର ଆସି ନାହିଁ। କେବଳ କିଛି ବଡ଼ ବଡ଼ ଅଟ୍ଟାଳିକାରେ ଫାଟ ସୃଷ୍ଟି ହୋଇଥିବା କୁହାଯାଇଛି। ତେବେ ଭୂକମ୍ପର ପ୍ରଭାବ ପାକିସ୍ତାନ ସମତେ ଉତ୍ତର ଭାରତର ବିଭିନ୍ନ ଅଞ୍ଚଳରେ ଅନୁଭୂତ ହୋଇଛି। ଇସଲାମବାଦ୍ ସମେତ ଲାହୋର ଏବଂ ଖାଇବର ପଖତୁନଖ୍ୱା ଅଞ୍ଚଳରେ ଭୂକମ୍ପ ପ୍ରଭାବ ଦେଖିବାକୁ ମିଳିଥିଲା ବେଳେ ଏଠାରେ ମଧ୍ୟ ଲୋକମାନଙ୍କ ଭିତରେ ଆତଙ୍କ ଖେଳିଯାଇଛି। ସେହିପରି ଦିଲ୍ଲୀ ସମେତ ଏନସିଆର ଅଞ୍ଚଳରେ କିଛି ସମୟ ପାଇଁ ଲୋକମାନେ ବାହାରକୁ ଚାଲି ଆସିବା ସହ ଭୟଭୀତ ହୋଇପଡ଼ିଥିବା କୁହାଯାଇଛି।

### ସାମ୍ନାକୁ ଆସିଲା ୟୁରୋପୀୟ ସଂଘ ରିପୋର୍ଟ

# ନିର୍ବାଚନ ଜିତିବାକୁ ଭାରତବିରୋଧୀ ଏଜେଣ୍ଡା ପ୍ରସ୍ତୁତ କରିଥିଲେ ମୋଇଜ୍ଜୁ



**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ମାଳଦ୍ୱୀପ ଏବଂ ଭାରତ ମଧ୍ୟରେ ଚାଲିଥିବା ବିବାଦ ଏବେ ବେଳକୁ ବେଳ ଜଟିଳ ହେଉଥିବା ବେଳେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୋଇଜ୍ଜୁ ୫ ଦିନିଆ ଚୀନ୍ ଗସ୍ତରେ ଯାଇଛନ୍ତି। ତାଙ୍କର ଏହି ଗସ୍ତ ମାଳଦ୍ୱୀପର ପରମ୍ପରାକୁ ଭାଙ୍ଗିଛି। କାରଣ ପୂର୍ବରୁ ଏଠାକାର କୌଣସି ରାଷ୍ଟ୍ରମୁଖ୍ୟ ନିର୍ବାଚନରେ ବିଜୟୀ ହୋଇ କ୍ଷମତାକୁ ଆସିବା ପରେ ପ୍ରଥମେ ଭାରତ ଗସ୍ତ କରିବାର ନଜିର ରହିଛି। କିନ୍ତୁ ଚୀନ୍ ମୋହରେ ପଡ଼ିଥିବା ମୋଇଜ୍ଜୁ ଭାରତ ବିରୋଧୀ ଆଭିମୁଖ୍ୟ ନେଇ ଏହି ପରମ୍ପରାକୁ ଭାଙ୍ଗିଛନ୍ତି। କେବଳ ସେତିକି ନୁହେଁ , ମୋଇଜ୍ଜୁ ନିର୍ବାଚନରେ ବିଜୟୀ ହେବା ଲାଗି କିଭଳି ଭାରତ ବିରୋଧୀ ଏଜେଣ୍ଡା ପ୍ରସ୍ତୁତ କରିଥିଲେ ସେନେଇ ମଧ୍ୟ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଗତବର୍ଷ ସେପ୍ଟେମ୍ବର ମାସରେ ଏଠାରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଏହି ସମୟରେ ଶାସକ ଦଳର ପ୍ରୋଗେସିଭ୍ ପାର୍ଟି ଅଫ୍ ମାଳଦ୍ୱୀପ (ପିପିଏମ୍) ଏବଂ ପିପୁଲ୍ସ ନ୍ୟାସନାଲ କଂଗ୍ରେସ (ପିଏନସି)ର ମେଣ୍ଟ ନିର୍ବାଚନୀ ପ୍ରଚାର ସମୟରେ କିଭଳି ଭାରତ ବିରୋଧୀ ଏଜେଣ୍ଡା ପ୍ରସ୍ତୁତ କରିଥିଲେ ସେ ସମ୍ପର୍କରେ ୟୁରୋପୀୟ ୟୁନିଅନ୍ (ଇୟୁ)ର ୟୁରୋପୀୟ ନିର୍ବାଚନ ପର୍ଯ୍ୟବେକ୍ଷଣକାରୀ ମିଶନ ( ଇୟୁ ଇଓଏମ୍) ଏକ ରିପୋର୍ଟ ପ୍ରକାଶ କରିଛି। ଗତ ସେପ୍ଟେମ୍ବର ମାସରେ ୯ ଏବଂ ୩୦ ତାରିଖରେ ଦୁଇଟି ପର୍ଯ୍ୟାୟରେ ମାଳଦ୍ୱୀପରେ ରାଷ୍ଟ୍ରପତି ନିର୍ବାଚନ କରାଯାଇଥିଲା ବେଳେ ପ୍ରାୟ ୧୧ ସପ୍ତାହ ଧରି ଇୟୁ ଇଓଏମ୍ ଏହା ଉପରେ ନଜର ରଖିଥିଲା। ତେବେ ଏହି ସମୟରେ ବର୍ତ୍ତମାନର ମେଣ୍ଟ ଶାସକ ଦଳ ନିର୍ବାଚନରେ ଜିତିବା ପାଇଁ ଭାରତ ବିରୋଧୀ ଏଜେଣ୍ଡା ଚଳାଇଥିଲା ବୋଲି କୁହାଯାଇଛି। ଗତ ୯ ତାରିଖରେ ଏହି ରିପୋର୍ଟ ପ୍ରକାଶ ପାଇବା ପରେ ମୋଇଜ୍ଜୁଙ୍କ ଭାରତ ବିରୋଧୀ ଆଭିମୁଖ୍ୟ କିଭଳି ରହିଛି ତାହା ସ୍ପଷ୍ଟ ହୋଇଛି। ରିପୋର୍ଟ ଅନୁଯାୟୀ, ନିର୍ବାଚନ ଜିତିବା ପାଇଁ ଏହି ମେଣ୍ଟ ଭାରତ ବିରୋଧୀ ଏଜେଣ୍ଡା ସୃଷ୍ଟି କରିବା ସହିତ ଭାରତ ବିରୋଧରେ ଦେଶରେ ମିଥ୍ୟା ପ୍ରଚାର କରୁଥିଲା। ଏପରିକି ଭାରତ ସହ ସମ୍ପର୍କ ବଢିଲେ ମାଳଦ୍ୱୀପ ପାଇଁ ବିପଦ ବୋଲି ମଧ୍ୟ ପ୍ରଚାର କରାଯାଇଥିଲା। ମାଳଦ୍ୱୀପରେ ଭାରତୀୟ ସେନାର ଉପସ୍ଥିତି ମଧ୍ୟ ଚିନ୍ତାଜନକ ବୋଲି କୁହାଯିବା ସହିତ ଭାରତ ତୁରନ୍ତ ଏଠାରୁ ନିଜ ସେନାକୁ ପ୍ରତ୍ୟାହାର କରିନେଉ ବୋଲି ନାରା ଦିଆଯାଇଥିଲା। ଏପରିକି ଭାରତ ବିରୋଧରେ ଅନଲାଇନ୍ ପ୍ରଚାର ଅଭିଯାନ ଆରମ୍ଭ କରାଯାଇଥିଲା ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।

ସକାଳ
THE SAKALA
RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-198 ◆BHUBANESWAR ◆FRIDAY ◆12 JANUARY 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୧୯୮ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୨ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

## ଆଜିଠୁ ଖସିବ ତାପମାତ୍ରା

**ଭୁବନେଶ୍ୱର, ୧୧।୧(ସମିସ):** ଶୁକ୍ରବାର ରାତିରୁ ବଢ଼ିବ ଶୀତର ପ୍ରକୋପ। ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରାରେ ହ୍ରାସ ଯୋଗୁଁ ଶୀତର ପ୍ରକୋପ ବୃଦ୍ଧି ପାଇବ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୪ ଘଣ୍ଟା ପରେ ରାଜ୍ୟକୁ ଥଣ୍ଡା ଓ ଶୁଷ୍କ ବାୟୁ ପ୍ରବାହ ବଢ଼ିବ। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ ୨-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ। ଅନ୍ୟପଟେ ଶୁକ୍ରବାର ସକାଳ ସୁଦ୍ଧା ରାଜ୍ୟର ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗିର ଓ ନବରଙ୍ଗପୁର ଆଦିରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଶୁକ୍ରବାର ପରେ କୁହୁଡ଼ିର ପ୍ରକୋପ କମିବାକୁ ଥିବା ବେଳେ ପରବର୍ତ୍ତୀ ସମୟରେ ଶୀତର ପ୍ରକୋପ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଆଜି ପରିକ୍ରମା ପ୍ରକଳ୍ପ ହସ୍ତାନ୍ତର କରିବ ଓବିସିସି



**ପୁରୀ,୧୧।୧(ସମିସ):** ବହୁ ବାଦବିବାଦ ପରେ ଏବେ ବାସ୍ତବତାର ରୂପ ନେଇଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଆସନ୍ତା ୧୭ ତାରିଖରେ ଏହା କୋଟି କୋଟି ଭକ୍ତଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବ। ଏହି ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ନେଇଥିବା ଓବିସିସି ଶୁକ୍ରବାର ଏହାକୁ ପ୍ରଶାସନକୁ ହସ୍ତାନ୍ତର କରିବ। ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବାକୁ ଆସୁଥିବାରୁ ସୁରକ୍ଷା ଦୃଷ୍ଟିକୋଣରୁ ପ୍ରଶାସନ ୧୪ ତାରିଖରେ ପୂରା ପ୍ରକଳ୍ପକୁ ପୁଲିସକୁ ହସ୍ତାନ୍ତର କରିବ। ଗୁରୁବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ପ୍ରକଳ୍ପ ଲୋକାର୍ପଣ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିବା ବେଳେ ଏହାର କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ଏହି ଅବସରରେ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ପରିକ୍ରମା ପ୍ରକଳ୍ପ କାମ ପ୍ରାୟ ଶେଷ ହୋଇଯାଇଛି, ଯାହା ବି ଛୋଟମୋଟ କାମ ବାକି ରହିଛି, ତାହାକୁ ସମ୍ପୂର୍ଣ୍ଣ କରି ଶୁକ୍ରବାର ଓବିସିସି ହସ୍ତାନ୍ତର କରିବ। ପରିଚାଳନା କମିଟି ସଦସ୍ୟ ଦୁର୍ଗାପ୍ରସାଦ ଦାସ ମହାପାତ୍ର କହିଛନ୍ତି, ପରିକ୍ରମା ପ୍ରକଳ୍ପର ଲ୍ୟାଣ୍ଡସ୍କେପ୍, ବଫର୍ ଜୋନ୍ ସମେତ ଅନ୍ୟ ସମସ୍ତ କାମ ପ୍ରାୟ ସରିଥିବା ଓବିସିସି ଅଧିକାରୀ ଜଣାଇଛନ୍ତି। ଏବେ ପ୍ରକଳ୍ପ ପରିସର ସଫା କରାଯାଉଛି। ଅଗ୍ନିଶମ ବିଭାଗ ଓ ପୌରସଂସ୍ଥା ପକ୍ଷରୁ ଯେଉଁଠି ଯାହା ଆବର୍ଜନା ପଡ଼ିଥିଲା, ତାହା ସଫା କରାଯିବା ସହ ପାଣି ସିଞ୍ଚନ ହେଉଛି। ଶୁକ୍ରବାର ସୁଦ୍ଧା ଓବିସିସି ହସ୍ତାନ୍ତର କରିଦେବ।

### ଜଗନ୍ନାଥବଲ୍ଲଭରେ ଅତିଥି ଦେଖିବେ ପ୍ରଦର୍ଶନୀ

ଲୋକାର୍ପଣ ଉତ୍ସବରେ ଦେଶର ପ୍ରମୁଖ ଦେବପୀଠର ମୁଖ୍ୟ, ସାଧୁସନ୍ଥ, ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଛି। ଅନେକ ଅତିଥି ସେମାନଙ୍କ ଗସ୍ତକୁ ନିଶ୍ଚିତ କରିଥିବା ବେଳେ ଏବେ ଅନେକ ସେମାନଙ୍କ ଆଗମନ ସଂପର୍କରେ ଜଣାଉଛନ୍ତି। ତେବେ ଅତିଥିମାନେ ଶ୍ରୀସେତୁ ଦେଇ ଜଗନ୍ନାଥ ବଲ୍ଲଭ ପିଲିଗ୍ରିମ୍ ସେଣ୍ଟର (ଶ୍ରୀସେତୁ)ରେ ପହଞ୍ଚିବେ। ସେଠାରେ ଗାଡ଼ି ପାର୍କିଂ କରିବେ। ଜଗନ୍ନାଥ ବଲ୍ଲଭ ପରିସରରେ ମହାପ୍ରଭୁଙ୍କ ବିଭିନ୍ନ ବେଶ, ତିନିରଥ, ବସ୍ତ୍ର, ଅବ୍ୟବହୃତ ସାମଗ୍ରୀ ଇତ୍ୟାଦିକୁ ନେଇ ହେଉଥିବା ପ୍ରଦର୍ଶନୀ ବୁଲିବେ। ଅତିଥିଙ୍କୁ ଯୋଡ଼ିଶଙ୍ଖ, ଲଉଡ଼ି ଖେଳ ଆଦି ମାଧ୍ୟମରେ ସ୍ୱାଗତ କରାଯିବ। ସେଠାରୁ ସେମାନେ ଶ୍ରୀଦାଣ୍ଡ ଦେଇ ପ୍ରକଳ୍ପସ୍ଥଳରେ ପହଞ୍ଚିବେ। ଯେଉଁମାନଙ୍କୁ ଯଜ୍ଞମଣ୍ଡପକୁ ନିମନ୍ତ୍ରଣ କରାଯାଇଥିବ, ସେମାନେ ମଣ୍ଡପ ନିକଟରେ ବସିବେ। ସେହିପରି ଯେଉଁମାନଙ୍କୁ ସଭାସ୍ଥଳକୁ ନିମନ୍ତ୍ରିତ କରାଯାଇଥିବ, ସେମାନେ ସଭାସ୍ଥଳରେ ବସିବେ। ସଭାସ୍ଥଳରେ ଯେଉଁମାନେ ବସିଥିବେ, ସେମାନେ ଏଲ୍‌ଇଡି ମାଧ୍ୟମରେ ଲୋକାର୍ପଣର ସିଧା କାର୍ଯ୍ୟକ୍ରମ ଦେଖିପାରିବେ। ଯଜ୍ଞସ୍ଥଳରେ ଛତିଶା ନିଯୋଗ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଏବଂ ଅନ୍ୟ ଅତିଥିଙ୍କ ପାଇଁ ଉତ୍ତର ପାର୍ଶ୍ୱ ମଠ ନିକଟରେ ବସିବା ପାଇଁ ବ୍ୟବସ୍ଥା ହୋଇଛି। ପ୍ରାୟ ୯୦୦ ଅତିଥି ଯୋଗଦେଉଥିବା ସୂଚନା ମିଳିଛି।

### ସନ୍ଧ୍ୟାରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'

୧୭ ତାରିଖ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ସନ୍ଧ୍ୟାରେ ପ୍ରକଳ୍ପ ପରିସରରେ ଆକର୍ଷଣୀୟ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' କରାଯିବ। ବିଭିନ୍ନ କାହାଣୀକୁ ନେଇ ହେବାକୁ ଥିବା ଏହି ଶୋ'କୁ ଅତିଥି ଓ ଭକ୍ତମାନେ ଏହା ଦେଖିପାରିବେ। ସେହିପରି ରାତି ୮ଟା ପରଠାରୁ ପ୍ରକଳ୍ପ ପରିସର ବିଭିନ୍ନ ଛୋଟ ଛୋଟ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିରେ ଓଡ଼ିଶୀ, ସମ୍ବଲପୁରୀ ଡାଲ୍‌ଖାଇ, ପାଇକ୍ ନୃତ୍ୟ, ବନାଟି, ସାହିଯାତ, ମାହାରୀ ସମେତ ବିଭିନ୍ନ ପ୍ରକାର ନୃତ୍ୟ ହେବ। ତେବେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଯେଉଁମାନେ ଦାୟିତ୍ୱରେ ଅଛନ୍ତି ସେମାନଙ୍କୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ପରିଚାଳନା କମିଟି ବୈଠକରେ କୁହାଯାଇଛି। ଏତଦ୍‌ବ୍ୟତୀତ ଇଭେଣ୍ଟ ମ୍ୟାନେଜମେଣ୍ଟ ମଧ୍ୟ ବୈଠକରେ ତାଙ୍କର ଉପସ୍ଥାପନ ରଖିଥିଲେ। ମୋଟାମୋଟି ଭକ୍ତ, ଦର୍ଶନାର୍ଥୀ ଯେପରି ଭଲ ଅନୁଭୂତି ନେଇ ଫେରିବେ, ତା' ଉପରେ ଫୋକସ ଦିଆଯାଉଛି ବୋଲି ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି।

### ଶୁଭେଚ୍ଛା ବାର୍ତ୍ତା ପଠାଇଲେ ଶଙ୍କରାଚାର୍ଯ୍ୟ

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ଯୋଗଦେବା ଲାଗି ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଦୁଇଥର ନିମନ୍ତ୍ରଣ କରାଯାଇଛି। ମାତ୍ର କାର୍ଯ୍ୟବ୍ୟସ୍ତତା ଭିତରେ ଗୁରୁଜୀ ରହିଥିବାରୁ ତାଙ୍କର ଶୁଭେଚ୍ଛା ବାର୍ତ୍ତା ପଠାଇଛନ୍ତି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ତେବେ ଗୁରୁଜୀ ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ଯୋଗଦେବାକୁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଯୋଗଦେଇ ନ ପାରନ୍ତି ସେଥିପାଇଁ ଶୁଭେଚ୍ଛା ବାର୍ତ୍ତା ପଠାଇଛନ୍ତି ବୋଲି ମୁଖ୍ୟ ପ୍ରଶାସକ ଶ୍ରୀ ଦାସ କହିଛନ୍ତି।

# ରାତିକରେ ୨ ଏଟିଏମ୍‌ରୁ ୨୬ ଲକ୍ଷ ଲୁଟ୍

**ବାଲେଶ୍ୱର/ସୋର/ଖଇରା/ଖୁଣ୍ଟା, ୧୧।୧(ସମିସ):** ବାଲେଶ୍ୱର ଜିଲ୍ଲାର ସୋର ଓ ଖଇରା ଥାନା ଅଞ୍ଚଳରୁ ଗୋଟିଏ ରାତିରେ ୨ଟି ଏଟିଏମ୍‌ରୁ ୨୬ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ସୋରସ୍ଥିତ ପିଏନ୍‌ବି ଏଟିଏମ୍ ମେସିନ୍‌ରୁ ୬ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ବେଳେ ଖଇରାସ୍ଥିତ ଆକ୍ସିସ୍ ବ୍ୟାଙ୍କ ଏଟିଏମ୍‌ରୁ ୨୦ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଲୁଟ୍ ପରେ ଦୁର୍ବୃତ୍ତମାନେ ଫେରୁଥିବା ବେଳେ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଧୀନ ଚମ୍ପାଗଡ଼ି ଗାଁ ନିକଟରେ ସେମାନେ ପୁଲିସ ହାବୁଡରେ ପଡ଼ି ଯାଇଥିଲେ। କିନ୍ତୁ ଧରାପଡ଼ିଯିବା ଭୟରେ ଲୁଟେରାମାନେ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ।

■ ସୋର ପିଏନ୍‌ବିରୁ ୬ ଲକ୍ଷ, ଖଇରା ଆକ୍ସିସରୁ ୨୦ ଲକ୍ଷ
■ ଧରାପଡ଼ିଯିବା ଭୟରେ ଗାଡ଼ି ଛାଡ଼ି ଫେରାର୍

ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ମଙ୍ଗଳପୁର ବଜାରରେ ଥିବା ପଞ୍ଜାବ ନେସନାଲ ବ୍ୟାଙ୍କ ଏଟିଏମରୁ ବୁଧବାର ବିଳମ୍ବିତ ରାତିରେ ୬ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ୪/୫ ଜଣ ଯୁବକ ଏଟିଏମରେ ପଶି ମେସିନକୁ ଗ୍ୟାସ କଟର୍‌ରେ କାଟି ଲୁଟ୍ କରିଥିଲେ। ଏହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଗୁରୁବାର ସକାଳେ ସ୍ଥାନୀୟ ଲୋକେ ଏ ବାବଦରେ ଜାଣିବା ପରେ ସୋର ପୁଲିସକୁ ଖବର ଦେଇଥିଲେ। ସୋର ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଏବଂ ଏସ୍ଆଇ ଇତିପ୍ରିୟା ଦାସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛନ୍ତି। ବ୍ୟାଙ୍କ ତରଫରୁ ଏ ନେଇ ଥାନାରେ ଅଭିଯୋଗ ହୋଇଛି।

ସେହିପରି ଖଇରା ଥାନା ଅଧୀନ ତୁଡିଗଡ଼ିଆ ବଜାରସ୍ଥିତ ଆକ୍ସିସ ବ୍ୟାଙ୍କ ଏଟିଏମ୍ କାଟି ଭାଙ୍ଗି ଦୁର୍ବୃତ୍ତ ୨୦ଲକ୍ଷ ଟଙ୍କା ନେଇ ପଳାଇଛନ୍ତି। ଏଭଳିକି ଜନସାଧାରଣଙ୍କୁ ବୋମା ଫୁଟାଇ ଭୟଭୀତ କରିଥିବା ନେଇ ବଜାରବାସୀ ପ୍ରକାଶ କରିଛନ୍ତି। ଖଇରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ୨ଟି ବଲେରୋରେ ୬ରୁ ଅଧିକ ବ୍ୟକ୍ତି ବୁଧବାର ରାତିରେ ଏହି ଏଟିଏମରେ ପଶିଥିଲେ। ଗ୍ୟାସ କଟର୍‌ରେ ସେମାନେ ଏଟିଏମ କାଟି ଟଙ୍କା ନେଇ ପଳାଇଥିଲେ। ବୋମା ଫୁଟିବା ଶବ୍ଦ ଶୁଣି ଲୋକେ ପହଞ୍ଚିବା ବେଳକୁ ଦୁର୍ବୃତ୍ତମାନେ ଫେରାର୍ ହୋଇ ଯାଇଥିଲେ।

ଜିଲ୍ଲାର ବିଭିନ୍ନ ଥାନା ଏହା ଜାଣିବା ପରେ ସତର୍କ ହୋଇ ଉଠିଥିଲା। ତେବେ ପୁଲିସ ଭୟରେ ଲୁଟେରା ମୟୂରଭଞ୍ଜ ଜିଲ୍ଲାରେ ପ୍ରବେଶ କରିଥିଲେ। ବାଲେଶ୍ୱର ପୁଲିସ ଏହା ଜାଣିପାରି ସଙ୍ଗେ ସଙ୍ଗେ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଓ ଉଦଳା



ପୁଲିସକୁ ସୂଚନା ଦେଇଥିଲା। ଖୁଣ୍ଟା ଥାନ ଆଇଆଇସି ସୁଜାତା ଖମାରୀଙ୍କ ନେତୃତ୍ୱରେ ଗଠିତ ଟିମ୍ ଥାନା ଅଧୀନର ବିଭିନ୍ନ ଛକରେ ଜଗି ରହିଥିଲେ। ବିଳମ୍ବିତ ରାତିରେ ଦାମୋଦରପୁର-ବଡ଼ସାହି ରାସ୍ତା ଦେଇ ଲୁଟେରା ଗ୍ୟାଙ୍ଗର ଗାଡ଼ି ଯାଉଥିବା ବେଳେ ଖୁଣ୍ଟା ପୁଲିସ ସମ୍ପୃକ୍ତ ଗାଡ଼ିର ପିଛା କରିଥିଲା। ଲୁଟେରା ପୁଲିସ ଗାଡ଼ି ଦେଖି ଚମ୍ପାଗଡ଼ି ଗ୍ରାମ ଦେଇ ଯାଇଥିବା ଗଙ୍ଗାହାର ନଦୀ ରାସ୍ତାରେ ଚମ୍ପଟ ମାରିବା ଚେଷ୍ଟା କରିଥିଲେ। ହେଲେ ଗଙ୍ଗାହାର ନଦୀରେ ଥିବା ଏକ ବାଉଁଶ ପୋଲରେ ଗାଡ଼ିଟି ଅଟକି ରହିଥିଲା। ଲୁଟେରା ଗାଡ଼ି ଛାଡ଼ି ଅନ୍ଧାରରେ ଖସି ପଳାଇଥିଲେ। କାର୍‌ରୁ ଗ୍ୟାସ୍ କଟର୍, ସ୍ପ୍ରେ' ଏବଂ ମାସ୍କ, ଲୁଟେରାଙ୍କ ପ୍ୟାଣ୍ଟସାର୍ଟ ଇତ୍ୟାଦି ଜବତ ହୋଇଛି।

## ସିମୁଳିଆ ବିଡିଓଙ୍କ ଝୁଲନ୍ତା ଶବ ଉଦ୍ଧାର

**ସିମୁଳିଆ/ବାରିପଦା, ୧୧।୧(ସମିସ):** ବାଲେଶ୍ୱର ଜିଲ୍ଲା ସିମୁଳିଆ ବିଡିଓ ବିଶ୍ୱଜିତ ମହାନ୍ତି(୫୮)ଙ୍କ ଝୁଲନ୍ତା ଶବ ମାର୍କୋଣାସ୍ଥିତ ତାଙ୍କ ସରକାରୀ ବାସଭବନରୁ ଜବତ ହୋଇଛି। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶ୍ରୀ ମହାନ୍ତି ଗୁରୁବାର ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ୧୨ଟାରେ



ସରକାରୀ ବାସଭବନକୁ ଆସିଥିଲେ। ଦିନ ୧ଟାରେ ଜିଲ୍ଲାପାଳଙ୍କ ସହ ଭିଡିଓ କନଫରେନ୍ସ ଥିଲା; ମାତ୍ର ସେ ଯୋଗ ଦେଇ ନଥିଲେ। ସାଢ଼େ ୩ଟାରେ କର୍ମଚାରୀମାନେ ତାଙ୍କ ବାସଭବନକୁ ଆସି ଡାକିଥିଲେ ହେଁ ସେ କବାଟ ଖୋଲି ନଥିଲେ। ସନ୍ଦେହ ହେବାରୁ ସିମୁଳିଆ ତହସିଲଦାର ସୁନୀଲ ଟୁଡୁ, ବ୍ଲକ୍ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ ଏବଂ ବ୍ଲକ କର୍ମଚାରୀଙ୍କ ଉପସ୍ଥିତିରେ କବାଟ ଖୋଲା ଯାଇଥିଲା। ଭିତରେ ଶ୍ରୀ ମହାନ୍ତିଙ୍କ ଶବ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡାଙ୍କ ସମେତ ବହୁ ନେତା, କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅପରପକ୍ଷେ ବିଶ୍ୱଜିତଙ୍କ ମୃତ୍ୟୁରେ ତାଙ୍କ ବାପା ନରେନ୍ଦ୍ର ମହାନ୍ତି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସେ କହିଛନ୍ତି ଯେ ବିଶ୍ୱଜିତ୍ ଅକ୍ଟୋବର ୨୫ରେ ସିମୁଳିଆ ବିଡିଓ ଭାବେ ଯୋଗ ଦେଇଥିଲେ। ତାଙ୍କୁ ଘରକୁ ଆସିବା ପାଇଁ ଛୁଟି ମିଳୁ ନଥିଲା। ଥରେ ମାତ୍ର ସେ ତାଙ୍କ ପତ୍ନୀଙ୍କ ପାଖକୁ ଉଦଳା ଯାଇଥିଲେ। ଘରକୁ ଆସିପାରୁ ନଥିବାରୁ ସେ ମାନସିକ ଚିନ୍ତାରେ ରହୁଥିଲା।

## ସମିତି ସଭ୍ୟଙ୍କୁ ଗୁଳିମାଡ଼

**ପୋଲସରା, ୧୧।୧ (ସମିସ):** ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅନ୍ତର୍ଗତ ଗରେଇଝୁଳି ଗ୍ରାମର ସମିତି ସଭ୍ୟ ନରେନ୍ଦ୍ର ସ୍ୱାଇଁଙ୍କୁ ଗୁଳିମାଡ଼ ହୋଇଛି। ବୁଧବାର ରାତି ପ୍ରାୟ ୧୧ଟା ବେଳେ ଏହି ଆପରାଧିକ ଘଟଣା ଘଟିଛି। ସୂଚନାନୁଯାୟୀ, ଗାଁର କିଛି ଯୁବକ ମଦ ପିଇ ସମିତି ସଭ୍ୟ ଶ୍ରୀ ସ୍ୱାଇଁଙ୍କ ଘର ଦେଇ ଦ୍ରୁତ ଗତିରେ ବାଇକ୍‌ରେ ଯାଇଥିଲେ। ଏହାକୁ ନେଇ ଶ୍ରୀ ସ୍ୱାଇଁଙ୍କ ପରିବାରଲୋକ ଆପତ୍ତି କରିବାରୁ ଅଭିଯୁକ୍ତମାନେ ପଛକୁ ଫେରି ଉତ୍ପାତ କରିଥିଲେ। ନରେନ୍ଦ୍ର ଘଟଣାସ୍ଥଳରେ



ପହଞ୍ଚି ଯୁବକମାନଙ୍କୁ ବୁଝାସୁଝା କରିଥିଲେ ହେଁ ସେମାନେ କିଛି ଶୁଣିନଥିଲେ। ଉତ୍‌କ୍ଷିପ୍ତ ଯୁବକମାନେ ଏକ ଦେଶୀ ବନ୍ଧୁକ ଆଣି ନରେନ୍ଦ୍ରଙ୍କ ଦୁଇ ଗୋଡ଼କୁ ଗୁଳି କରିଥିଲେ। ସାଙ୍ଗରେ ଯାଇଥିବା ସିଦ୍ଧେଶ୍ୱର ଜେନା ଓ ରାଜେଶ୍ୱର ସ୍ୱାଇଁ ମଧ୍ୟ ଆହତ ହୋଇଥିଲେ। ନରେନ୍ଦ୍ରଙ୍କୁ ପ୍ରଥମେ ବୁଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁର ମେଡିକାଲରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ପହଞ୍ଚି ନରେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ନିର୍ବାଚନମଣ୍ଡଳୀ ସଭାପତି ସୁଶାନ୍ତ କୁମାର ପୋଲେଇ, ସୁକାନ୍ତ ଭୂୟାଁଙ୍କ ସମେତ ସମସ୍ତ ପରିବାର ପରିଜନମାନେ ଉପସ୍ଥିତ ଥିଲେ। ଅନ୍ୟପଟେ, ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲା। ପୁଲିସ ଗୋଟିଏ ଦେଶୀ ବନ୍ଧୁକ ଜବତ କରିବା ସହ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ୩ ବାଘଛାଲ ଜବତ, ୯ ଗିରଫ





**ନୂଆପଡ଼ା/ଖଡ଼ିଆଳ/କଣ୍ଟାମାଳ, ୧୧।୧(ସମିସ):** ନୂଆପଡ଼ା ଓ ବଲାଙ୍ଗିର ବନ ବିଭାଗକୁ ବଡ଼ ସଫଳତା ମିଳିଛି। ବିଭିନ୍ନ ସ୍ଥାନରେ ଚଢ଼ଉ କରି ବନ ବିଭାଗ ମୋଟ ୩ଟି ବାଘ ଛାଲ ଜବତ କରିବା ସହ ଏହି ବେଆଇନ କାରବାର ଅଭିଯୋଗରେ ୯ଜଣଙ୍କୁ ଗିରଫ କରିଛି।

ଖଡ଼ିଆଳ ଥାନା ଅଞ୍ଚଳର ଦୁଇଟି ଭିନ୍ନଭିନ୍ନ ଜାଗାରେ ବନ ବିଭାଗ ଚଢ଼ଉ କରି ଦୁଇଟି ବାଘ ଛାଲ ସହ ୭ଜଣଙ୍କୁ ଗିରଫ କରିଛି। ଖଡ଼ିଆଳସ୍ଥିତ ଏକ ଲଜ୍‌ରେ ବାଘ ଛାଲ ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ବନ ବିଭାଗ ହଠାତ ଚଢ଼ଉ କରିଥିଲା। ସେଠାରୁ ଗୋଟିଏ ବାଘ ଛାଲ ସହ ୩ଜଣ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା। ଅଭିଯକ୍ତମାନେ ହେଲେ, ଖଇରପଦର ଗାଁର ଲିଙ୍ଗରାଜ ପଟେଲ (୫୦), ଛବିଳ ପଟେଲ (୩୮), ନିରନ ମାଝୀ (୫୦)। ସେମାନଙ୍କ ବିରୋଧରେ ବନ ବିଭାଗ ଖଡ଼ିଆଳ ଥାନାରେ ମାମଲା ରୁଜୁ କରିଛି। ଅନ୍ୟ ଏକ ମାମଲାରେ ଖଡ଼ିଆଳ -କୋମନା ରାସ୍ତାରେ ବଡ଼ ପୋଲ ନିକଟରେ ଚଢ଼ଉ କରି ଅନ୍ୟ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏମାନଙ୍କଠାରୁ ମଧ୍ୟ ଗୋଟିଏ ବାଘ ଛାଲ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ, ଖଡ଼ିଆଳ ଥାନା ବର କୁହୁଟି ଗାଁର ଯୋଗେଶ୍ୱର ପଟେଲ (୫୦), ସୁଶୀଲ ପଟେଲ (୩୭), ବଲାଙ୍ଗିର ଜିଲ୍ଲା ବୋରୋବାହାଲ ଗାଁର ଚେତରାମ ପଟେଲ (୪୯), ଖଡ଼ିଆଳ ଥାନା ବଡ଼ ପାଲି ଗାଁର ଜଗଦୀଶ ମାଝୀ (୪୫)। ସେମାନଙ୍କଠାରୁ ୨ଟି କଲରାପତରିଆ ବାଘ ଛାଲ ସହ ୬ଟି ମୋବାଇଲ ଜବତ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖଡ଼ିଆଳ ବନବିଭାଗର ଏସିଏଫ ସୂଚନା ଦେଇଛନ୍ତି।

ସେହିପରି ବଲାଙ୍ଗିର ବନ ବିଭାଗ ବୌଦ୍ଧ ବନଖଣ୍ଡ କଣ୍ଟାମାଳ ବନାଞ୍ଚଳରୁ ଏକ ବାଘ ଛାଲ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବଲାଙ୍ଗିର ବନଖଣ୍ଡ ଅଧିକାରୀ ନୀତେଶ କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା କୋଟଗାଁରେ ଚଢ଼ଉ କରି ଗ୍ରାମର ମୁକେଶ ମନହିରାକୁ ଗିରଫ କରି ପଚରାଉଚରା ପରେ କଣ୍ଟାମାଳ ରେଞ୍ଜ ଘଣ୍ଟାପଡ଼ା ସେକ୍ସନ୍‌ର ଫଟାମୁଣ୍ଡା ଗ୍ରାମରେ ବାଘ ଛାଲ ଥିବା ସୂଚନା ପାଇଥିଲା। ବନ ବିଭାଗ ଦଳ ସେଠାରେ ଚଢ଼ଉ କରି ପାଳଗଦାରୁ ବାଘ ଛାଲ ପାଇଥିଲା। ଉକ୍ତ ଘାଟଣାରେ ଜଡିତ ଫଟାମୁଣ୍ଡା ଗ୍ରାମର ଦିବ୍ୟଶଙ୍କର ବଗର୍ତ୍ତିକୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବଲାଙ୍ଗିର ଡିଏଫ୍‌ଓ ନୀତୀଶ କୁମାର ସୂଚନା ଦେଇଛନ୍ତି।



## ମା' ହିଙ୍ଗୁଳାଙ୍କୁ ଦର୍ଶନକଲେ କୋଲ୍ ଇଣ୍ଡିଆ ଅଧ୍ୟକ୍ଷ



**ତାଳଚେର, ୧୧।୧(ସମିସ):** କୋଲ ଇଣ୍ଡିଆ ଅଧ୍ୟକ୍ଷ ପି.ଏମ୍.ପ୍ରସାଦ ଆଜି ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଦର୍ଶନ କରିଛନ୍ତି। ଶିଳ୍ପାଞ୍ଚଳ ତାଳଚେରର ବିଭିନ୍ନ କୋଇଲା ଖଣି ପରିଦର୍ଶନ କରିବା ଅବସରରେ ଅଧ୍ୟକ୍ଷ ଶ୍ରୀ ପ୍ରସାଦ ଓ ତାଙ୍କ ଧର୍ମପତ୍ନୀ ଗୋପାଳପ୍ରସାଦସ୍ଥିତ ମା'ଙ୍କ ପୀଠକୁ ଯାଇ ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କରିଥିଲେ। ତାଙ୍କ ସହିତ ମହାନଦୀ କୋଇଲା କମ୍ପାନୀର ଅଧ୍ୟକ୍ଷ ଉଦୟ ଏ.କାବେଲ ଓ ସଂଚାଳନା ନିର୍ଦ୍ଦେଶକ ଯୁଗଳ କୁମାର ବୋରହ ସପତ୍ନୀକ ଉପସ୍ଥିତ ରହି ମା' ହିଙ୍ଗୁଳାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ ମୁରଲୀଧର ସାହୁ, ରାଜେନ୍ଦ୍ର ସିଂହ, ଅରୁଣ ପ୍ରଧାନ, ସଞ୍ଜୟ ସାହୁ, ଗଗନ ବିହାରୀ ସାହୁ ଅଧ୍ୟକ୍ଷ ଶ୍ରୀ ପ୍ରସାଦଙ୍କୁ ସ୍ୱାଗତ ଜଣାଇବା ସହ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମା' ହିଙ୍ଗୁଳାଙ୍କ ପ୍ରତିମୂର୍ତ୍ତି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହା ସହିତ ମା' ହିଙ୍ଗୁଳାଙ୍କ ନବନିର୍ମିତ ମନ୍ଦିରର ଉନ୍ନତିକରଣ ନିମନ୍ତେ ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ ଶ୍ରୀ ପ୍ରସାଦଙ୍କ ସହିତ ଆଲୋଚନା କରିଥିଲେ। ତାଳଚେରସ୍ଥିତ ସମସ୍ତ କୋଇଲା କ୍ଷେତ୍ରର ମହାପ୍ରବନ୍ଧକଙ୍କ ସମେତ ଏମସିଏଲର ବହୁ ଉଚ୍ଚପଦସ୍ଥ ଅଧିକାରୀ, ଶ୍ରମିକ ନେତା ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପ୍ରସାଦ ତାଳଚେରର ବିଭିନ୍ନ କୋଇଲା ଖଣି ପରିଦର୍ଶନ କରିଥିଲେ।

## ଇଭିଏମ୍ ଓ ଭିଭିପାଟ୍ ସଚେତନତା ରଥର ଶୁଭାରମ୍ଭ




**ଅନୁଗୋଳ, ୧୧।୧(ସମିସ):** ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗତକାଲି ଠାରୁ ଆସନ୍ତା ଫେବୃୟାରୀ ମାସ ୨୪ ତାରିଖ ପର୍ଯ୍ୟନ୍ତ ଇଭିଏମ୍ ଓ ଭିଭିପାଟ୍ ମେସିନ୍ ଦ୍ୱାରା ଭୋଟିଂ ସଚେତନତା ନିମନ୍ତେ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହି ଅବସରରେ ଅନୁଗୋଳ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଦ୍ୱାରା ସଚେତନତା ରଥର ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି। ଅନୁଗୋଳ ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ମତଦାନ କେନ୍ଦ୍ରକୁ ସ୍ୱତନ୍ତ୍ର ମୋବାଇଲ ଡେମନଷ୍ଟ୍ରେସନ ଭେହିକିଲ୍ ଜରିଆରେ ଟ୍ରେନିଂ ଇଭିଏମ୍ ଓ ଭିଭିପାଟ୍ ମେସିନ୍ ନେଇ ଗାଁକୁ ଗାଁ ବୁଲି ଭୋଟରଙ୍କୁ ସଚେତନ କରାଯିବ। ସେହିପରି ଜିଲ୍ଲାରେ ଥିବା ୪ଟି ଉପ-ଜିଲ୍ଲାପାଳ କାର୍ଯ୍ୟାଳୟରେ ମଧ୍ୟ ଇଭିଏମ୍ ଡେମନଷ୍ଟ୍ରେସନ ସେଣ୍ଟର ଖୋଲାଯାଇ ଟ୍ରେନିଂ ଇଭିଏମ ରଖାଯାଇ କାର୍ଯ୍ୟାଳୟକୁ ଆସୁଥିବା ସମସ୍ତ ଭୋଟରଙ୍କୁ ଇଭିଏମ ଦ୍ୱାରା ଭୋଟ ଦେବା ନିମନ୍ତେ ସଚେତନ କରାଯିବ। ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଜିଲ୍ଲାରେ ଥିବା ସମସ୍ତ ଭୋଟର ଭାଗନେଇ ଶତପ୍ରତିଶତ ମତଦାନ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।

## ଶରଧାପୁର ଗ୍ରାମ୍ୟ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



**ପବିତ୍ରନଗର, ୧୧।୧(ସମିସ):** କଣିହାଁ ବ୍ଲକ ଅନ୍ତର୍ଗତ ବୁରୁକୁନା ଗ୍ରାମପଞ୍ଚାୟତ ଶରଧାପୁର ଗ୍ରାମରେ ପୂର୍ତ୍ତ ବିଭାଗ ତରଫରୁ ଏକ ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ଯୁବ ବିଧାୟକ ମୁକେଶ କୁମାର ପାଲ, ସମ୍ମାନିତ ଅତିଥି କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ବୁରୁକୁନା ସମିତି ସଭ୍ୟ ଯୁଗଳ କିଶୋର ସାହୁ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିକାଶ କୁମାର ପାଣି, ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ସୁବାସ ମହାନ୍ତି, ଗ୍ରାମ ସଭାପତି ରବି ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ରାସ୍ତାଟି ବର୍ଷା ଦିନରେ କାଦୁଅ ହେବା ଫଳରେ ଯିବା ଆସିବା ବହୁତ ଅସୁବିଧା ହେଉଥିଲା। ଶରଧାପୁର ଗ୍ରାମବାସୀ ଏଥିଲାଗି ବିଧାୟକ ଶ୍ରୀ ପାଲଙ୍କୁ ବହୁତ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁବନେତା ସୁକାନ୍ତ ମହାନ୍ତି, ଧ୍ରୁବଚରଣ ବିଶ୍ୱାଳ, ଧନେଶ୍ୱର ବିଶ୍ୱାଳ, ତପନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ପିସ୍ତଲ ଓ ଗୁଳି ସହ ଅପରାଧୀ ଗିରଫ



**ଅନୁଗୋଳ,୧୧।୧(ସମିସ):** ପିସ୍ତଲ ଓ ଗୁଳି ସହ ଦୁର୍ଦ୍ଦାନ୍ତ ଅପରାଧୀ ତୁଫାନକୁ ଗିରଫ କରିଛି ଅନୁଗୋଳ ପୁଲିସ। ଅନୁଗୋଳ ସହର ରାଧାରମଣପଡ଼ାର ହାର୍ଡକୋର କ୍ରିମିନାଲ ହେଉଛି ତୁଫାନ ଦେହୁରୀ। ସୂଚନା ଅନୁସାରେ ଅନୁଗୋଳ ହାକିମପଡ଼ା ଅଞ୍ଚଳରେ ଜଣେ ଯୁବକ ବେଆଇନ ଭାବେ ବନ୍ଧୁକ ରଖିଥିବା ଖବର ପାଇ ଅନୁଗୋଳ ପୁଲିସ ଚଢ଼ଉ କରିଥିଲା। ଚଢ଼ଉ ବେଳେ ତୁଫାନ ନିକଟରୁ ଏକ ଦେଶୀ ପିସ୍ତଲ ସହ ୫ ରାଉଣ୍ଡ ଜୀବନ୍ତ ଗୁଳି ଜବତ ହୋଇଥିଲା। ବେଆଇନ ଭାବେ ବନ୍ଧୁକ ଓ ଗୁଳି ରଖିବା ଅପରାଧରେ ପୁଲିସ ତୁଫାନକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତୁଫାନ ଏହି ବନ୍ଧୁକ ଦେଖାଇ ବିଭିନ୍ନ ବ୍ୟବସାୟୀ ଓ ଦୋକାନୀଙ୍କୁ ଧମକାଇ ଟଙ୍କା ଆଦାୟ କରିବାକୁ ଯୋଜନା କରିଥିଲା ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ତୁଫାନ ପୂର୍ବରୁ ଅନେକ ହତ୍ୟା, ଲୁଟ୍ ଓ ଛିନତାଇ ମାମଲାରେ ଅଭିଯୁକ୍ତ ଅଛି ବୋଲି ମଧ୍ୟ ଜଣାପଡ଼ିଛି।

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

● ଆଠମଲ୍ଲିକ ମହୋତ୍ସବ ଉଦ୍‌ଯାପିତ

# ଜେଆର୍‌ଏମ୍ ରାପର ଏବଂ ରାଜ୍ ବର୍ମନଙ୍କ ଗୀତରେ ଦୁଲୁକିଲା ମଞ୍ଚ






**ଆଠମଲ୍ଲିକ,୧୧।୧(ସମିସ)**

ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ଉପଖଣ୍ଡର ଆଠମଲ୍ଲିକ ମହୋତ୍ସବ ଉଦଯାପିତ ହୋଇଯାଇଛି । ମହୋତ୍ସବ କମିଟି ଅଧ୍ୟକ୍ଷ ଆଠମଲ୍ଲିକ ଉପଜିଲ୍ଲାପାଳ ଜିତେନ୍ଦ୍ର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆଠମଲ୍ଲିକ ମହୋତ୍ସବର ଶେଷ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳେଇ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇ ଦେଇଥିଲେ । କଣ୍ଠଶିଳ୍ପୀ ରାଜ ବର୍ମନ ଏବଂ ଜେଆରଏମ ଯୋଗଦେଇ ମଞ୍ଚକୁ ଦୁଲୁକାଇ ଥିଲେ। ମହୋତ୍ସବ କମିଟି ଅଧ୍ୟକ୍ଷ ଉପଜିଲ୍ଲାପାଳ ଜିତେନ୍ଦ୍ର କୁମାର ପାତ୍ର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହୋତ୍ସବ କମିଟି ତରଫରୁ ପ୍ରଥମେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅତିଥିମାନେ ଆଠମଲ୍ଲିକ ମାଟିରେ ମହୋତ୍ସକୁ ଭୂୟସୀ ପ୍ରଶଂସା କରିଥିଲେ। ଆଜିର ଏହି ମହୋତ୍ସବର ଶେଷ ସନ୍ଧ୍ୟାରେ ରାଜ ବର୍ମାନ, ଜେଆରଏମ ରାପର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଦୁଇ କଳାକାରଙ୍କ ଦ୍ୱାରା ମଞ୍ଚ ଦୁଲୁକି ଥିଲା। ଶିଶୁ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ସହ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀ ବାବା ଯୋଗେଶ୍ୱର ଦଣ୍ଡ ନୃତ୍ୟ ମହେନ୍ଦ୍ରପୁର, ଜହର ମଲି କର୍ମା ନାଚ କମଲପୁର, ଷଡ଼ଙ୍ଗୀ ପ୍ଲେୟର ଆଠମଲ୍ଲିକ, ଆଠମଲ୍ଲିକ ମହାବିଦ୍ୟାଳୟର ସମ୍ବଲପୁରୀ ଡ୍ୟାନ୍ସ, ସୌମ୍ୟାଶ୍ରୀ ସାହୁ ଶିବ ତାଣ୍ଡବ, ଆଦ୍ୟାଶା ରାଉତ କିଶୋରନଗର ସମ୍ବଲପୁରୀ ନୃତ୍ୟ , ଲିଟିଲ ରେଡ ଡ୍ୟାନ୍ସ ଗ୍ରୁପ ଆଠମଲ୍ଲିକର ଛାତ୍ର ଛାତ୍ରୀ , ଅଏଡ଼ା କଲେଜର ଛାତ୍ର ଛାତ୍ରୀ ଡ୍ୟାନ୍ସ, ଗାୟକ ଗୌତମ ଗିରି, ଯାଜ୍ଞସିନୀ ନାୟକ ପ୍ରମୁଖ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷାକରିବା ନିମନ୍ତେ ଆଠମଲ୍ଲିକ ଏସଡିପିଓ ବାଳକୃଷ୍ଣ କଅଁର, ଆଠମଲ୍ଲିକ ଆଇଆଇସି ଚିତ୍ତରଞ୍ଜନ ବେହେରାଙ୍କ ସମେତ ଆଠମଲ୍ଲିକ ମହାବିଦ୍ୟାଳୟର ଏନସିସି ଛାତ୍ର ସହଯୋଗ କରିଥିଲେ।







# ନାଲ୍‌କୋ ସିପିପି ପ୍ଲାଣ୍ଟରେ ମକ୍‌ଡ୍ରିଲ୍



**ନାଲକୋ ନଗର, ୧୧।୧( ସମିସ):** ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନର ନିଷ୍ପତିତ୍ତି କ୍ରମେ ଏକ ସଙ୍ଗେ ଜିଲ୍ଲାର ୬ଟି ସ୍ଥାନରେ ଆଜି ଏକ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଛି। ଏହି କ୍ରମରେ ନାଲକୋ ସିପିପି ପ୍ଲାଣ୍ଟ ପରିସର କ୍ଲୋରିନ ପ୍ଲାଣ୍ଟ ଠାରେ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ସାମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ଆଗୁଆ ପ୍ରସ୍ତୁତି ଏବଂରାସାୟନିକ ଦୁର୍ଘଟଣା ସମୟରେ ପ୍ରଭାବିତ ଲୋକମାନଙ୍କୁ ସ୍ଥାନାନ୍ତରିତ କରିବା, ସ୍ୱାସ୍ଥ୍ୟସେବା ଯୋଗାଇଦେବା ଓ ଶାନ୍ତି ଶୃଙ୍ଖଳାସହ ଦୁର୍ଘଟଣାକୁ ମୁକାବିଲା କରିବା ନେଇ ଏହି ମକଡ୍ରିଲ୍ ପ୍ରଦର୍ଶନ ହୋଇଥିଲା। ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗର ସହକାରୀ ନିର୍ଦ୍ଦେଶକ ଡ. ଉମେଶ ବେହେରା କାର୍ଯ୍ୟକ୍ରମରେ ଯୋଗଦେଇ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡିଜିଏମ (ସେଫ୍ଟି ଆଣ୍ଡ ଏନଭାରର୍ଣ୍ଣମେଣ୍ଟ ) ପି.ଏଲ.ପ୍ରଧାନଙ୍କ ସମେତ ଏହି ମକଡ୍ରିଲ୍ କାର୍ଯ୍ୟକ୍ରମରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗର ସହକାରୀ ନିର୍ଦ୍ଦେଶକ ଡ. ଉମେଶ ବେହେରା, ଏନଡିଆରଏଫ୍ ଡେପୁଟି କମାଣ୍ଡାଣ୍ଟ କହ୍ନେୟା ଯୋଗୀ, ସିଆଇଏସଏଫ ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ଫାୟାର ଉପେନ୍ଦ୍ର କୁମାର, ଡେପୁଟି କମାଣ୍ଡାଣ୍ଟ ଅଶୋକ ରଞ୍ଜନ ଦାସ, ବଅଁରପାଳ ଅଗ୍ନିଶମ କେନ୍ଦ୍ରର ଫାୟାର ଅଫିସର କରୁଣାକର ସାମଲ, ନାଲକୋ ହସ୍ପିଟାଲର ତିନି ଡାକ୍ତର, ଜିଜିଏମ୍ ସିପିପି ମନୋରଞ୍ଜନ ଆଚାର୍ଯ୍ୟ, ଜିଜିଏମ୍ (ଓ ଆଣ୍ଡ ଏମ )ସତ୍ୟବାଦୀ ମିଶ୍ର, ଜିଜିଏମ( କୋଲ ଆସ୍ ଆଣ୍ଡ ସେଫ୍ଟି ) ସଞ୍ଜୀବ କୁମାର, ଜିଜିଏମ୍ (ମେକାନିକାଲ) ଏମ. ଏସ.ରେହେମାନ, ୟୁ.କେ.ଷଡଙ୍ଗୀ, ଡିଜିଏମ(ଏଚ ଆଣ୍ଡ ଏ)ଏସ.କେ. ମହାପାତ୍ର, ନାଲକୋ ସ୍ୱାସ୍ଥ୍ୟ ବିଭାଗ ଡାକ୍ତରୀ ଟିମ ଏବଂ ବିଭାଗୀୟ ଇଂଜିନିୟର, କର୍ମଚାରୀ ଉପସ୍ଥିତ ଥିଲେ। ଏନଡିଆରଏଫ୍ ଯବାନ, ନାଲକୋ ସିଆଇଏସଏଫ୍ ଫାୟାର ୱିଙ୍ଗ ଯବାନ, ଓଡ୍ରାଫ୍ ଟିମ, ସ୍ଥାନୀୟ ଦମକଳ ବାହିନୀ, ଏବଂ କ୍ଲୋରିନ ପ୍ଲାଣ୍ଟର ୮ଜଣ ଠିକା କର୍ମଚାରୀ ମକଡ୍ରିଲ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

● କାର୍ତ୍ତିକ ପାଣ୍ଡିଆନଙ୍କୁ କ୍ରୀଡ଼ା ସଂସଦର କୃତଜ୍ଞତା

## କିଶୋରନଗର ବର ପଡ଼ିଆ ଷ୍ଟାଡିୟମ୍ ରୂପାନ୍ତରଣ ପାଇଁ ଅର୍ଥ ମଞ୍ଜୁର




**କିଶୋରନଗର, ୧୧।୧ (ସମିସ):** କିଶୋରନଗର ଐତିହାସିକ ବର ପଡ଼ିଆ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ପକ୍ଷରୁ ରୂପାନ୍ତରଣ କାର୍ଯ୍ୟ ପାଇଁ ପ୍ରଥମ ପର୍ଯ୍ୟାୟରେ ୧ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଯାହାକି କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳାଇଦେଇଛି। ପ୍ରକାଶ ଯେ, 'ନବୀନ ଓଡ଼ିଶା' ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କିଶୋରନଗର ଗସ୍ତରେ ଆସିଥିବା ବେଳେ କିଶୋରନଗର ନାଗରିକ ମଞ୍ଚ ଓ କ୍ରୀଡ଼ା ସଂସଦ ପକ୍ଷରୁ କିଶୋରନଗର ବର ପଡ଼ିଆରେ ନୂତନ ଷ୍ଟାଡିୟମ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଷ୍ଟାଡିୟମ ନିର୍ମାଣ ଦାବିକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ନେଇ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଦ୍ୱାରା ୧୦ କୋଟି ପୂର୍ତ୍ତ ବିଭାଗ ଦ୍ୱାରା ଟେକନିକାଲ ଆପ୍ରୁଭ କରାଯାଇ ପ୍ରସ୍ତାବ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୧ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ଆଡମିନଷ୍ଟ୍ରେଟିଭ ଆପ୍ରୋଭାଲ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏ ନେଇ କିଶୋରନଗର ନାଗରିକ ମଞ୍ଚ ଓ କ୍ରୀଡ଼ା ସଂସଦ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି।

● ଶୁଣିଲାନି ଜଳସେଚନ ବିଭାଗ

# ୧୨ରୁ ବ୍ଲକ୍ ଅଫିସ ସମ୍ମୁଖରେ ଗଣଧାରଣା



**କିଶୋରନଗର, ୧୧।୧(ସମିସ)**

କିଶୋରନଗର ବ୍ଲକ ଡଙ୍ଗାପାଳଠାରେ ସୁରେଶ୍ୱରୀ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା ଦାବିନେଇ ଜୀବନଜୀବିକା କୃଷି ଜମି ସୁରକ୍ଷା କମିଟିର ସାଧାରଣ ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ କମିଟିର ସମ୍ପାଦକ ଅନନ୍ତ ଚରଣ ପ୍ରଧାନ, ରମଣୀ ରଂଜନ ପ୍ରଧାନ, ପରମାନନ୍ଦ ପ୍ରଧାନ, ଲକ୍ଷ୍ମଣ ବେହେରା, ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା କମିଟିର ସଭ୍ୟ ନବକିଶୋର ପ୍ରଧାନ ପ୍ରମୁଖ ବକ୍ତବ୍ୟ ଦେଇ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯକାରୀ କରିବାରେ ଜଳସେଚନ ବିଭାଗର କାଳକ୍ଷେପଣ ନୀତିକୁ ନିନ୍ଦା କରିଥିଲେ। ପ୍ରକାଶ ଯେ, ଜଳସେଚନ ପ୍ରକଳ୍ପ କାର୍ଯକାରୀ କରିବା ଦାବିରେ ନଭେମ୍ବର ୧୪ରୁ ୨୧ ପର୍ଯ୍ୟନ୍ତ ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଜଳସେଚନ ପ୍ରକଳ୍ପ କାର୍ଯକାରୀ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହେଇଥିଲା। ହେଲେ ଆଜିଯାଏଁ ଜଳସେଚନ ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଆସନ୍ତା ଫେବୃଆରୀ ୧୨ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦିଆଯିବାକୁ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ବୈଠକରେ ପିତାମ୍ବର ପ୍ରଧାନ, ଗୌରଚନ୍ଦ୍ର ସାହୁ, ଦେବରାଜ ସାହୁ, ରବୀନ୍ଦ୍ର ସାହୁ, କିଶୋର ଚନ୍ଦ୍ର ପ୍ରଧାନ, ଅର୍ଜୁନ ମୁଣ୍ଡା, କୈଳାସ ପ୍ରଧାନ, ଅସ୍କର ମୁଣ୍ଡା, ବସୁମତୀ ସାହୁ, ସୁରୁଚି ପ୍ରଧାନ, ତରୁଣ ବେହେରା, ବାବାଜୀ ଚରଣ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନାଲ୍‌କୋ ଠିକା ଶ୍ରମିକଙ୍କ ପୁନଃନିଯୁକ୍ତି ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

**ନାଲକୋ ନଗର, ୧୧।୧(ସମିସ) :** ନାଲକୋ ଠିକା ଶ୍ରମିକ ପୁନଃନିଯୁକ୍ତି ଦାବିରେ ପୂର୍ବ ପ୍ରସ୍ତୁତି ମୁତାବକ ଗୁରୁବାର ସକାଳେ ସ୍ମେଲଟର ପ୍ଲାଣ୍ଟ ଗେଟ୍ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। କେନ୍ଦ୍ରୀୟ ଶ୍ରମ ଆୟୁକ୍ତଙ୍କ ହସ୍ତକ୍ଷେପ ପରେ ସମାନ କାର୍ଯ୍ୟରେ ନିର୍ଦ୍ଦିଷ୍ଟ ଶ୍ରମିକଙ୍କ ପୁନଃନିଯୁକ୍ତି ଦିଆଯିବାକୁ ପ୍ରତିଶ୍ରୁତି ମିଳିବା ପରେ ଶ୍ରମିକ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନାରୁ ପ୍ରକାଶ ଯେ, ସ୍ମେଲଟର ପ୍ଲାଣ୍ଟ ପରିସରରେ ସିଭିଲ ଠିକା ସଂସ୍ଥାରେ ୬ଜଣ ଶ୍ରମିକ ଦୀର୍ଘ ୧୨/୧୫ ବର୍ଷ ହେଲାଣି ଠିକା ଶ୍ରମିକ ଭାବେ କାର୍ଯ୍ୟ କରିଆସୁଛନ୍ତି। ଗତ ୯ ମାସ ହେଲାଣି ଉକ୍ତ ଶ୍ରମିକଙ୍କୁ ସଂପୃକ୍ତ ଠିକା ସଂସ୍ଥା କାର୍ଯ୍ୟରୁ ବଞ୍ଚିତ କରିଛି। ଶ୍ରମିକଙ୍କ କାର୍ଯ୍ୟ ବା ନିଯୁକ୍ତିକୁ ତ୍ୱରାନ୍ୱିତ କରିବାକୁ ଶ୍ରମିକମାନେ ଠିକା ସଂସ୍ଥା, ନାଲକୋ କର୍ତ୍ତୃପକ୍ଷଙ୍କୁ ଗୁହାରି କରିଆସୁଥିଲେ ମଧ୍ୟ ଫଳପ୍ରଦ ହେଉନଥିଲା। ଠିକା ମଜଦୁର ସଂଘ ଛଟେଇ ଶ୍ରମିକଙ୍କ ପୁନଃ ନିଯୁକ୍ତି ପାଇଁ ଦାବି କରିଆସୁଥିଲା। ପୂର୍ବ ଯୋଜନା ମୁତାବକ ଆଜି ଠିକା ମଜଦୁର ସଂଘ ପକ୍ଷରୁ ସ୍ମେଲଟର ପ୍ଲାଣ୍ଟ ଗେଟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ଦ୍ୱାରା ୨ ହଜାରରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ କାର୍ଯ୍ୟବନ୍ଦ କରିଥିଲେ। ପରେ ସମସ୍ୟାର ସମାଧାନ ହେବାରୁ ଶ୍ରମିକଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ନାଲକୋ ସ୍ମେଲଟର ଠିକା ମଜଦୁର ସଂଘ ସଭାପତି ବିଭୁତି ମହାପାତ୍ର, ସାଧାରଣ ସମ୍ପାଦକ ବାଇଧର ସାମଲ, ଉପସଭାପତି ଶ୍ରୀଧର ପାତ୍ରଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା।



ଦ୍ୱାଦଶାହ ଦିବସ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ପାର୍ବତୀ ଦାଶ
ଆବିର୍ଭାବ: ୦୧.୦୧.୧୯୨୫
ତିରୋଧାନ: ୦୧.୦୧.୨୦୨୪
ନନ୍ଦକିଶୋରପୁର, ଯାଜପୁର
ହେ ପୁଣ୍ୟାତ୍ମା ଚାହୁଁ ଚାହୁଁ ବାରଦିନ ବିତିଗଲା କିନ୍ତୁ ଆପଣଙ୍କ ଅନୁପସ୍ଥିତି ସବୁ ସମୟରେ ଅନୁଭବ କରୁଛୁ। ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ :
ପୁତ୍ର- ନିଳକଣ୍ଠ ଦାଶ, ବୋହୂ- ଅନ୍ନପୂର୍ଣ୍ଣା, ନାତି- ଇଂ ବିଶ୍ୱନାଥ, ଇଂ ଅନ୍ତର୍ଯ୍ୟାମୀ, ନାତୁଣୀ ବୋହୂ- ବବଲି, କୁନି, ନାତୁଣୀ- ଅଞ୍ଜଳି, ନାତୁଣୀ ଜୋଇଁ- ପ୍ରଦୀପ୍ତ ତ୍ରିପାଠୀ, ପଣ ନାତି- ଶ୍ରେୟାଂଶୁ, ଆଦିତ୍ୟ ନାରାୟଣ, ପଣ ନାତୁଣୀ- ନିରୋଷା, ତ୍ରିଶିକା, ଝିଅ- ଶାନ୍ତିଲତା, ନାତି - ଆଶୁତୋଷ, ଚିତ୍ତରଞ୍ଜନ, ଜ୍ୟୋତିରଞ୍ଜନ, ନାତୁଣୀ ବୋହୂ- ସୁଚି, ବବିନା, ମାମାଲି

୨୫ ତମ ଶ୍ରାଦ୍ଧବାର୍ଷିକୀ

ଆବିର୍ଭାବ ୨୩.୧୦.୧୯୪୧
ତିରୋଧାନ ୧୮.୧୨.୧୯୯୮
୰ ଶଶୀଭୂଷଣ ମହାପାତ୍ର
ବୀରନରସିଂହପୁର, ପୁରୀ
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ୨୫ ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ।
ଶୋକସନ୍ତପ୍ତ
ପତ୍ନୀ - ସୁପ୍ରଭା, ଶୁଭେନ୍ଦୁ ଓ ସସ୍ମିତା, ସ୍ମିତା ଓ ମନୋଜ, ସ୍ନିଗ୍ଧା ଓ ଅନୁପ, ସ୍ୱପ୍ନା ଓ ଅଶୋକ, ନେହା, ଶୁଭମ୍, ହାନା, ନିଶି, ଗୁନ୍‌ଗୁନ୍, ଆୟୁଷ, ନିଧି, ଅଭିଷେକ, କିନୋ, ବନ୍ଧୁ ଓ ପରିବାରବର୍ଗ
ପ୍ଲଟ୍ ନଂ-ପିପି-୪୬, ପାଣ୍ଡବ ନଗର, ଭୁବନେଶ୍ୱର



ପ୍ରଥମ 'ଟି-୨୦' ଜିତିଲା ଭାରତ

▶ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-198 ♦BHUBANESWAR ♦FRIDAY ♦12 JANUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୯୮ ♦ଭୁବନେଶ୍ୱର ♦ଶୁକ୍ରବାର ♦୧୨ ଜାନୁଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦



ଓଡ଼ିଶା ସରକାର | ମିଶନ ଶକ୍ତି | ଆମ ଓଡ଼ିଶା ନବୀନ ଓଡ଼ିଶା

DSPL-535



କୃଷି ଓଡ଼ିଶା
କୃଷି ପ୍ରଗତିରେ ମହିଳା

## କୃଷି ପ୍ରଗତିରେ ମହିଳା

### ଆଧୁନିକ କୃଷି ସାମଗ୍ରୀ ଏବଂ ସର୍ବୋତ୍ତମ କୃଷି ପ୍ରଯୁକ୍ତିର ବିଶାଳ ପ୍ରଦର୍ଶନୀ

**୧୨-୧୪ ଜାନୁଆରୀ ୨୦୨୪**

**ଜନତା ମଇଦାନ**
**ଭୁବନେଶ୍ୱର**

#KrushiOdisha

ଶୁଭ ଉଦ୍‌ଘାଟନ
**ଶ୍ରୀ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
୧୨.୦୧.୨୦୨୪, ଅପରାହ୍ଣ ୪:୩୦

**ଆଭିମୁଖ୍ୟ**
- ସମସ୍ତ ଭାଗିଦାରଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା ମଞ୍ଚ
- କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅନ୍‌ଲାଇନ୍ ବୁକିଂ ଏବଂ ଋଣ ସୁଯୋଗ
- କୃଷି ଶିକ୍ଷା ଶିବିର, କୃଷକ ସେବା ଓ ସୁଗମ କେନ୍ଦ୍ର
- କୃଷକ ଉତ୍ପାଦକ ସଂଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷି ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା

**କାର୍ଯ୍ୟାବଳୀ**
- କୃଷକ ଶିକ୍ଷାକେନ୍ଦ୍ର
- କୁଇଜ୍ ଏବଂ ଡିବେଟ୍
- ସାଂସ୍କୃତିକ କାର୍ଯ୍ୟକ୍ରମ
- କୃଷି ଯନ୍ତ୍ରପାତି ପ୍ରଦର୍ଶନ
- କୃଷକ କଳା ପରିବେଷଣ
- ପୋଷ୍ଟକାର୍ଡ ଆଦାନପ୍ରଦାନ

OIPR-01034/13/0004/2324

## ଏହି ବିଶାଳ ସମାବେଶରେ ବହୁ ସଂଖ୍ୟାରେ ଯୋଗଦାନ କରି କୃଷି ଓଡ଼ିଶା ୨୦୨୪କୁ ସଫଳ କରନ୍ତୁ



କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା | Follow Us: /krushibibhag /krushibibhag /agriculture.odisha

ଆମ ଖାଦ୍ୟ ନିରାପତ୍ତା ସ୍ୱଦେଶୀ ଉତ୍ପାଦନର ମୂଳଦୁଆ ଉପରେ ପ୍ରତିଷ୍ଠା ହେବା ଆବଶ୍ୟକ
-ଏମ୍ ଏସ୍ ସ୍ୱାମୀନାଥନ୍

ସକାଳ
THE SAKALA

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ବିଶାଳ ସଫଳତା

# ରାଜ୍ୟବାସୀ ଖୁସୀ, ବିରୋଧୀ ଅସୁଖୀ

ରାଜନୀତିରେ ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ସର୍ବଦା ଅଭିନନ୍ଦନୀୟ। ଏଥିରେ ରାଜନୈତିକ ଈର୍ଷା ଓ ହୀନମନ୍ୟତାର ସ୍ଥାନ ରହେନାହିଁ। ଏକ ସଂଘୀୟ ବ୍ୟବସ୍ଥାରେ ଯେତେବେଳେ ସହଯୋଗମୂଳକ କାମ ଓ ମନୋଭାବ ଅଗ୍ରାଧିକାର ପାଉଛି ସେଠି ରାଜନୈତିକ ସଙ୍କୀର୍ଣ୍ଣତା ଓ ଈର୍ଷା ରହିବା ଅନୁଚିତ। ଆମ ସାମ୍ବିଧାନିକ କ୍ଷମତା ପରିଧି ଭିତରେ କେନ୍ଦ୍ର ସରକାର ଆପଣା ଦାୟିତ୍ୱ ନିର୍ବାହ କରିବା ସହିତ ରାଜ୍ୟମାନଙ୍କୁ ସେମାନଙ୍କ କାମ କରିବାକୁ ସ୍ୱାଧୀନତା ଓ ସୁଯୋଗ ଦେବା ଆବଶ୍ୟକ। ଏବେ କିନ୍ତୁ ଦେଖାଯାଉଛି ଯେ କେନ୍ଦ୍ର ସରକାର ସହଯୋଗମୂଳକ ସଂଘୀୟ ବ୍ୟବସ୍ଥା ଆଳରେ କେତେକ କେନ୍ଦ୍ରୀୟ ଯୋଜନା ଓ କାର୍ଯ୍ୟକ୍ରମକୁ ରାଜ୍ୟ ସରକାରଙ୍କ ଉପରେ ଜବରଦସ୍ତ ଲଦିବାକୁ ଚେଷ୍ଟା କରୁଛନ୍ତି। ସେଥିମଧ୍ୟରୁ ‘ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଜନଆରୋଗ୍ୟ’ ଯୋଜନାକୁ ଏକ ଉଦାହରଣ ଭାବେ ନିଆଯାଇପାରେ। ଏହି କାର୍ଯ୍ୟକ୍ରମର ଦୁଇଟି ନାମ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା(ପିଏମ୍‌ଜେଏୱାଇ) ଓ ‘ଆୟୁଷ୍ମାନ ଭାରତ ଯୋଜନା’ ରହିଛି। ଦେଶର ଗରିବ ଲୋକମାନଙ୍କୁ ବିନା ଅର୍ଥ ଖର୍ଚ୍ଚରେ ଦେଶର ପଞ୍ଜୀକୃତ ବଡ଼ ବଡ଼ ସରକାରୀ ଓ ବେସରକାରୀ ଡାକ୍ତରଖାନାମାନଙ୍କରେ ଚିକିତ୍ସା ସୁବିଧା ଯୋଗାଇବା ଏହି ସ୍ୱାସ୍ଥ୍ୟ ବୀମା ଯୋଜନାର ଲକ୍ଷ୍ୟ। କ୍ୟାସ୍ ଲେସ୍ ବ୍ୟବସ୍ଥାରେ ସମ୍ପୃକ୍ତ ହିତାଧିକାରୀମାନଙ୍କୁ ଏହି ଚିକିତ୍ସା ପାଇଁ ବୀମା ବ୍ୟବସ୍ଥାରେ ସରକାର ଅର୍ଥ ଯୋଗାଉଛନ୍ତି। ଗୋଟିଏ ସରକାର ଦେଶର ଲୋକମାନଙ୍କ ପାଇଁ ଏଭଳି କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାରେ କିଛି ଅସୁବିଧା ନାହିଁ। ତେବେ ଆମ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରକ୍ଷେତ୍ର ବିଷୟରେ ଯେଉଁ ତାଲିକାସୂଚୀ ସମ୍ବିଧାନ ପ୍ରସ୍ତୁତ କରିଛି, ସେଥିରେ ସ୍ୱାସ୍ଥ୍ୟ ପ୍ରସଙ୍ଗ ରାଜ୍ୟ ତାଲିକାର ଅଂଶବିଶେଷ। ସରଳ ଭାଷାରେ କହିଲେ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟ କରିବାର ଅଧିକାର ରାଜ୍ୟ ସରକାରଙ୍କର। ରାଜ୍ୟ ଚାହିଁଲେ ଏ କ୍ଷେତ୍ରରେ କେନ୍ଦ୍ରର ସହାୟତା ନେଇପାରେ ବା କେନ୍ଦ୍ରୀୟ ଯୋଜନାକୁ କାର୍ଯ୍ୟକାରୀ କରିପାରେ। ଏଥିପାଇଁ କୌଣସି ରାଜ୍ୟକୁ କେନ୍ଦ୍ର ସରକାର ବାଧ୍ୟ କରିପାରିବେ ନାହିଁ।

ଆୟୁଷ୍ମାନ ଭାରତ ଯୋଜନା’କୁ ଓଡ଼ିଶା, ପଶ୍ଚିମବଙ୍ଗ ଓ ଦିଲ୍ଲୀ ସରକାର କାର୍ଯ୍ୟକାରୀ କରିନାହାନ୍ତି। ତେଣୁ କେନ୍ଦ୍ର ସରକାର ଏଥିପାଇଁ ବାରମ୍ବାର ଏ ସବୁ ରାଜ୍ୟ ଉପରେ ଚାପ ପକାଇ ଆସୁଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ବିଭିନ୍ନ ଲୋକକଲ୍ୟାଣକାରୀ ଯୋଜନା ଭଳି ‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)’ ଓଡ଼ିଶାରେ ଆରମ୍ଭ ହୋଇଥିଲା ୨୦୧୮ ଅଗଷ୍ଟ ୧୫ ତାରିଖରେ। ସେତେବେଳକୁ କେନ୍ଦ୍ରର ‘ଆୟୁଷ୍ମାନ ଭାରତ’ ବା ‘ପିଏମ୍‌ଜେଏୱାଇ’ ଆରମ୍ଭ ହୋଇ ନଥିଲା। ଏହି ଯୋଜନାରେ ଓଡ଼ିଶା ସରକାର ଲୋକଙ୍କୁ ସେମାନଙ୍କ ଆୟ ନିର୍ବିଶେଷରେ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି। ଏ କ୍ଷେତ୍ରରେ ରୋଗୀମାନଙ୍କ ଆବାସିକ ସ୍ଥିତି ମଧ୍ୟ ବିଚାରକୁ ନିଆଯାଉନାହିଁ। ଆହୁରି ମଧ୍ୟ ପ୍ରତ୍ୟେକ କାର୍ଡଧାରୀ ହିତାଧିକାରଙ୍କ ପରିବାରକୁ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ବୀମା ଅନ୍ତର୍ଭୁକ୍ତ ଚିକିତ୍ସା ସୁବିଧା ସହିତ ମହିଳାଙ୍କ ପାଇଁ ବିଶେଷ ଅଧିକ ଅତିରିକ୍ତ ୫ଲକ୍ଷ ଟଙ୍କା ଅର୍ଥାତ୍ ମୋଟ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏହି ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ‘ବିଏସ୍‌କେୱାଇ’ରେ ୧୫ ହଜାର ପ୍ରକାରର ସ୍ୱାସ୍ଥ୍ୟଗତ ଜଟିଳତା ଓ ରୋଗବ୍ୟାଧି ପାଇଁ ଚିକିତ୍ସା ଓ ବୀମା ସୁବିଧା ରହିଛି। ଏପରିକି କେମୋଥେରାପି ଓ ଡାଏଲିସିସ୍ ଭଳି ଦୀର୍ଘକାଳୀନ ଚିକିତ୍ସା ନିମନ୍ତେ ବୀମା ସୁବିଧା ଏହି ଯୋଜନା ଯୋଗାଉଛି। ରାଜ୍ୟ ଭିତରେ ୧୦୦ରୁ ଅଧିକ ଓ ବାହାର ରାଜ୍ୟର ପ୍ରାୟ ୨୦୦ ପ୍ରତିଷ୍ଠିତ ବଡ଼ ବଡ଼ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ଏହି ଯୋଜନାରେ ପଞ୍ଜୀକୃତ ହୋଇଥିବା କାର୍ଡଧାରୀଙ୍କୁ ସେବା ଯୋଗାଉଛି। ପ୍ରତିଦିନ ୨୦୦ ରୁ ୩୦୦ ଲୋକ ଏହି ସ୍ୱାସ୍ଥ୍ୟ ସେବା ସୁବିଧା ନେଉଛନ୍ତି। ଏଥିପାଇଁ ସରକାରୀ ଡାକ୍ତରଖାନାରେ ହେଲ୍ପଡେସ୍କମାନ ପ୍ରତିଷ୍ଠା କରାଯାଇଛି।

ଓଡ଼ିଶାର ପ୍ରାୟ ୧୨୦ ଲକ୍ଷ ପରିବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ଏବଂ ଏଥିରେ ଗ୍ରାମାଞ୍ଚଳକୁ ଅଗ୍ରାଧିକାର ଦିଆଯାଇଛି। ଏପରିକି ଲୋକମାନଙ୍କୁ ଏହି ଯୋଜନାରେ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବା ସହିତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନଥିବା ଅବିଶିଷ୍ଟ ପରିବାରକୁ ଏହି ସେବା ଯୋଗାଇ ଦେବାକୁ ସରକାର ନିକଟରେ ଘୋଷଣା କରିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁଯାୟୀ, ‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’ କେନ୍ଦ୍ର ସରକାରଙ୍କ ‘ଆୟୁଷ୍ମାନ ଭାରତ ଯୋଜନା’ଠାରୁ ଅଧିକ ଭଲ, ତୁଳନାତ୍ମକ ଭାବେ ପ୍ରଗତିଶୀଳ, ସରଳ ଓ ସମାବେଶୀ। ଏଥିରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ଅଗ୍ରାଧିକାର ପ୍ରଦାନ କରାଯାଉଛି। ରାଜ୍ୟ ସରକାର ବିଶେଷ ଆଗ୍ରହ ପ୍ରଦର୍ଶନ କରି ଏହାକୁ କାର୍ଯ୍ୟକାରୀ କରୁଥିବାରୁ ଏହା ଏକ ସଫଳ କାର୍ଯ୍ୟକ୍ରମରେ ପରିଣତ ହୋଇଛି ଏବଂ ହିତାଧିକାରୀଙ୍କ କୌଣସି ଅଭିଯୋଗ ପ୍ରାୟତଃ ନାହିଁ। ଏଭଳି ସ୍ଥିତିରେ ଭାରତ ସରକାର ଓଡ଼ିଶା ସରକାରଙ୍କୁ ‘ଆୟୁଷ୍ମାନ ଭାରତ ଯୋଜନା’ କାର୍ଯ୍ୟର୍ୟକାରୀ କରିବାକୁ କାହିଁକି ଚାପ ପକାଉଛନ୍ତି ତାହା ବୁଝି ହେଉନାହିଁ। ମୂଳରୁ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ବିଜେପି ସଭାପତି ଜେପି ନଡ୍ଡା ଓ ଓଡ଼ିଶାର ଅନ୍ୟାନ୍ୟ କେନ୍ଦ୍ରମନ୍ତ୍ରୀମାନେ ଏଥିପାଇଁ ବାରମ୍ବାର ଓଡ଼ିଶା ସରକାରଙ୍କ ଉପରେ ଚାପ ପ୍ରୟୋଗ କରିଆସୁଛନ୍ତି।

ଅପରପକ୍ଷରେ ଓଡ଼ିଶା ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନଥିବାରୁ କେନ୍ଦ୍ରୀୟ ବିଜେପି ନେତାମାନେ ‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’ ନେଇ ଅଯଥା ଅପପ୍ରଚାର କରିବା ସହିତ ଓଷଧ ବିକଳରେ ତାଟିଆ କାମୁଡୁଥିବା ଭଳି ମନେ ହେଉଛି। ଗତ ସୋମବାର ଜଣେ କେନ୍ଦ୍ର ମନ୍ତ୍ରୀ ‘ବିଏସ୍‌କେୱାଇ’ ନେଇ ସମ୍ବଲପୁରରେ ଯାହା କହିଛନ୍ତି ତାହା ତାଙ୍କର ନୈରାଶ୍ୟକୁ ପଦାରେ ପକାଉଛି। ସେ ଏହି ଯୋଜନାକୁ ବିଫଳ ବୋଲି କହିବା ସହିତ ଏହାକୁ ଲୋକେ ଗ୍ରହଣ କରୁନାହାନ୍ତି ବୋଲି ମନଗଢ଼ା ଆରୋପ ଲଗାଇଛନ୍ତି। ବାସ୍ତବରେ ସେ ଏହି ଯୋଜନାର ସଫଳତା ଦେଖି ଈର୍ଷାନ୍ୱିତ ହେଉଥିବା ମନେ ହୁଏ। ରାଜନୈତିକ ବିରୋଧୀଙ୍କୁ ରାଜ୍ୟ ଶାସକ ଦଳର ସଫଳତା ଗ୍ରହଣ କରିବାକୁ ନିଶ୍ଚୟ ଅଡୁଆ ଲାଗୁଥିବ। କେନ୍ଦ୍ରମନ୍ତ୍ରୀଙ୍କର ଏଭଳି ବୟାନକୁ ରାଜ୍ୟର ଜଣେ ତୁଙ୍ଗ ନେତା ନିନ୍ଦା କରିବା ସହିତ ଶାସକ ଏନ୍‌ଡିଏ ମେଣ୍ଟକୁ ଆହ୍ୱାନ ଜଣାଇ କହିଛନ୍ତି ଯେ ଯଦି ଓଡ଼ିଶାର ସଫଳ, ସମାବେଶୀ ଓ ଲୋକପ୍ରିୟ ‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା ଯୋଜନା’କୁ ଏତେ ନାପସନ୍ଦ କରୁଛନ୍ତି ତେବେ ଆସନ୍ତା ସାଧାରଣ ନିର୍ବାଚନରେ ତାଙ୍କ ମେଣ୍ଟ ପକ୍ଷରୁ ଓଡ଼ିଶାରେ ‘ନିର୍ବାଚନୀ ଇସ୍ତାହାର’ରେ ଘୋଷଣା କରନ୍ତୁ ଯେ ସେମାନେ ଶାସନ କ୍ଷମତାକୁ ଆସିଲେ ‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’କୁ ପ୍ରତ୍ୟାହାର କରାଯିବ। ଓଡ଼ିଶାର ହିତାଧିକାରୀ ସଚେତନ ଭୋଟରମାନେ ଏହାର ଉପଯୁକ୍ତ ଜବାବ ନିଶ୍ଚୟ ଦେବେ। ●

# କୃଷି ପ୍ରଗତିରେ ମହିଳା ସଶକ୍ତୀକରଣ



ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମନ୍ତ୍ରୀ,
‘କୃଷି ଓ କୃଷକ ସଶକ୍ତୀକରଣ ଏବଂ ‘ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ’

‘କୃଷି କଲେ ଉନ୍ନତି, ସକଳ ଉନ୍ନତି’। ପ୍ରାୟ ଶହେବର୍ଷ ପୂର୍ବେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରଚିତ ଏହି ଉକ୍ତି ସେତେବେଳେ ଯେତେ ପ୍ରାସଙ୍ଗିକ ଥିଲା, ଆଜି ମଧ୍ୟ ସେତିକି କିମ୍ବା ତା’ଠୁ ଅଧିକ ପ୍ରାସଙ୍ଗିକ। କାରଣ ସେ ସମୟକୁ ତୁଳନା କଲେ ଆଜି ଜନସଂଖ୍ୟା ଚାରିଗୁଣରୁ ଅଧିକ। ସମାନ ପରିମାଣ ଜମିରୁ ଏତେ ଅଧିକ ସଂଖ୍ୟକ ଲୋକଙ୍କୁ ଆହାର ଯୋଗାଇବା ନିଶ୍ଚିତ ଭାବେ ଏକ ଆହ୍ୱାନ। କିନ୍ତୁ, ଆମ ଚାଷୀଭାଇ ଓ ଭଉଣୀମାନଙ୍କ କଠିନ ପରିଶ୍ରମ, କୃଷି ବୈଜ୍ଞାନିକଙ୍କ ନୂତନ ଜ୍ଞାନକୌଶଳର ଉଦ୍ଭାବନ ଏବଂ ସରକାରଙ୍କ କୃଷକ-ଅନୁକୂଳ ନୀତି ଫଳରେ ଆଜି ଆମ ଦେଶ ଏବଂ ଆମ ରାଜ୍ୟ ଓଡ଼ିଶା କୃଷି କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଛି। ଓଡ଼ିଶା କ୍ଷେତ୍ରରେ ଏହା ଟିକିଏ ଅଲଗା। କାରଣ ଦେଶର ଅନ୍ୟାନ୍ୟ ରାଜ୍ୟକୁ ତୁଳନା କଲେ ଆମ ରାଜ୍ୟର କୃଷି ପ୍ରଗତି ନିଶ୍ଚିତ ଭାବେ ମନ୍ଥର ଥିଲା। ୨୦୦୦ ମସିହା ପୂର୍ବରୁ ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ପାଇଁ ଆମକୁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର ହେବାକୁ ପଡୁଥିଲା। ସେ ସମୟର ଅନାହାର ଏବଂ ଅର୍ଦ୍ଧାହାର ବିଷୟରେ ସମସ୍ତେ ଅବଗତ ଅଛନ୍ତି।

୨୦୦୦ ମସିହା ପରେ ଆମ ରାଜ୍ୟକୁ କୃଷି କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ ନିର୍ଦ୍ଦିଷ୍ଟ ଖସଡ଼ା ପ୍ରସ୍ତୁତ ହେଲା ଏବଂ ତଦନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମମାନ ଗ୍ରହଣ କରାଗଲା। ଏହିକ୍ରମରେ କୃଷି କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗର ଆବଶ୍ୟକତା ଥିଲା। କାରଣ ଜମିକୁ ଜଳ ଯୋଗାଣ ହୋଇପାରିଲେ ଚାଷ ସମସ୍ୟାର ଅଧାରୁ ଅଧିକ ସମାଧାନ ହୋଇଯିବ। ଫଳସ୍ୱରୂପ ସ୍ୱାଧୀନତାର ପଚାଶ ବର୍ଷରେ ଯେତିକି ଜମି ଜଳସେଚିତ ହୋଇଥିଲା, ଗତ କୋଡ଼ିଏ ବର୍ଷରେ ତା’ଠୁ ଅଧିକ ଜମି ଜଳସେଚିତ କରିବାରେ ରାଜ୍ୟ ସରକାର ସମର୍ଥ ହେଲେ। ଏହାସହିତ ଅନେକ କୃଷକ-ଅନୁକୂଳ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନିଆଗଲା। ଫଳସ୍ୱରୂପ ଓଡ଼ିଶା ଆଜି ଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହିତ ପ୍ରାୟ ୧୨ ଗୋଟି ରାଜ୍ୟକୁ ଚାଉଳ ରପ୍ତାନି କରୁଛି।

କେବଳ ଶସ୍ୟ ଉତ୍ପାଦନ ନୁହେଁ, ଓଡ଼ିଶାର ପ୍ରମୁଖ ଫସଲ ଧାନ ସହିତ ବିଭିନ୍ନ ପନିପରିବା, ଫଳ, ମାଛ, ଅଣ୍ଡା, କୁକୁଡ଼ା ମାଂସ ଇତ୍ୟାଦି ଖାଦ୍ୟ ପଦାର୍ଥ ପାଇଁ ଆମକୁ ଆଜି ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁନାହିଁ। ବିଗତ କୋଡ଼ିଏ ବର୍ଷରେ ମାଛ ଉତ୍ପାଦନ ପ୍ରାୟ ଚାରିଗୁଣା ବୃଦ୍ଧି ପାଇଛି। ଆଜି ଆମେ ପ୍ରତିଦିନ ୧ କୋଟିରୁ ଅଧିକ ଅଣ୍ଡା ଉତ୍ପାଦନ କରୁଛୁ। ଏହି ଉଲ୍ଲେଖନୀୟ ପ୍ରଗତି ସମ୍ଭବ ହୋଇପାରିଛି ଆମ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଫଳରେ। ଉଦାହରଣ ସ୍ୱରୂପ ୧୯୯୯-୨୦୦୦ ଆର୍ଥିକ ବର୍ଷରେ କୃଷି ଓ ଆନୁଷଙ୍ଗିକ କୃଷିରେ ମାତ୍ର ୫୭୬ କୋଟି ଟଙ୍କା ବ୍ୟୟ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୨୪, ୦୦୦ କୋଟି ଟଙ୍କାରୁ ବି ଅଧିକ। ଏହା ଉଲ୍ଲେଖନୀୟ ଯେ, ଗତ କିଛିବର୍ଷ ମଧ୍ୟରେ କେନ୍ଦ୍ରୀୟ କୃଷି ବଜେଟ ଖର୍ଚ୍ଚ କ୍ରମାଗତ ଭାବେ ହ୍ରାସ ପାଉଥିବା ବେଳେ ଓଡ଼ିଶା ରାଜ୍ୟ ସରକାର କ୍ରମାଗତ ଭାବେ କୃଷି କ୍ଷେତ୍ରରେ ଅଧିକ ପ୍ରାବଧାନ କରୁଛନ୍ତି।

କୃଷକଙ୍କ ମଙ୍ଗଳ ପାଇଁ ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ରମ ସରାଦେଶ ପାଇଁ ଏକ ଉଦାହରଣ ପାଲଟିଛି। ଚାଷୀଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ, ୧ ଟଙ୍କା ପ୍ରିମିୟମରେ ପ୍ରତ୍ୟେକ ଏକର ପାଇଁ ଫସଲ ବୀମା, କୃଷି ଯନ୍ତ୍ରପାତି କ୍ରୟ ପାଇଁ ସ୍ଥଳବିଶେଷରେ ୭୫ ପ୍ରତିଶତ ପର୍ଯ୍ୟନ୍ତ ରିହାତି, ସୁଲଭ ମୂଲ୍ୟରେ ବିହନ, ସାର ଓ କୀଟନାଶକ ଇତ୍ୟାଦି କାର୍ଯ୍ୟକ୍ରମ ଉଲ୍ଲେଖନୀୟ। ଏହାର ପ୍ରତିଫଳନ ଆମ କୃଷି ଅଭିବୃଦ୍ଧିରେ ଦେଖିବାକୁ ମିଳୁଛି, ଯାହା କ୍ରମାଗତ ଭାବେ ଜାତୀୟ କୃଷି ଅଭିବୃଦ୍ଧିଠାରୁ ଅଧିକ ରହୁଛି। କୃଷକ ସମାଜର ମଙ୍ଗଳ ପାଇଁ ଗତ ୮ ତାରିଖରେ ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ‘କାଳିଆ ଛାତ୍ର ବୃତ୍ତି’ ଯୋଜନାରେ ରାଜ୍ୟର ପ୍ରାୟ ୪୫ ଲକ୍ଷ ଚାଷୀ ପରିବାରଙ୍କ ପିଲାମାନଙ୍କର ବୃତ୍ତିଗତ ଓ ବୈଷୟିକ ଶିକ୍ଷା ପାଇଁ ହେଉଥିବା ଖର୍ଚ୍ଚ ସଂପୂର୍ଣ୍ଣ ଭାବେ ସରକାର ବହନ କରିବେ। ଏପରିକି, ଏହି ଯୋଜନାରେ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ଖର୍ଚ୍ଚ ମଧ୍ୟ ସାମିଲ ଅଛି। ଏପରି ଏକ ଅନନ୍ୟ କୃଷକମଙ୍ଗଳ କାର୍ଯ୍ୟକ୍ରମ ସାରା ଦେଶରେ ବିରଳ।

ଆଜି କୃଷି କ୍ଷେତ୍ରରେ ହେଉଥିବା ପ୍ରଗତି ଏବଂ ଉତ୍ପାଦନ ବୃଦ୍ଧିରେ ମହିଳାଙ୍କ ଯୋଗଦାନ ବିଷୟରେ କ୍ୱଚିତ ଗୁରୁତ୍ୱ ଦିଆଯାଇଥାଏ। ଆମେ ଭୁଲିଯିବା ଉଚିତ ନୁହେଁ ଯେ ବିଭିନ୍ନ ପରିସଂଖ୍ୟାନ ଏବଂ ଅନୁସନ୍ଧାନ ଅନୁସାରେ କୃଷି କାର୍ଯ୍ୟରେ ମହିଳାଙ୍କ ଯୋଗଦାନ ଅତିକମରେ ୬୦ ପ୍ରତିଶତରୁ ବି ଅଧିକ। କିନ୍ତୁ ଚିରାଚରିତ ସାମାଜିକ କାରଣରୁ କୃଷିକ୍ଷେତ୍ରକୁ ମହିଳାମାନଙ୍କ ଏହି ଅବଦାନକୁ ପ୍ରାୟ ଅଣଦେଖା କରାଯାଇଥାଏ। ଏହି ଅସଙ୍ଗତିକୁ ଲୋକଲୋଚନକୁ ଆଣି ମହିଳା ଚାଷୀଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ରାଜ୍ୟ ସରକାର କ୍ରମାଗତ ଭାବେ ଉଦ୍ୟମରତ ଅଛନ୍ତି। ତେଣୁ ରାଜ୍ୟରେ କୃଷି ଉପକରଣ ଓ ଯନ୍ତ୍ରପାତି ପାଇଁ ଖର୍ଚ୍ଚ ହେଉଥିବା ବଜେଟର ଅତିକମରେ ୩୦ ପ୍ରତିଶତ ମହିଳା ଉପଯୋଗୀ କୃଷି ଉପକରଣ ଯୋଗାଇବା ପାଇଁ ପ୍ରାବଧାନ କରାଯାଇଛି। ଆଉପାଦେ ଆଗକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୧-୨୨ ଆର୍ଥିକ ବର୍ଷ ଠାରୁ ‘କୃଷି କ୍ଷେତ୍ରରେ ମହିଳା ସଶକ୍ତୀକରଣ’ ପାଇଁ ବାର୍ଷିକ ୧୦୦ କୋଟି ଟଙ୍କାର ପ୍ରାବଧାନ କରିଛନ୍ତି, ଯାହା ମହିଳାଙ୍କ ଦ୍ୱାରା ଛତୁ ଓ ଫୁଲ ଚାଷ ପାଇଁ ଖର୍ଚ୍ଚ ହେଉଛି।

ଆମ ସଂସ୍କୃତି, ପରମ୍ପରା ଏବଂ ସାମାଜିକ ଜୀବନ, ବିଶେଷ ଭାବେ, କୃଷି କ୍ଷେତ୍ରରେ ମହିଳାଙ୍କ ଅବଦାନକୁ ସମ୍ମାନ ଜଣାଇ ଚଳିତ ବର୍ଷର ‘କୃଷି ଓଡ଼ିଶା’ ପାଇଁ ଶୀର୍ଷକ ରଖାଯାଇଛି, ‘କୃଷି ପ୍ରଗତିରେ ମହିଳା’। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଣୀତ ‘୫-ଟି’ ଏବଂ ‘ମୋ ସରକାର’ ଶାସନ ବ୍ୟବସ୍ଥା ଅନୁସାରେ ସରକାର ଲୋକଙ୍କ ପାଖକୁ ଯିବା ଆବଶ୍ୟକ। ଏହି ନୀତି ଅନୁଯାୟୀ କୃଷି ବିଭାଗ ଦ୍ୱାରା ଗତବର୍ଷଠାରୁ ରାଜ୍ୟସ୍ତରୀୟ, ଆଞ୍ଚଳିକ ଓ ଜିଲ୍ଲାସ୍ତରୀୟ କୃଷି ମେଳା ଆୟୋଜନ କରଯାଇଥିଲା। ଏହି ମେଳାରେ ଚାଷୀ ଭାଇ ଓ ଭଉଣୀଙ୍କ ଉତ୍ସାହ ଓ ଅଂଶଗ୍ରହଣ ଦେଖି ଚଳିତ ବର୍ଷ ଏହି ମେଳାକୁ ଉପଖଣ୍ଡ(ସବ-ଡିଭିଜନ) ସ୍ତରରେ ଆୟୋଜନ କରାଯାଇଥିଲା।

ଏହି ମେଳାରେ ଚାଷୀ ସମାଜ ଗୋଟିଏ ସ୍ଥାନରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ସବୁ ବିଷୟରେ ଜାଣିପାରୁଛନ୍ତି ଏବଂ ତାହାର ଲାଭ ମଧ୍ୟ ସେହି ମେଳାରେ ହିଁ ନେଇପାରୁଛନ୍ତି। ଏହି ମେଳାର ଆଉ ଏକ ସିଧାସଳଖ ପ୍ରଭାବ ହେଲା, ଆମ ରାଜ୍ୟରେ କୃଷି ଯାନ୍ତ୍ରିକୀକରଣ ଉଲ୍ଲେଖନୀୟ ଭାବେ ବୃଦ୍ଧିପାଇଛି। ଆକଳନ ଅନୁସାରେ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୧, ୪୦୦ କୋଟି ଟଙ୍କାର ରେକର୍ଡ ମୂଲ୍ୟର କୃଷି ଯନ୍ତ୍ରପାତି ଆମ ଚାଷୀଭାଇ ଓ ଭଉଣୀମାନେ କ୍ରୟ କରି ବ୍ୟବହାର କରିବେ। କହିବା ବାହୁଲ୍ୟ ଯେ ଏହି ଉପକରଣର ସିଂହଭାଗ ମହିଳା ଉପଯୋଗୀ କୃଷି ଉପକରଣ।

କୃଷି ମେଳା ଆୟୋଜନର ସଫଳତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷଠାରୁ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜିତ କରାଯାଉଛି। ଏହିସବୁ କାର୍ଯ୍ୟକ୍ରମ ଦ୍ୱାରା କୃଷି କ୍ଷେତ୍ରରେ ଅଧିକ ଅର୍ଥ ବିନିଯୋଗ ବୃଦ୍ଧି ହେବା ସହ ସାମାଜିକ ଏବଂ ଆର୍ଥିକ ସ୍ତରରେ କୃଷକ ସମାଜକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆମେ ସମସ୍ତେ ମନେ ରଖିବା ଉଚିତ ଯେ ଯେତେବେଳେ ସମାଜର ପ୍ରାୟ ୬୫ ପ୍ରତିଶତ ଜନସାଧାରଣ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମ ଉପରେ ନିର୍ଭରଶୀଳ, ସେମାନଙ୍କ ପ୍ରଗତି ବିନା ଆର୍ଥିକ ବିକାଶ ଅସମ୍ଭବ। ଠିକ ସେହିପରି ଯେତେବେଳେ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟରେ ଅର୍ଦ୍ଧାଧିକ ଭାଗ କାର୍ଯ୍ୟରେ ମହିଳାମାନେ ନିୟୋଜିତ ଅଛନ୍ତି, ସେମାନଙ୍କ ସଶକ୍ତୀକରଣ ବିନା ସମାଜର ସାମଗ୍ରିକ ବିକାଶ ଅସମ୍ଭବ। ମହିଳାଙ୍କ ଏହି ଅବଦାନ ଓ ସମ୍ମାନର ପ୍ରତୀକ ହେଉଛି ଚଳିତ ବର୍ଷର ‘କୃଷି ଓଡ଼ିଶା’। ●

# ଉତ୍କଳପ୍ରାଣ ବ୍ରଜସୁନ୍ଦର



ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମିତ୍ତ କର୍ଣ୍ଣଧାର ସାଜିଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମୁଖ୍ୟ ସହଯୋଗୀ ଥିଲେ ଉତ୍କଳ ପ୍ରାଣ ବ୍ରଜସୁନ୍ଦର ଦାସ। ଜାତି ପାଇଁ ମଧୁସୂଦନ ଯେପରି ଦେବାଳିଆ ହୋଇଥିଲେ ବ୍ରଜସୁନ୍ଦର ମଧ୍ୟ ସେଭଳି ହୋଇଥିଲେ। ସେ ଏକାଧାରରେ ଥିଲେ ସ୍ୱାଭିମାନୀ, ଉତ୍କଳ ପ୍ରେମୀ, ସତ୍ୟନିଷ୍ଠ, ନିର୍ଭୀକ, ନିଃସ୍ୱାର୍ଥପର ରାଜନେତା, ଆଦର୍ଶ ବିଧାୟକ, ବିଶିଷ୍ଟ ଚିନ୍ତାନାୟକ, ତ୍ୟାଗୀ, ସୁସାହିତ୍ୟିକ ଓ ସୃଜନଶୀଳ ସମ୍ପାଦକ। ଓଡ଼ିଶାର ଏକତ୍ରୀକରଣ, ଓଡ଼ିଆ ଭାଷା ସୁରକ୍ଷା ଓ ଓଡ଼ିଆ ସାହିତ୍ୟର ସମୃଦ୍ଧି ଥିଲା ତାଙ୍କ ଜୀବନର ବ୍ରତ। ତାଙ୍କ କାର୍ଯ୍ୟାବଳୀ, ପ୍ରଜ୍ଞା, ପ୍ରତିଭା ଓ ପ୍ରତିଶ୍ରୁତିବଦ୍ଧତା ଅନନ୍ୟ ଓ ଅନୁପମ।

ବ୍ରଜସୁନ୍ଦର ୧୮୮୦ ଜୁଲାଇ ୨ ତାରିଖରେ ଯାଜପୁରର କଣ୍ଟାବଣିଆ ଗ୍ରାମରେ ତିସାଣିଆ ଜମିଦାର ବଂଶରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଶ୍ୟାମସୁନ୍ଦର ଦାସ ଥିଲେ ତତ୍କାଳୀନ ଟ୍ରିବ୍ୟୁଟାରୀ ମାହାଲର ସୁପରିଣ୍ଟେଣ୍ଡେଣ୍ଟ ଏବଂ ପ୍ରପିତା ହରେକୃଷ୍ଣ ଦାସ ଥିଲେ ପ୍ରଥମ ଓଡ଼ିଆ ଡେପୁଟି ମାଜିଷ୍ଟ୍ରେଟ୍। ବ୍ରଜସୁନ୍ଦରଙ୍କ ଶ୍ୱଶୁର ରଜାୟବାହାଦୂର ସୁଦାମ ଚରଣ ନାୟକ ମଧ୍ୟ ଡେପୁଟି ମାଜିଷ୍ଟ୍ରେଟ ଥିଲେ। ୧୯୦୦ ମସିହାରେ ରେଭେନ୍ସା କଲେଜ୍‌ରୁ ଏଫ୍‌ଏ ପାସ୍ କରିବା ପରେ ସେ କଲିକତାର ପ୍ରେସିଡେନ୍ସି କଲେଜ୍‌ରେ ପଢ଼ିଲେ ଓ କୃତିତ୍ୱର ସହ ବିଏ ପାସ୍ କରି ଓଡ଼ିଶାର ତୃତୀୟ ଗ୍ରାଜୁଏଟ୍ ହୋଇପାରିଥିଲେ। ଆଦି ନେତା ବିଚିତ୍ରାନନ୍ଦ ଦାସ ଥିଲେ ତାଙ୍କ କୁଟୁମ୍ବର। ବିଚିତ୍ରାନନ୍ଦ ଓଡ଼ିଶାରେ ନବଯୁଗର ସୂତ୍ରପାତ କରିଥିଲେ ଓ ମଧୁସୂଦନଙ୍କ ବହୁପୂର୍ବରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣର ସ୍ୱପ୍ନ ପ୍ରଥମେ ଦେଖିଥିଲେ। ବିଚିତ୍ରାନନ୍ଦଙ୍କ ସ୍ୱପ୍ନ ବ୍ରଜସୁନ୍ଦରଙ୍କୁ ପ୍ରଭାବିତ କରିଥିଲା। ସେ ଥିଲେ ଆଦି ନେତା ବିଚିତ୍ରାନନ୍ଦଙ୍କ ଜାତୀୟଜୀବନବୋଧର ପ୍ରକୃତ ଉତ୍ତରାଧିକାରୀ। ଛାତ୍ରାବସ୍ଥାରେ ବ୍ରଜସୁନ୍ଦର ସୁରେନ୍ଦ୍ର ନାଥ ବାନାର୍ଜୀ, ବାଲ୍ ଗଙ୍ଗାଧର ତିଲକ୍, ଗୋପାଳ କୃଷ୍ଣ ଗୋଖ୍‌ଲେ ଓ ମଧୁସୂଦନ ଦାସ ପ୍ରଭୃତିଙ୍କ କାର୍ଯ୍ୟାବଳୀରେ ଉଦ୍‌ବୁଦ୍ଧ ହୋଇଥିଲେ। ଏ ଦିଗରେ ରେଭେନ୍ସା କଲେଜ୍‌ରେ ତାଙ୍କ ଅଧ୍ୟାପକ ଡକ୍ଟର ଯୋଗେଶ ଚନ୍ଦ୍ର ରାୟ ତାଙ୍କୁ ପ୍ରୋତ୍ସାହନ ଦେଇଥିଲେ। ତାଙ୍କର ସମସାମୟିକ ଗୋପବନ୍ଧୁ ଦାସ, ଲକ୍ଷ୍ମୀକାନ୍ତ ମହାପାତ୍ର, ଜଗବନ୍ଧୁ ସିଂହ ଓ ଲୋକନାଥ ପଟ୍ଟନାୟକ ପ୍ରଭୃତି ଯଥେଷ୍ଟ ପ୍ରରୋଚନା ଦେଇଥିଲେ। ରେଭେନ୍ସା କଲେଜ୍‌ରେ ଛାତ୍ର ଥିବା ବେଳେ ସେ ଗୋପବନ୍ଧୁ ଦାସ ଓ ଅନ୍ୟାନ୍ୟ ସାଥୀଙ୍କ ସହିତ ମିଶି ଓଡ଼ିଆ ଭାଷା ସୁରକ୍ଷା ଓ ସମୃଦ୍ଧି ପାଇଁ “କର୍ତ୍ତବ୍ୟବୋଧିôନୀ” ସଂଗଠନ ଗଢ଼ିଥିଲେ। ତାଙ୍କର ମହତୀ ପ୍ରଚେଷ୍ଟାରେ ୧୯୦୨ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପାଠ୍ୟକ୍ରମରେ ସ୍ଥାନ ପାଇଥିଲା। କଲିକତା ବିଶ୍ୱବିଦ୍ୟାଳୟର ତତ୍କାଳୀନ ନିର୍ଦ୍ଦେଶକ ମିଷ୍ଟର ଉଡ୍‌ବର୍ଣ୍ଣଙ୍କୁ ସାକ୍ଷାତ କରି ଓଡ଼ିଆ ଭାଷା ସାହିତ୍ୟକୁ ପାଠ୍ୟକ୍ରମରେ ସ୍ଥାନ ଦେବାକୁ ସଫଳ ଅନୁରୋଧ କରିଥିଲେ।

ଆଦି ନେତା ବିଚିତ୍ରାନନ୍ଦ ନ’ଅଙ୍କ ଦୁର୍ଭିକ୍ଷର କରାଳ ଦୃଶ୍ୟ ସ୍ୱଚକ୍ଷୁରେ ଦେଖିଥିଲେ ଏବଂ ଇଂରେଜ ଶାସନରେ ଓଡ଼ିଆମାନେ କିପରି ଅବହେଳିତ ହେଉଥିଲେ ତାହା ଅନୁଭବ କରିଥିଲେ। ସେ ସବୁ କଥା ବିଚିତ୍ରାନନ୍ଦଙ୍କଠାରୁ ଶୁଣିବା ପରେ ବ୍ରଜସୁନ୍ଦର ସରକାରୀ ଉଚ୍ଚପଦବୀ ଓ ତିସାଣିଆ ଜମିଦାରୀକୁ ତୁଚ୍ଛ ମଣି ଜାତୀୟ କାର୍ଯ୍ୟରେ ମନୋନିବେଶ କରିଥିଲେ। ଫଳରେ ତାଙ୍କ ଜମିଦାରୀ ‘କୋର୍ଟ ଅଫ୍ ୱାର୍ଡସ୍’କୁ ଚାଲିଯାଇଥିଲା। ଓଡ଼ିଆ ଭାଷା ଓ ଜାତୀୟତାର ସମୃଦ୍ଧି କାମନାରେ ସେ ଗୋପବନ୍ଧୁଙ୍କ ସହ ମିଶି ‘ୟଙ୍ଗ ଉତ୍କଳ ଆସୋସିଏସନ୍’ ନାମରେ ଏକ ଯୁବ ସଂଗଠନ ଗଢ଼ିଥିଲେ। କଟକ ମାଣିକଘୋଷ ବଜାର ସ୍ଥିତ ନିଜସ୍ୱ କୋଠାଘରେ ସେ ଏହି ଯୁବ ସଂଗଠନର କାର୍ଯ୍ୟାଳୟ ଖୋଲିଥିଲେ। ତାଙ୍କ କାର୍ଯ୍ୟରେ ପ୍ରୀତ ହୋଇ ବ୍ୟାସକବି ଫକୀର ମୋହନ ସେନାପତି ଲେଖିଥିଲେ - ‘ହେ ବ୍ରଜସୁନ୍ଦର ବାବୁ ବିଏ ପାସ୍ କରି, ଆଚ୍ଛା କଥା ତୁମେ ଯାହା ନ କଲ ନୌକରି।

ଥୁଆ ଅଛି ଜମିଦାରୀ ଖଜଣା ସଲାମୀ, କିଆଁ ବା କରିବ ଯାଇ ପରର ଗୋଲାମୀ।’

ତାଙ୍କ ମାଣିକଘୋଷ ବଜାର ବାସଗୃହ ଓଡ଼ିଶାର ଜାତୀୟ କାର୍ଯ୍ୟାଳୟରେ ପରିଣତ ହୋଇଥିଲା। ପ୍ରସିଦ୍ଧ ବ୍ରିଟିଶ୍ ସାମ୍ବାଦିକ ନେଭିଲ୍‌ସନ୍ ୧୯୦୭ରେ ଓଡ଼ିଶା ଆସି ଏହି ଘରେ ବ୍ରଜସୁନ୍ଦରଙ୍କ ଅତିଥି ଭାବେ ରହିଥିଲେ। ବଙ୍ଗ ନେତା ଶଶିଭୂଷଣ ରାୟ ଓ ଖୁଦିରାମ୍ ବୋଷ୍ ଏହି ଗୃହରେ ମଧ୍ୟ ଆଶ୍ରୟ ନେଇଥିଲେ। ମଧୁବାବୁ ଓ ଗୋପବନ୍ଧୁ ବ୍ରଜସୁନ୍ଦରଙ୍କ ସହିତ ଆଲୋଚନା କରିବାକୁ ଏହି ଘରକୁ ନିୟମିତ ଆସୁଥିଲେ। ୧୯୦୩ରେ ‘ଉତ୍କଳ ସମ୍ମିଳନୀ’ ଆରମ୍ଭ ହେଲା ଓ ବ୍ରଜବାବୁ ଏଥିରେ ଜଣେ ସକ୍ରିୟ ସଦସ୍ୟ ରହିଲେ। ‘ଉତ୍କଳ ସମ୍ମିଳନୀ’ର ଅନେକ କର୍ମକର୍ତ୍ତାଙ୍କୁ ବ୍ରଜବାବୁ ଏହି ଘରେ ଆତିଥ୍ୟ ଦେଉଥିଲେ।

ଆଦି ନେତା ବିଚିତ୍ରାନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ‘କଟକ ପ୍ରିଣ୍ଟିଂ କମ୍ପାନୀ’ରେ ବ୍ରଜସୁନ୍ଦର ୧୯୦୬ଠାରୁ ୧୯୧୮ ପର୍ଯ୍ୟନ୍ତ ବିନା ପାରିଶ୍ରମିକରେ ନିର୍ଦ୍ଦେଶକ ରହିଲେ। ୧୯୦୬ ଏପ୍ରିଲ୍‌ରେ ସେ ନିଜ ସମ୍ପାଦନାରେ ‘ମୁକୁର’ ପତ୍ରିକା ପ୍ରକାଶନ କଲେ। ‘ମୁକୁର’ ନିଜସ୍ୱ ଗରିମା ଯୋଗୁଁ ‘ଉତ୍କଳ ସାହିତ୍ୟ’ ସହ ସମସ୍ପର୍ଦ୍ଧୀ ଭାବେ ଠିଆ ହୋଇଥିଲା। ସେ ‘ମୁକୁର’ରେ କ୍ଷୁଦ୍ରଗଳ୍ପ ଲେଖିôବାକୁ ଲେଖକମାନଙ୍କୁ ଉତ୍ସାହିତ କରୁଥିଲେ। ବ୍ରଜସୁନ୍ଦର ହିଁ ପ୍ରଥମେ ଲେଖକମାନଙ୍କୁ ପାରିଶ୍ରମିକ ଦେବା ବ୍ୟବସ୍ଥାର ପ୍ରବର୍ତ୍ତନ କରିଥିଲେ। ତାଙ୍କ ଅନୁରୋଧରେ ଫକୀରମୋହନ ୧୯୦୫ରୁ ଗଳ୍ପ ରଚନାରେ ମନୋନିବେଶ କରିଥିଲେ। ଫକୀରମୋହନଙ୍କ ‘ବାଲେଶ୍ୱର ରାହାଜାନୀ’, ‘ମଉନାମଉନୀ’, ‘ପୁନର୍ମୂଷିକ ଭବୋ’, ‘ରାଣ୍ଡିପୁଅ ଅନନ୍ତା’, ‘ଡାକମୁନ୍‌ସୀ’ ଓ ‘ପାଠୋଇ ବୋହୂ’ ପ୍ରଭୃତି ‘ମୁକୁର’ରେ ପ୍ରକାଶିତ ହୋଇ ଅଶେଷ ପାଠକୀୟ ଆଦୃତି ଲାଭ କରିଥିଲା। ବ୍ରଜସୁନ୍ଦର ୧୯୧୦ରେ ଭାଷାକୋଷଲେନ୍‌ରେ ‘ମୁକୁର ପ୍ରେସ୍’ ପ୍ରତିଷ୍ଠା କଲେ। ଏହି ପ୍ରେସ୍‌ରୁ ବହୁ ସାହିତ୍ୟିକଙ୍କ ପୁସ୍ତକ ପ୍ରକାଶିତ ହୋଇଥିଲା। ‘କାଚ ମୂଲ୍ୟରେ କାଞ୍ଚନ ବିକ୍ରିୟ’ ବିଜ୍ଞାପନ ଦେଇ ସେ ପ୍ରତିମାସ ‘ମୁକୁର’ ପୃଷ୍ଠାରେ ଗୋଟିଏ ଲେଖାଏଁ ଉପନ୍ୟାସ ଛାପି ‘ମୁକୁର’କୁ ଜନପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲେ। କୁନ୍ତଳା କୁମାରୀ ସାବତଙ୍କ ‘ପରଶମଣି’ ପ୍ରଥମ ଉପନ୍ୟାସ ଭାବରେ ‘ମୁକୁର’ର ପୃଷ୍ଠାମଣ୍ଡନ କରିଥିଲା। ମଧୁସୂଦନଙ୍କ ସମସ୍ତ କବିତାର ଏକତ୍ର ସଂକଳନ କରି ସେ ‘ଜାତୀୟଗୀତି’ ନାମରେ ପ୍ରକାଶନ କରି ବହୁଳ ପ୍ରସାରଣ କରିଥିଲେ। ଅଭିମନ୍ୟୁ ସାମନ୍ତସିଂହାରଙ୍କ ‘ସୁଲକ୍ଷଣା’, ବିପିନ ବିହାରୀ ରାୟଙ୍କ ‘ପ୍ରବନ୍ଧ ସୋପାନ’, ନାରାୟଣ ମୋହନ ଦେଙ୍କ ‘ଜୟନ୍ତ’ ଓ ଜାତୀୟକବି ବୀରକିଶୋରଙ୍କ ‘ମୋହନ ବଂଶୀ’ ପ୍ରଭୃତି ପୁସ୍ତକର ମୁଖବନ୍ଧ ଲେଖି ସେ ‘ମୁକୁର’ ପ୍ରେସ୍‌ରେ ଛାପିଥିଲେ। ବ୍ରଜସୁନ୍ଦର ବହୁ ଭକ୍ତିଗୀତିକା ରଚନା କରିଥିଲେ। ‘ମୁକୁର’ ପୃଷ୍ଠାରେ ବହୁ ଆଲେଖ୍ୟ ଛଦ୍ମନାମରେ ଛାପୁଥିଲେ। ସେ ଜଣେ ସଙ୍ଗୀତ ପ୍ରେମୀ ତଥା ସଙ୍ଗୀତଜ୍ଞ ଥିଲେ। ଓଡ଼ିଆରେ ସେ ପ୍ରଥମେ ସଙ୍ଗୀତର ସ୍ୱରଲିପି ପ୍ରକାଶ କରିଥିଲେ। ତବଲାବାଦକ ଭାବରେ ତାଙ୍କର ସୁଖ୍ୟାତି ରହିଥିଲା। ୧୯୩୦ରେ ସେ ‘ସତ୍ୟ ସମାଚାର’ ସମ୍ପାଦନା କରିଥିଲେ। ‘ମୁକୁର ପ୍ରେସ୍’ ନିମିତ୍ତ ସେ ନିଜେ ସୁନ୍ଦର ଅକ୍ଷର ମଧ୍ୟ ଗଢ଼ିଥିଲେ। ‘ମୁକୁର ପ୍ରେସ୍’ ଛାପା ‘ପକେଟ୍ ଗୀତା’ର ମାଛମଞ୍ଜି ଅକ୍ଷର ବ୍ରଜବାବୁଙ୍କ ଅକ୍ଷୟକଳାର ଅମର ସ୍ୱାକ୍ଷର।

ବ୍ରଜସୁନ୍ଦର ୧୯୧୭ ରୁ ୧୯୨୫ ପର୍ଯ୍ୟନ୍ତ ପାଟଣା ବିଶ୍ୱବିଦ୍ୟାଳୟର ଫେଲୋ ଓ ସିଣ୍ଡିକେଟ୍ ସଭ୍ୟ ଥିଲେ। ୧୯୧୭ରୁ ୧୯୨୦ ପର୍ଯ୍ୟନ୍ତ ସେ ବିହାର-ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ର ସଭ୍ୟ ଥିଲେ। ଏହି ସମୟରେ ସେ ମଣ୍ଟେଗ୍ୟୁଙ୍କୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ସ୍ମାରକପତ୍ର ଦେଇଥିଲେ। ୧୯୨୧ରୁ ୧୯୨୪ ଯାଏଁ ସେ ଦିଲ୍ଲୀ କେନ୍ଦ୍ରୀୟ ଆସେମ୍ବ୍ଲିର ସଦସ୍ୟ ଥିଲେ। ମଧୁବାବୁ ଅବ୍ୟାହତି ନେବା ପରେ ୧୯୧୮ରେ ବ୍ରଜବାବୁ ‘ଦି ଓରିଆ’ ସାପ୍ତାହିକୀର ସମ୍ପାଦନା ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୧୮ ରୁ ୧୯୪୪ ପର୍ଯ୍ୟନ୍ତ ସେ ‘ଉତ୍କଳ ସମ୍ମିଳନୀ’ର ସାଧାରଣ ସମ୍ପାଦକ ରହିଥିଲେ ଏବଂ ୧୯୨୨-୨୩ରେ ‘ଉତ୍କଳ ସାହିତ୍ୟ’ ସମାଜର ଉପସଭାପତି ଥିଲେ। ୧୯୨୪ରେ ‘ଫିଲିପ୍ ଡଫ୍ କମିଟି’ଙ୍କ ନିକଟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦୃଢ଼ ଦାବି କରି ଆନ୍ଦୋଳନକୁ ତୀବ୍ରତର କରାଇଥିଲେ। ‘ସାଇମନ୍ କମିଶନ୍’ଙ୍କୁ ଭାରତୀୟ ଜାତୀୟ କଂଗ୍ରେସ ବର୍ଜନ କରିଥିଲା। ମଣ୍ଟେଗ୍ୟୁ-ଚେମ୍‌ସଫୋର୍ଡ ଓଡ଼ିଶାକୁ ଉପପ୍ରଦେଶ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ‘ସାଇମନ୍ କମିଶନ୍’ ତାହାକୁ କାର୍ଯ୍ୟକାରୀ କରିବେ ବୋଲି ମଧୁବାବୁଙ୍କୁ ଜଣାଥିଲା। ତେଣୁ ‘ସାଇମନ୍ କମିଶନ୍’ଙ୍କୁ ସ୍ୱାଗତ କରିବାକୁ ମଧୁବାବୁ ବ୍ରଜସୁନ୍ଦରଙ୍କୁ ଦାୟିତ୍ୱ ଦେଲେ ଏବଂ ଏଥିନିମିତ୍ତ ‘ଓଡ଼ିଶା ଲିବରାଲ୍ ଲିଗ୍’ ଗଠନ କରାଗଲା। ପାଟନାଠାରେ ଓଡ଼ିଶା ପକ୍ଷରୁ ‘ସାଇମନ କମିଶନ୍’ଙ୍କୁ ସମ୍ବର୍ଦ୍ଧନା ଜଣାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସମ୍ପର୍କରେ ସାକ୍ଷ୍ୟଗ୍ରହଣ ସ୍ଥିରୀକୃତ ହେଲା। କଂଗ୍ରେସ ପକ୍ଷରୁ ହରତାଳ ପାଳନ କରାଯାଉଥିବାରୁ ପାଟନାରେ ଓଡ଼ିଶାରେ ପୋଷ୍ଟର ଓ ପ୍ଲାକାର୍ଡ ଧରିବାକୁ କୌଣସି ମଜୁରିଆ ରାଜି ହେଲେ ନାହିଁ। କନିକା ରାଜା ରାଜେନ୍ଦ୍ର ନାରାୟଣଙ୍କ ଭଞ୍ଜଦେଓଙ୍କ ଅନୁରୋଧରେ ପାଟଣା ରେଲ୍‌ୱେ ଷ୍ଟେସନ୍ ମାଷ୍ଟର ସହାୟତା କଲେ। ହାର୍ଡିଞ୍ଜ ପାର୍କ ସଂଲଗ୍ନ ସ୍ୱତନ୍ତ୍ର ସେରିମୋନିଆଲ୍ ପ୍ଲାଟ୍‌ଫର୍ମରେ ‘ସାଇମନ୍ କମିଶନ୍’ଙ୍କ ସ୍ୱାଗତ ଉଦ୍ଦେଶ୍ୟରେ ସଭା ଆୟୋଜନ କରାଗଲା। ରେଳ ପ୍ଲାଟ୍‌ଫର୍ମରେ ଓହ୍ଲାଇ କମିଶନ୍‌ର ସଦସ୍ୟମାନେ ଦେଖିଲେ ଯେ କାନ୍ଥବାଡ଼ ସର୍ବତ୍ର ପୋଷ୍ଟର ଲେଖାଯାଇଛି - ‘ଓରିଶା ୱେଲ୍‌କମ୍‌ସ ସାଇମନ୍ କମିଶନ୍’। ସେହି ପ୍ଲାଟ୍‌ଫର୍ମରେ ବ୍ରଜସୁନ୍ଦରଙ୍କ ସମେତ କେତେକ ଓଡ଼ିଆ ନେତା ‘ଉତ୍କଳ ସମ୍ମିଳନୀ’ର ପଗଡ଼ି ମୁଣ୍ଡରେ ବାନ୍ଧି କମିଶନ୍‌ର ସଦସ୍ୟମାନଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା କଲେ ଓ ସ୍ମାରକପତ୍ର ପ୍ରଦାନ କଲେ। ସକଳ ବିଷୟ ଅବଗତ ହେବା ପରେ ‘ସାଇମନ୍ କମିଶନ୍’ ଓଡ଼ିଶା ସମସ୍ୟା ସମାଧାନ ନିମିତ୍ତ ୧୯୩୦ ସେପ୍ଟେମ୍ବର ୨୦ ତାରିଖରେ ‘ଅଟ୍‌ଲୀ ସବ୍‌କମିଟି’ ଗଢ଼ିଲେ। ସି ଆର ଅଟ୍‌ଲୀ ସବ୍‌କମିଟି ଅନୁସନ୍ଧାନ ପରେ କମିଶନ୍‌ଙ୍କୁ ଓଡ଼ିଶା ପ୍ରଦେଶ ଗଠନ ନିମିତ୍ତ ରିପୋର୍ଟ ଦେଲେ। କମିଶନ୍‌ଙ୍କ ସୁପାରିସକ୍ରମେ ଭାଇସରୟ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ପାଇଁ ବିଧିବଦ୍ଧ ପ୍ରସ୍ତାବ ଇଂରେଜ ସରକାରଙ୍କୁ ପଠାଇଲେ। ସୀମା ନିର୍ଦ୍ଧାରଣ ନିମିତ୍ତ ‘ସୀମା କମିଶନ୍’ ବସାଇଲେ। ଏହିସବୁ କାର୍ଯ୍ୟରେ ବ୍ରଜସୁନ୍ଦର ମୁଖ୍ୟଭୂମିକା ଗ୍ରହଣ କରିଥିଲେ। ଇତ୍ୟବସରରେ ସାମ୍ବିଧାନିକ ସଂସ୍କାର ପାଇଁ ଲଣ୍ଡନଠାରେ ଗୋଲଟେବୁଲ୍ ବୈଠକ ବସିଲା। ଏଥିରେ ପାରଳା ମହାରାଜା ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ବୋଲି ସ୍ଥିର ହେଲା। ଗଜପତିଙ୍କ ରାଜକୀୟ ମର୍ଯ୍ୟାଦାରେ ଲଣ୍ଡନ ଯାତ୍ରା ପାଇଁ ଆର୍ଥିକ ଅସୁବିଧା ଥିବାରୁ ବ୍ରଜସୁନ୍ଦର ତେଲଙ୍ଗା ଆକାଶୀ ସୋମଶେଖରଙ୍କଠାରୁ ୧ ଲକ୍ଷ ଟଙ୍କା କରଜ କରାଇ ଦେଇଥିଲେ। ୧୯୩୬ ଏପ୍ରିଲ୍ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପର୍ଯ୍ୟନ୍ତ ବ୍ରଜସୁନ୍ଦର ସଂଗ୍ରାମ ଜାରି ରଖିଥିଲେ। ଏପରିକି ସେ ତାଳଚେର ପଟ୍ଟାୟତ ପ୍ରମୋଦ ଚନ୍ଦ୍ର ଦେବଙ୍କ ନିକଟରେ ନିଜ ଜମିଦାରୀକୁ ବନ୍ଧା ଦେଇ ପଚାଶ ହଜାର ଟଙ୍କା ଆଣିଥିଲେ। ଏହି ଟଙ୍କା ବିଚ୍ଛିନ୍ନାଞ୍ଚଳରେ ବିଦ୍ୟାଳୟ ଖୋଲିବା ନିମନ୍ତେ ଗୋପବନ୍ଧୁ ଦାସ ଓ ଗୋଦାବରୀଶ ମିଶ୍ରଙ୍କୁ ଦେଇଥିଲେ। ବ୍ରଜସୁନ୍ଦର ତାଳଚେର ପଟ୍ଟାୟତଙ୍କୁ ଏହି ଟଙ୍କା ଶୁଝି ନ ପାରି ମଧୁବାବୁଙ୍କ ସଦୃଶ ଦେବାଳିଆ ଘୋଷିତ ହୋଇଯାଇଥିଲେ। ପରେ ସେ କେଉଁ ପରିସ୍ଥିତିରେ ଋଣମୁକ୍ତ ହେଲେ ତାହା ଖ୍ୟାତନାମା ସାହିତ୍ୟିକ କାହ୍ନୁଚରଣ ମହାନ୍ତି ରୋଚକ ଶୈଳୀରେ ବର୍ଣ୍ଣନା କରିଛନ୍ତି। ସେତେବେଳେ କାହ୍ନୁଚରଣ କଟକ କଲେକ୍ଟରଙ୍କ କାର୍ଯ୍ୟାଳୟରେ ଅଫିସର ରୂପେ କାର୍ଯ୍ୟ କରୁଥିଲେ। କାହ୍ନୁଚରଣଙ୍କ ସ୍ୱରଚିତ ‘ଶାସ୍ତି’ ଉପନ୍ୟାସ ବ୍ରଜସୁନ୍ଦରଙ୍କ ସ୍ମୃତିରେ ଅର୍ପଣ କରିଛନ୍ତି ଓ ତାଙ୍କୁ ପିତା ବୋଲି ସମ୍ବୋଧନ କରିଛନ୍ତି।

୧୯୩୬ ମସିହା ପର୍ଯ୍ୟନ୍ତ ମଧୁବାବୁ ବଞ୍ଚି ନଥିଲେ ହେଁ ତାଙ୍କ ପଟ୍ଟଶିଷ୍ୟ ବ୍ରଜସୁନ୍ଦରଙ୍କ ପ୍ରଚେଷ୍ଟା ଓ ଅନ୍ୟ ଓଡ଼ିଆ ନେତାଙ୍କ ଉଦ୍ୟମରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କଲା। ଏହାପରେ ମଧ୍ୟ ବ୍ରଜସୁନ୍ଦର ଓଡ଼ିଆ ଜାତି ପାଇଁ ସଂଗ୍ରାମ ଅବ୍ୟାହତ ରଖିଥିଲେ। ଓଡ଼ିଶା ଓ ବିଚ୍ଛିନ୍ନାଞ୍ଚଳରେ ଅଗଣିତ ଓଡ଼ିଆଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସେ ‘ଓଡ଼ିଆ ସ୍ୱାର୍ଥରକ୍ଷା କମିଟି’ ଗଠନ କରିଥିଲେ। ୧୯୩୭ରୁ ୧୯୪୪ ପର୍ଯ୍ୟନ୍ତ ସେ ଓଡ଼ିଶା ବିଧାନସଭାର ସଦସ୍ୟ ରହି ଓଡ଼ିଆ ଜାତିର ଜାଗ୍ରତ ପ୍ରହରୀ ସଦୃଶ କାର୍ଯ୍ୟ କରିଥିଲେ। ଏହି ସମୟରେ ସେ ଇରିଗେସନ୍ ମ୍ୟାନେଜ୍‌ମେଣ୍ଟ ବିଲ୍, ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଣ୍ଟାଲ୍ ବିଲ୍ ଓ ଲ୍ୟାଣ୍ଡ ରେଭିନ୍ୟୁ ବିଲ୍ ବିଧାନସଭାରେ ଆଗତ କରିଥିଲେ। କଟକରେ ମେଡିକାଲ୍ କଲେଜ୍, ଓଡ଼ିଶାରେ ବନ୍ଦର ସ୍ଥାପନ ଓ କଟକୁ ରାଜଧାନୀ କରିବା ପାଇଁ ସେ ଯୁକ୍ତିନିଷ୍ଠ ବକ୍ତବ୍ୟ ପ୍ରଦାନ କରିଥିଲେ। ପାରଳା ଗଜପତି ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ମନ୍ତ୍ରିମଣ୍ଡଳରେ ସେ ଯୁଦ୍ଧକାଳୀନ ପ୍ରଚାର ବିଭାଗ ଦାୟିତ୍ୱରେ ଥିଲେ। ତାଙ୍କରି ପ୍ରଚେଷ୍ଟାରେ ଦେଶାତ୍ମବୋଧକ ଗୀତ ଓ ବୀରରସାତ୍ମକ ଗୀତ ରଚିତ ହୋଇ ଦାସକାଠିଆ ମାଧ୍ୟମରେ ପ୍ରଚାରିତ ହୋଇଥିଲା। ‘ଚୁଡ଼ା’କୁ ସେନାବାହିନୀର ଯୁଦ୍ଧକାଳୀନ ଖାଦ୍ୟ ଭାବେ ବ୍ୟବହାର କରିବାକୁ ସେ ମତ ଦେଇଥିଲେ। ତାଙ୍କ ମତ ଓ ବକ୍ତବ୍ୟକୁ ମନ୍ତ୍ରୀମାନେ ଗୁରୁତ୍ୱ ପ୍ରଦାନ କରୁଥିଲେ। ୧୯୩୨ରୁ ସେ ସଂଗୀତ ପ୍ରଚାର ବିଭାଗ ଦାୟିତ୍ୱରେ ରହିଲେ ଓ ୧୯୩୮ରେ ଉତ୍କଳ ସଙ୍ଗୀତ ସମାଜର ସଭାପତି ରହିଥିଲେ। ଏତଦ୍‌ଭିନ୍ନ ସେ କଟକ ବ୍ୟାଙ୍କର ଡିରେକ୍ଟର, ସାକ୍ଷୀଗୋପାଳ ଦେବୋତ୍ତର କମିଟିର ଦାୟିତ୍ୱ, ଯାଜପୁର ଲୋକାଲ୍ ବୋର୍ଡ, କଟକ ମ୍ୟୁନିସିପାଲିଟି, କଟକ ଜିଲ୍ଲା ବୋର୍ଡର ସଭ୍ୟ, କଟକ ଇଞ୍ଜିନିୟର ଓ ମେଡିକାଲ୍ କଲେଜ୍ ମ୍ୟାନେଜିଂ କମିଟି ସଭ୍ୟ ରୂପେ କାର୍ଯ୍ୟ କରିଥିଲେ। ସେ ଦୀର୍ଘଦିନ ଧରି କଟକର ସାଧାରଣ ଜୀବନରେ ଏକ ଉଜ୍ଜ୍ୱଳ କେନ୍ଦ୍ର ରୂପେ ଗଣାଯାଉଥିଲେ। ତତ୍କାଳୀନ ସମସ୍ତ ନେତା, କର୍ମୀ ଓ ସାଧାରଣ ଲୋକ ଅକୁଣ୍ଠିତ ଚିତ୍ତରେ ବ୍ରଜସୁନ୍ଦର ବାବୁଙ୍କ ସହଯୋଗ ଓ ସମର୍ଥନ ପାଉଥିଲେ।

ଉତ୍କଳ ପ୍ରାଣ ବ୍ରଜସୁନ୍ଦର ଦାସ ୧୯୪୪ ଜୁନ୍ ୯ ତାରିଖରେ ମାତ୍ର ୬୪ ବର୍ଷ ବୟସରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ୧୯୦୩ରୁ ୧୯୪୪ ପର୍ଯ୍ୟନ୍ତ ପ୍ରାୟ ୪୦ ବର୍ଷ ଧରି ସେ ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ଜୀବନର ନେତୃତ୍ୱ ନେଇଥିଲେ। ତାଙ୍କ ବ୍ୟକ୍ତିତ୍ୱ, କାର୍ଯ୍ୟାବଳୀ, ଉତ୍କଳପ୍ରାଣତା ଓ ଦେଶାତ୍ମବୋଧର ପଟାନ୍ତର ନାହିଁ। ସେ ଉତ୍କଳ ଗୌରବଙ୍କ ସହ ଓଡ଼ିଶା, ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ସାହିତ୍ୟ ପାଇଁ ବହୁ କାର୍ଯ୍ୟ କରିଥିଲେ ହେଁ ପ୍ରାୟତଃ ଅନାଲୋଚିତ। ଏପରି କି ଉତ୍କଳ ଗୌରବଙ୍କ ଦେହାନ୍ତ ପରେ ସେ ୧୯୪୪ ପର୍ଯ୍ୟନ୍ତ ଓଡ଼ିଆ ଜାତୀୟତାର ଜାଗ୍ରତ ପ୍ରହରୀ ଥିଲେ। ଓଡ଼ିଆ ଜାତୀୟତା ଓ ଜନଜୀବନ ପାଇଁ ନିଜକୁ ଓ ନିଜର ଜମିଦାରୀକୁ ନିଃଶେଷ କରିଦେଇଥିବା ଏହି ମହାନ୍ ବ୍ୟକ୍ତି ଆଜିର ଶିକ୍ଷିତ ଗୋଷ୍ଠୀ ନିକଟରେ ଅଚିହ୍ନା ଓ ଅଜଣା। ଏହାଠାରୁ ଦୁଃଖ ଆଉ କ’ଣ ଥାଇପାରେ? ଆମକୁ ମନେ ରଖିବାକୁ ପଡ଼ିବ ଯେ ପୂର୍ବସୁରୀସ୍ମରଣ ହିଁ ସଭ୍ୟତାର ପରିମାପକ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଜାତୀୟ ଜାଗୃତିର ଦୀପସ୍ତମ୍ଭ ତଥା ଓଡ଼ିଶାର ଗର୍ବ ଓ ଗୌରବ ଉତ୍କଳ ପ୍ରାଣ ବ୍ରଜସୁନ୍ଦର ଦାସଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ସରକାରୀ ସ୍ତରରେ ବିଶେଷଭାବେ ପାଳନ, ତାଙ୍କ ନାମରେ ଏକ ଜାତୀୟ ଅନୁଷ୍ଠାନ ସ୍ଥାପନ ଏବଂ ତାଙ୍କର ସ୍ମାରକୀ ଗ୍ରନ୍ଥ ପ୍ରକାଶନ ହେବ ତାଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ●

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ପୋଖରୀରେ ବୁଡ଼ି ୩ ବର୍ଷର ଶିଶୁପୁତ୍ର ମୃତ



**ରାଜନଗର, ୧୧।୧(ସମିସ):** ରାଜନଗର ଥାନା ଅନ୍ତର୍ଗତ କୁରୁଣ୍ଟି ପଞ୍ଚାୟତ ତିଅର ଗାଁର ଲକ୍ଷ୍ମଣ ବିଶ୍ୱାଳଙ୍କ ୩ ବର୍ଷର ଶିଶୁପୁତ୍ର ଅୟନ ବିଶ୍ୱାଳ ଆଜି ଅପରାହ୍ନରେ ଖେଳୁଥିବା ବେଳେ ନିଜ ବାଡିପଟରେ ଥିବା ପୋଖରୀରେ ପଡ଼ି ମୃତ୍ୟବରଣ କରିଛନ୍ତି। ଲକ୍ଷ୍ମଣ ନିଜ ବାଡିପଟ ଖଳାରେ କୁଟା ଗଦା ଦେଉଥିବା ବେଳେ ଅୟନ ସେଠାରେ ଖେଳୁଥିଲା। ଲକ୍ଷ୍ମଣଙ୍କ ନଜର ଆଢୁଆଳରେ ଅୟନ କେତେବେଳେ ପୋଖରୀରେ ପଡ଼ିଯାଇଥିଲେ ସେ ଜାଣିପାରିନଥିଲେ। ପରିବାର ଲୋକେ କିଛି ସମୟ ପରେ ଅୟନକୁ ଖୋଜାଖୋଜି କରିଥିଲେ। ପୁଅକୁ ନପାଇ ସନ୍ଦେହରେ ପୋଖରୀ କୂଳକୁ ଯାଇଥିଲେ। ସେଠାରେ ଅୟନ ଭାସୁଥିବା ଦେଖିଥିଲେ। ତୁରନ୍ତ ଅୟନକୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅୟନ ବାପା ମାଆଙ୍କର ଏକମାତ୍ର ପୁତ୍ର ଅଟନ୍ତି। ପୁଅକୁ ହରାଇ ପରିବାର ଓ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ପୁଲିସ ମୃତଦେହ ଜବତ କରିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ। ଏ ନେଇ ରାଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଅସହାୟ ଦମ୍ପତିଙ୍କୁ ସହାୟତା

**କେନ୍ଦ୍ରାପଡ଼ା, ୧୧।୧(ସମିସ):** ଜୀବନର ଦୋଛକିରେ ମଣିଷ କେତେବେଳେ ନିସ୍ୱ ହୋଇପଡୁଛି। ଏହି ସମୟରେ ଯଦି ସମସ୍ତେ ଏକାଠି ହୋଇ ସହାୟତାର ହାତ ବଢ଼ାଇବା ତେବେ ସମସ୍ତେ ଖୁସିରେ ଜୀବନଯାପନ କରିପାରିବେ ବୋଲି ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆହ୍ୱାନ ଦିଆଯାଇଥିବାବେଳେ ଅସହାୟ ଦମ୍ପତିଙ୍କୁ ସହାୟତା ପ୍ରଦାନ କରାଯାଇଛି।



କେନ୍ଦ୍ରାପଡ଼ା ବ୍ଲକର ଦୁଇ କିଲୋମିଟର ଦୂରରେ ଓସ୍ତପୁର ପଞ୍ଚାୟତ ଅନ୍ତର୍ଗତ ମଣି ଛକରେ ରତ୍ନାକର ବାରିକ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ବାରିକ ରୁହନ୍ତି। ଏହି ପରିବାରରେ ସ୍ୱାମୀ ଓ ସ୍ତ୍ରୀ ରହୁଛନ୍ତି। ତେବେ ସେମାନଙ୍କ ଆଗକୁ କି ପଛକୁ କେହି ନାହାନ୍ତି। ରତ୍ନାକରଙ୍କ ବୟସ ୭୫ରୁ ଉର୍ଦ୍ଧ୍ୱ ହେବ। ବାର୍ଦ୍ଧକ୍ୟ କାରଣ ଯୋଗୁଁ ରତ୍ନାକରଙ୍କ ରୋଜଗାରର ସମସ୍ତ ପନ୍ଥା ବନ୍ଦ ହୋଇଯାଇଛି। ଫଳରେ ବହୁତ ଦୁଃଖକଷ୍ଟରେ ଦୁହେଁ ଜୀବନ ଅତିବାହିତ କରୁଛନ୍ତି। ଏହାଛଡ଼ା ବାର୍ଦ୍ଧକ୍ୟଜନିତ ରୋଗରେ ପଡ଼ି ଦୈନିକ ମେଡିସିନର ଆବଶ୍ୟକତା ରହିଛି। ସେହି ଅଞ୍ଚଳର ଲୋକଙ୍କ ପାଖରୁ ଏହି ଖବର ପାଇଲା ପରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କେତେକ କର୍ମକର୍ତ୍ତା ସେଠାରେ ସଙ୍ଗେ ସଙ୍ଗେ ପହଞ୍ଚିଥିଲେ। ଦୁଇ ମାସର ମେଡିସିନ ସହ ରାସନ ସାମଗ୍ରୀ ଓ କମ୍ବଳ ବ୍ୟବସ୍ଥା କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ସୁମିତ ଜିନ୍ଦଲ, ତପନ କୁମାର ନାଥ ଓ ମନୋଜ କୁମାର ରାଉତ ପ୍ରମୁଖ ବୃଦ୍ଧବୃଦ୍ଧାଙ୍କ ସମସ୍ତ ସମସ୍ୟା ବିଷୟରେ ବୁଝି ଆଗାମୀ ଦିନରେ ଆହୁରି ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ପୂର୍ବତନ ସାଂସଦ ସୁଶ୍ରୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି




**ପଟ୍ଟାମୁଣ୍ଡାଇ, ୧୧।୧(ସମିସ):** ଆଳି ରାଜା ସାହେବ ପୂର୍ବତନମନ୍ତ୍ରୀ ସ୍ୱର୍ଗତ ଶରତ କୁମାର ଦେବଙ୍କ ଧର୍ମପତ୍ନୀ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ମାତା ପୂର୍ବତନ ସାଂସଦ ଓ ବିଧାୟିକା ରାଜମାତା ସୁଶ୍ରୀ ଦେବୀ ମର ଶରୀର କଟକରୁ ଶୋଭାଯାତ୍ରାରେ ବାହାରି ଆଳି ଅଭିମୁଖେ ଯାଉଥିବାବେଳେ ପଟ୍ଟାମୁଣ୍ଡାଇ ବାଇପାସ ବିଜୁ ପଟନାୟକ ଛକଠାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଉତ, ସମାଜସେବୀ ସୁଶାନ୍ତ ପଣ୍ଡା, କାଉନସିଲର ଗୋପୀବଲ୍ଲଭ ନାୟକ, ମୃତ୍ୟୁଞ୍ଜୟ ପାଢ଼ୀ, ନିରାକାର ସାହୁ, ଦିଗାମ୍ବର ମିଶ୍ର ପ୍ରମୁଖ ଶବାଧାରରେ ପୁଷ୍ପ ଗୁଚ୍ଛ ପ୍ରଦାନ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ପଟ୍ଟାମୁଣ୍ଡାଇର ବିଭିନ୍ନ ସ୍ଥାନରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଅଧକ୍ଷ ନିଶିକାନ୍ତ ପ୍ରଧାନ, ଯୁବନେତା ପରେଶ ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସୁଶ୍ରୀ ଦେବୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ୧୧୨ଟି ରୂପାନ୍ତରିତ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ

**କେନ୍ଦ୍ରାପଡ଼ା/ଡେରାବିଶ, ୧୧।୧(ସମିସ)**





'୫-ଟି'ଯୋଜନାର ଚତୁର୍ଥ ପର୍ଯ୍ୟାୟ ରୁପାନ୍ତରିକରଣ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକ ଅଞ୍ଚଳରେ ଥିବା ମୋଟ ୧୧୨ଟି ବିଦ୍ୟାଳୟର ରୁପାନ୍ତରୀକରଣ ହୋଇଯାଇଛି। ଆଜି ସନ୍ଧ୍ୟାରେ ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତ ଅଧୀନ ବାରିମୂଳ ହାଇସ୍କୁଲ ପଡ଼ିଆ ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଲୋକାର୍ପଣ ଉତ୍ସବରେ ଭର୍ଚୁଆଲ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। '୫-ଟି' ଅଧକ୍ଷ ଭି.କେ. ପାଣ୍ଡିଆନ୍‌ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ରାଜ୍ୟର ବିକାଶ ପାଇଁ ଶିକ୍ଷାର ଆଧୁନିକୀକରଣ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକ ରହିଛି ବୋଲି କହିଥିଲେ। '୫-ଟି'ଯୋଜନାରେ ବିଦ୍ୟାଳୟ ମାନଙ୍କରେ ଅତ୍ୟାଧୁନିକ ସ୍ମାର୍ଟ ଶ୍ରେଣୀଗୃହ, ଅତ୍ୟାଧୁନିକ ଲାବ୍ରୋଟୋରୀ, ଇ-ଲାଇବ୍ରେରୀ, ବିଶୁଦ୍ଧ ପାନୀୟ ଜଳ, ସ୍ୱଚ୍ଛ ଓ ଉଚ୍ଚମାନର ଶୌଚାଳୟ ସମେତ ଉନ୍ନତ ଖେଳପଡ଼ିଆ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଠାରେ ଶିକ୍ଷାପ୍ରତି ଅଗ୍ରହ ବଢ଼ିବ ବୋଲି କହିଥିଲେ। ୫ଟି ଅଧକ୍ଷ ଭି.କେ. ପାଣ୍ଡିଆନ୍ ନିଜ ବକ୍ତବ୍ୟରେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ପାଇଁ ଏହି ଯୋଜନାରେ ବିଶେଷ ଗୁରୁତ୍ୱ ଦିଆଯାଇଥିବା କହିଥିଲେ। ଏହି ଅବସରରେ ଜିଲ୍ଲାପାଳ ଅମ୍ରିତ ରୁତୁରାଜ ଜିଲ୍ଲାରେ ଚତୁର୍ଥ ପର୍ଯ୍ୟାୟରେ ହୋଇଥିବା ରୁପାନ୍ତରିତ ବିଦ୍ୟାଳୟ ବିଷୟରେ ସୂଚନା ଦେଇଥିଲେ। ଚତୁର୍ଥ ପର୍ଯ୍ୟାୟରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ବ୍ଲକରେ ୧୪ଟି, ଡେରାବିଶ ବ୍ଲକରେ ୧୪ଟି, ଗରଦପୁର ବ୍ଲକରେ ୭ଟି, କେନ୍ଦ୍ରାପଡ଼ାବ୍ଲକରେ ୧୦ଟି, ମହାକାଳପଡ଼ା ବ୍ଲକରେ ୧୨ଟି, ମାର୍ଶାଘାଇ ବ୍ଲକରେ ୧୧ଟି, ପଟ୍ଟାମୁଣ୍ଡାଇ ବ୍ଲକରେ ୧୮ଟି, ରାଜକନିକା ବ୍ଲକରେ ୧୩ଟି ଓ ରାଜନଗର ବ୍ଲକରେ ୧୩ଟି ବିଦ୍ୟାଳୟର ରୁପାନ୍ତରିକରଣ କାର୍ଯ୍ୟକ୍ରମ କରାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ପରେ ରାଜ୍ୟ ଉଚ୍ଚଶିକ୍ଷା ଓ ସମବାୟ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର କେନ୍ଦ୍ରାପଡ଼ା ଜିଲ୍ଲାରେ ଶିକ୍ଷାର ବିକାଶ ପାଇଁ ନେଇଥିବା ଏହି ଯୁଗାନ୍ତକାରୀ ପଦକ୍ଷେପ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଗଭୀର କୃତଜ୍ଞତା ଜଣାଇବା ସହ ପ୍ରବାଦପୁରୁଷ ବିଜୁବାବୁଙ୍କ କର୍ମଭୂମି କେନ୍ଦ୍ରାପଡ଼ାର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଆଜି ସାକାର ହେବାକୁ ଯାଉଥିବା କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲ୍ଲାରେ ଖୁବ୍ ଶୀଘ୍ର ପ୍ରତିଷ୍ଠା ହେବାକୁ ଯାଉଥିବା ନିପ୍ପନ ଷ୍ଟିଲ କାରଖାନାରେ ଜିଲ୍ଲା ସମେତ ରାଜ୍ୟ ଓ ରାଜ୍ୟବାହାରର ବହୁ ଯୁବକଯୁବତୀମାନେ କର୍ମନିଯୁକ୍ତି ପାଇବେ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ। କେନ୍ଦ୍ରାପଡ଼ାକୁ ୫-ଟି ଅଧକ୍ଷ ପାଣ୍ଡିଆନ୍‌ଙ୍କ ବାରମ୍ବାର ଗ୍ରସ୍ତ ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହେବା ଯୋଗୁ ପାଣ୍ଡିଆନ୍‌ଙ୍କୁ ମନ୍ତ୍ରୀ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଆଜିର ଏହି ଭର୍ଚୁଆଲ୍ ମାଧ୍ୟମରେ ଲୋକାର୍ପିତ ଉତ୍ସବରେ ବାରିମୂଳ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ସୁବ୍ରତ କୁମାର ସାହୁ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ୫ଟି ଅଧକ୍ଷ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଥିଲେ। ଆଜିର ଏହି ଲୋକାର୍ପଣ ଉତ୍ସବରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ରାଜନଗର ବିଧାୟକ ଧ୍ରୁବ ସାହୁ ଓ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ଉପସ୍ଥିତ ଥଲେ। ଏଥିସହିତ ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ପିଡ଼ି ରାଜେନ୍ଦ୍ର ପଣ୍ଡା, ଡେରାବିଶ ବିଡ଼ିଓ ଦାଶରଥି ଜେନାଙ୍କ ସମେତ ସବୁ ବ୍ଲକର ବିଡ଼ିଓ, ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ମଲିକ, ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକ ଅଧକ୍ଷ, ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥଲେ। ଏହି କାର୍ଯ୍ୟକ୍ରମକୁ ବାରିମୂଳ ସରପଞ୍ଚ କଳ୍ପନା ବେହେରା, ପୂର୍ବତନ ସରପଞ୍ଚ ସୁଦ୍ଧଦେବ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପୋକସାଲୁବାଲୁ ଛତୁଆ ବଣ୍ଟନ ଅଭିଯୋଗ



ରାଜନଗର, ୧୧।୧(ସମିସ): ରାଜନଗର ବ୍ଲକ ମଲ୍ଲିଆବୁଦା ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ଡିସେମ୍ବର ଶେଷ ସପ୍ତାହରେ ଗର୍ଭବତୀ ମହିଳା ଓ ୭ ମାସରୁ ୩ ବର୍ଷର ଶିଶୁଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଛତୁଆ ଯୋଗାଇ ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି। ଛତୁଆ ଖୋଲି ଖାଇବାକୁ ଆଣିବା ବେଳକୁ ଛତୁଆରେ ଛୋଟ ଛୋଟ କଳା ପୋକ ଚାଲୁଥିବା ଦେଖିବାକୁ ମିଳିଥିଲା। ଏହି ଗାଁର ମାମିନା ବିଶ୍ୱାଳଙ୍କ ଛୋଟ ଝିଅ ପାଇଁ ଯୋଗାଇ ଦିଆଯାଇଥିବା ଛତୁଆ ପ୍ୟାକେଟରୁ କଳା ରଙ୍ଗର ଛୋଟ ଛୋଟ ପୋକ ବାହାରିଥିଲା। ଏପରିକି ଛତୁଆକୁ ଚାଲୁଣିରେ ଚଲାଇବା ପରେ ପୋକ ସହିତ ମିଶିଥିବା ଛତୁଆର ୨୦ ଭାଗରୁ ଅଧିକ ଖୁଦ ବାହାରିଥିଲା। ମାମିନାଙ୍କ କହିବା କଥା ହେଲା ଆମକୁ ଯେଉଁଦିନ ଛତୁଆ ଦେଲେ ତା'ପରଦିନ ଛତୁଆକୁ ଝିଅକୁ ଖାଇବାକୁ ଦେବାକୁ କାଢିଥିଲା। ଛତୁଆରେ ପୋକ ଦେଖିବା ପରେ ଚାଲୁଣିରେ ଛତୁଆକୁ ଚଲାଇଥିଲି। ଗୋଟିଏ ଛତୁଆ ପ୍ୟାକେଟରେ ୫୦ରୁ ଅଧିକ ପୋକ ବାହାରିଥିଲା ଓ ଛତୁଆର ୨୦ଭାଗ ଖୁଦ ବାହାରିଥିଲା। ଛତୁଆ ଖାଇବା ଅନୁପଯୋଗୀ ଥିଲା।

ଗହମ, ବାଦାମ, ବୁଟ, ଛତୁଆ ଭଜାହେବା ଓ ଏହାର ମିଶ୍ରଣ ତାରିଖରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ସୁପରଭାଇଜରମାନେ ନିଜେ ଉପସ୍ଥିତ ରହିବାର ନିୟମ ରହିଛି। ସୁପରଭାଇଜର ମାନଙ୍କ ଉପସ୍ଥିତିରେ ପ୍ରସ୍ତୁତ ହେଉଥିବା ଛତୁଆ କିପରି ନିମ୍ନ ମାନର ହେଲା ଓ ସେଥିରୁ ପୋକ ବାହାରିଲା, ସେ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ସୁପରଭାଇଜର ପ୍ରତିଭା ମହାନ୍ତିଙ୍କୁ ପଚାରିବାରୁ ଆମ ଅଫିସରେ କେହି ଲିଖିତ ଅଭିଯୋଗ କରିନାହାଁନ୍ତି। ୨୩ ତାରିଖରେ ମିଶ୍ରଣ ହୋଇଥିଲା କି ନାହିଁ ବୁଝି କହିବି ବୋଲି କହିଛନ୍ତି। କୋମଳମତି ଶିଶୁ ଓ ଗର୍ଭବତୀ, ପ୍ରସୂତି ମହିଳାଙ୍କୁ ସୁଷମ ଖାଦ୍ୟ ଯୋଗାଇ ଦେବା ନାଁରେ ନିମ୍ନ ମାନର ଖାଦ୍ୟ ଯୋଗାଇ ଦେବାକୁ ନେଇ ସାଧାରଣରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି।

# ୧ ଟ୍ରଲର ଜବତ, ୧୧ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୧୧।୧(ସମିସ):** ବିରଳ ଅଲିଭରିଡଲେ କଇଁଛଙ୍କ ଏକ୍ରୁଡିଶାଳ ଗହୀରମଥା ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହ ୧୧ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛନ୍ତି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ ମହାରଣାଙ୍କ ନେତୃତ୍ୱରେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ ବନକର୍ମଚାରୀ ଏଫ.ବି. ମା'ଦେବୀ ନାମକ ଟ୍ରଲର ଜବତ କରିବା ସହ ଏଥିରେ ଥିବା ଚୈତନ୍ୟ ବର, ଗୋବିନ୍ଦ ବର, ଗୌତମ ବର, ରବୀନ୍ଦ୍ର ଗରୁ, ନାଲୁ ଗୋପାଳ ଦାସ, ଖୁଦିରାମ ବାଗ, ଦୈତାରୀ ବେହେରା, ନଗେନ ମାଝି, ରତନ ଦାସ, ଶଶାଙ୍କ ବାଗ, ରାଜେନ୍ଦ୍ର ମାଇତି ପ୍ରମୁଖ ୧୧ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ୨ଟି ଭିଏଚଏଫ, ଗୋଟିଏ ଜିପିଏସ, ୧ଟି ଫିସ୍ ଫାଇଣ୍ଡର, ୧୭ଟି ଟ୍ରଲିଂ ନେଟ ଓ ୫୦ କେଜି ସାମୁଦ୍ରିକ ମାଛ ଜବତ କରାଯାଇଛି।



# ଦାଦାବଟି ନ ଦେବାରୁ ଆକ୍ରମଣ ଅଭିଯୋଗ

**କେନ୍ଦ୍ରାପଡ଼ା, ୧୧।୧(ସମିସ):** ମୁଣ୍ଡରେ ବନ୍ଧୁକ ଲଗାଇ ମଦ କାଉଣ୍ଟରରୁ ଜବରଦସ୍ତ ମଦ ନେଉଛନ୍ତି।ପ୍ରତିବାଦ କଲେ କର୍ମଚାରୀଙ୍କୁ ମାଡ଼ ମାରୁଛନ୍ତି।ଏନେଇ କାଉଣ୍ଟର ମାଲିକଙ୍କୁ କର୍ମଚାରୀମାନେ ଜଣାଇ ଦେଇଥିଲେ।ଫଳରେ ମାଲିକ ଅଭିଯୁକ୍ତଙ୍କ ସହ କଥା ହେବାରୁ ମାସକୁ ୩୦ ହଜାର ଟଙ୍କା ଦାଦାବଟି ନଦେଲେ ସେମାନେ ଦୋକାନ ବନ୍ଦ କରିବାକୁ ଧମକ ଦେଇଛନ୍ତି।ଏହିଭଳି ଏକ ଘଟଣା ନିକିରାଇ କାଉଣ୍ଟରରେ ଦେଖିବାକୁ ମିଳିଛି।ଗ୍ୟାଙ୍ଗଷ୍ଟରଙ୍କ ଧମକ ଦେବା ସହିତ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ ଦେବା ସହିତ ମଦ ବୋତଲ ନେଇଯିବା ଭଳି ଅଭିଯୋଗ ନିକିରାଇ ଥାନାରେ ହୋଇଛି। ଏନେଇ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁରର କାଉଣ୍ଟର ମାଲିକ ଆଲୋକ କୁମାର ଜେନାଙ୍କ ଅଭିଯୋଗ କ୍ରମେ ପୁଲିସ ସ୍ଥାନୀୟ ୨ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ବାୟାବାବା କଲେଜରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ




**ମହାକାଳପଡ଼ା, ୧୧।୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟରେ ନୂଆ-ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ଖାଦ୍ୟଯୋଗାଣ ଖାଉଟି କଲ୍ୟାଣ ସମବାୟ ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଯୋଗୁଁ ଅନ୍ତର୍ନିହିତ ଗୁଣର ବିକାଶ ହେବା ସହିତ ନୂଆ ନେତୃତ୍ୱ ନେବାର ଦକ୍ଷତା ପିଲାମାନଙ୍କ ମଧ୍ୟରେ ପ୍ରକାଶ ପାଇପାରିଛି।ମହାକାଳପଡ଼ା ଅଞ୍ଚଳରେ ନିର୍ମାଣ ହେବାକୁ ଥିବା ଆର୍ସେଲର ମିତ୍ତଲ ନିପ୍ପନ ବୃହତ ଷ୍ଟିଲପ୍ଲାଣ୍ଟ ଆଜିର ଛାତ୍ର ଛାତ୍ରୀଙ୍କୁ ଭବିଷ୍ୟତରେ ନିଯୁକ୍ତି ଏବଂ ଆତ୍ମନିଯୁକ୍ତି ଦେବା ସହିତ ଅଞ୍ଚଳର ବିକାଶରେ ବଡ଼ ଧରଣର ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। ମହାବିଦ୍ୟାଳୟର ଅଧକ୍ଷ ସୁଲୋଚନା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ପଞ୍ଚାୟତ ସମିତି ଅଧକ୍ଷା କଳ୍ପନା ରାଉତ, ବିଡ଼ିଓ ସାଗର କୁମାର ନନ୍ଦ, ସରପଞ୍ଚ ରତିକାନ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ର ସୁମନ ଓ ଛାତ୍ରୀ ସୁଦେଷ୍ଣା ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟ ର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକଅଧ୍ୟାପିକା, କର୍ମଚାରୀ, ଛାତ୍ର ନେତା ହେମନ୍ତ କୁମାର ସାହୁ, ସ୍ମୃତିରଞ୍ଜନ ପ୍ରଧାନ ଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ଏକ ବିଶାଳ ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଶ୍ରୀ ନାୟକଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ, ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସଙ୍କ ସୁପର ସମ୍ବଲପୁରୀ ସଙ୍ଗୀତର ତାଳେ ତାଳେ ଝୁମିଥିଲେ ଉପସ୍ଥିତ ହଜାର ହଜାର ଛାତ୍ରଛାତ୍ରୀ। ଯୁବ ନେତା ଦେବଦତ୍ତ ପରିଡ଼ା, ଧର୍ମପଦ ଦାସ, ଅପୁ ପରିଡ଼ା, ନଳିନୀ ପ୍ରଭା ଚୌଧୁରୀ, କବିତା ମଲିକ, ରବୀନ୍ଦ୍ର ପାଳ, ରଶ୍ମିରଞ୍ଜନ ମହାପାତ୍ର, ଅଶୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

# ପ୍ରଜ୍ଞାପନ ମେଢ଼ରେ ପ୍ରଦର୍ଶିତ ହେବ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା

**କେନ୍ଦ୍ରାପଡ଼ା, ୧୧।୧(ସମିସ)**




ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଧାରଣତନ୍ତ୍ର ଦିବସ ଦିନ ପ୍ରତ୍ୟୁଷ ୪.୩୦ ମିନିଟ୍ ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ପୌରାଞ୍ଚଳରେ ରାମଧୂନ୍ ପ୍ରଚାର କରାଯିବାକୁ ନିଷ୍ପତ୍ତି ହୋଇଥିବାବେଳେ ସକାଳ ୭.୩୦ମିନିଟ୍ ସମୟରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ବାଣିଜ୍ୟାନୁଷ୍ଠାନ ଓ ନିଜସ୍ୱ ଗୃହରେ ଜାତୀୟ ପତାକା ଉତ୍ତୋଳନ କରି ସନ୍ଧ୍ୟା ପୂର୍ବରୁ ସମ୍ମାନର ସହ ପତାକା ଅବତରଣ କରାଯିବ। ସକାଳ ୮.୩୦ମିନିଟ୍ ସମୟରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ, ଅଭିଭାଷଣ ପ୍ରଦାନ କରାଯିବ। ଜିଲ୍ଲାର ବିଭିନ୍ନ ବିଭାଗ ସରକାରଙ୍କ ଉନ୍ନୟନମୂଳକ ଓ ଜନକଲ୍ୟାଣକାରୀ ଯୋଜନାକୁ ପ୍ରଜ୍ଞାପନ ମେଢରେ ପ୍ରଦର୍ଶିତ କରାଇବାକୁ ସ୍ଥିର ହୋଇଛି।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯିବ। ଏହି ସାଧାରଣତନ୍ତ୍ର ଦିବସ ଅବସରରେ ଜିଲ୍ଲା ଆରକ୍ଷୀ ବାହିନୀ ବ୍ୟାଣ୍ଡ ପାର୍ଟି ଜାତୀୟ ସଙ୍ଗୀତ ପରିବେଷଣ କରିବେ। ପ୍ରତିଯୋଗିତାର ଶ୍ରେଷ୍ଠ ୩ଟି ଦଳ, ଦଳଗତ ଦେଶଭକ୍ତି ନୃତ୍ୟ ପରିବେଷଣ କରିବେ। ମୁଖ୍ୟଅତିଥି ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧିତ କରିବା ପରେ କଏଦୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବା ପାଇଁ ଯିବେ ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନ୍ତେବାସୀ ରୋଗୀଙ୍କୁ ଫଳ ବଣ୍ଟନ କରିବେ। ଜିଲ୍ଲା ଶିକ୍ଷାଧିକାରୀ ସ୍କୁଲ୍ କଲେଜ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଦେଶଭକ୍ତି ସଙ୍ଗୀତ ଓ ଚିତ୍ରକଳା ପ୍ରତିଯୋଗିତା କରାଇବେ। ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଇବା ପାଇଁ ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ପରେଡ୍‌ରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ଟ୍ରଫିର ପ୍ରାୟୋଜକ ହେଉଛନ୍ତି ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ବ୍ୟାଙ୍କ୍ ଅଫ୍ ବରୋଦା, ୟୁନିଅନ୍ ବ୍ୟାଙ୍କ, କେନ୍ଦ୍ରାପଡ଼ା ଅର୍ବାନ୍ କୋ ଅପରେଟିଭ୍ ବ୍ୟାଙ୍କ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ବୈଠକରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ଉକ୍ତ ବୈଠକରେ ଆର୍‌ଟିଓ ଧୀରେନ୍ଦ୍ର କୁମାର ନାୟକ, ଡକ୍ଟର ପିକେ ପ୍ରହରାଜ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ରଞ୍ଜିତ ଦାସ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଜାମୁଦ୍ଦିନ୍ ଖାନ୍, ଆର୍‌ଆଇ ପ୍ରସାନ୍ତ କୁମାର ରଣସିଂହ, ଜିଲ୍ଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ରମଣ କୁମାର ଦାଶ, ଅଗ୍ନିଶମ ବିଭାଗର ଶଶୀଶେଖର ପଣ୍ଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲି ପ୍ରିୟଦର୍ଶନୀ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ କଲେଜ ଓ ସ୍କୁଲର ଶିକ୍ଷକ/ଶିକ୍ଷୟତ୍ରୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ରାଜସ୍ୱ ସହାୟକ ପ୍ରଦୀପ କୁମାର ଦାସ, ନିକ୍ଷେପକ ମଧୁସୂଦନ ମଲ୍ଲିକ, କନିଷ୍ଠ ରାଜସ୍ୱ ସହାୟକ ଜୟଶ୍ରୀ ସାହୁ, ତପନ କୁମାର ପରିଡ଼ା ଓ ରଞ୍ଜନ କୁମାର ବେହେରା ପ୍ରମୁଖ ସହାୟତା କରିଥିଲେ।

## ■ ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫି

# ପ୍ରଥମ ସେମିରେ ଆଳିକୁ ହରାଇ କେନ୍ଦ୍ରାପଡ଼ା ଫାଇନାଲରେ

ରାଜନଗର, ୧୧।୧(ସମିସ): ମଦନପୁର ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫିର ପ୍ରଥମ ସେମି ଫାଇନାଲରେ ମା'ଖରାଖାଇ କ୍ରିକେଟ ଟିମ୍ ଆଳିକୁ ବାଲାବାବା କ୍ରିକେଟ ଟିମ୍ କେନ୍ଦ୍ରାପଡ଼ା ୨ ଉଇକେଟରେ ହରାଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ବାଲାବାବା କ୍ରିକେଟ ଟିମ୍ କେନ୍ଦ୍ରାପଡ଼ା ଫିଲ୍ଡିଂ କରିବାକୁ ନିଷ୍ପତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମା' ଖରାଖାଇ କ୍ରିକେଟ ଟିମ୍ ଆଳି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୦୫ ରନ କରିଥିଲା। ଆଳିର ଚିତ୍ତରଞ୍ଜନ ପରିଡ଼ା ୨୩ ବଲରେ ୪୪ରନ କରିଥିଲେ। ୨୦୬ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ବାଲାବାବା କ୍ରିକେଟ ଟିମ୍ କେନ୍ଦ୍ରାପଡ଼ା ନିର୍ଦ୍ଧାରିତ ୨୦ ଓଭରର ଶେଷ ବଲରେ ୮ ଉଇକେଟ ହରାଇ ୨୦୭ ରନ କରି ବିଜୟ ଲାଭ କରିଥିଲା। କେନ୍ଦ୍ରାପଡ଼ାର ବିକାଶ ପରିଡ଼ା ୨୭ ବଲରେ ୪୯ ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଆଜିର ମ୍ୟାଚରେ ଅତିଥି ଭାବେ ସମାଜସେବୀ ଭଗବତୀ ରାଉତ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଚଳିତବର୍ଷ ଆୟୋଜକ ମହାବୀର ଯୁବକ ସଂଘର ସକ୍ରିୟ ସଦସ୍ୟ ବନୋଜ ସାହୁଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ମହାବୀର ଯୁବକ ସଂଘର ସଭାପତି ଆଶିଷ କୁମାର ରାଉଳ, ଉପସଭାପତି ଶଶଧର ପ୍ରଧାନ, ସମ୍ପାଦକ ପ୍ରକାଶ ବେହେରା, ମ୍ୟାନେଜର ସଚିଦାନନ୍ଦ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ଅମ୍ପାୟାର ଭାବେ ଅଞ୍ଜନ କୁମାର ବେହେରା, ନିରଞ୍ଜନ ଦାସ ଖେଳ ପରିଚାଳନା କରିଥିବା ବେଳେ ମହେଶ୍ୱର ପ୍ରଧାନ, ସୁଧିର ବେହେରା, ସୁବାଷ ବେହେରା ସ୍କୋରର ଏବଂ ଭାସ୍ୟକାର ଦାୟିତ୍ୱ ତୁଲାଇଥିଲେ।









# ଜୟ ଜଗନ୍ନାଥ
# ତୁଳସୀ ତୁଳସୀ ବାସୁଛି

କୃତାଶେଷଭୋଗଂ ବୃତପ୍ରେମଯୋଗଂ
ଜଗତ୍ତ୍ରାଣହେତୁଂ ଦ୍ୱିଷଦ୍ଧୂମକେତୁମ୍ ।
ଅରିଚ୍ଛିନ୍ନରାହୁଂ ସୁବିସ୍ତୀର୍ଣ୍ଣବାହୁଂ
ସୁଭକ୍ତ୍ୟାଂପ୍ରମେୟଂ ଜଗନ୍ନାଥମୀଡେ ।।୪।।

ସକଳଭୋଗର ଅଧିକାରୀ, ବିଶ୍ୱପ୍ରେମଯୋଗର ପ୍ରକାଶକ, ଜଗତ-ଉଦ୍ଧାରର କାରଣ, ଶତ୍ରୁମାନଙ୍କ ବିନାଶ ନିମନ୍ତେ ଧୂମକେତୁସ୍ୱରୂପ, (ସମୁଦ୍ରମନ୍ଥନ କାଳରେ) ଚକ୍ର ସୁଦର୍ଶନ ଦ୍ୱାରା ରାହୁର ମସ୍ତକକୁ ଛିନ୍ନ କରିଥିବା, ବିଶାଳଭୁଜଧାରୀ, ଅପ୍ରମେୟ ଜଗନ୍ନାଥଙ୍କୁ ମୁଁ ନିଶ୍ଚଳଭକ୍ତିରେ ପୂଜା କରୁଅଛି ।
(ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ)



ଶ୍ରଦ୍ଧାଳୁ କାଳିଆର ଦର୍ଶନ ସହ ବୃକ୍ଷରାଜି ମଧ୍ୟରେ ହଜି ଯାଉଛନ୍ତି । ମନ ମୋହି ନେଉଛି ଶ୍ରୀ ମନ୍ଦିର ପରିସରରେ ଶୋଭା ପାଉଥିବା ଜୁଇ, ଜାଇ, ହେନା ଓ ମଲ୍ଲି । ଲ୍ୟାଣ୍ଡସ୍କେପିଂ ଅଞ୍ଚଳରେ ଭକ୍ତ ତାହାର ବାସ୍ନାରେ ରେ ବିମୋହିତ ହେଉଛନ୍ତି । ତାହା ସହ ତୁଳସୀ ତୁଳସୀ ବସୁଛି ପରିକ୍ରମା ମାର୍ଗ । ଶ୍ରୀ ମନ୍ଦିର ପରିକ୍ରମା ପରିସରରେ ପ୍ରାୟ ୧ ଲକ୍ଷ ବୃକ୍ଷ ଲଗାଯାଉଛି । ଏଥିରେ ୧୨୦ ପ୍ରଜାତି ରହିଛନ୍ତି । ପ୍ରତିରୋପିତ ହେଉଥିବା ବୃକ୍ଷ ଗୁଡ଼ିକ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ । ବାହାର ପ୍ରଦକ୍ଷିଣ ମାର୍ଗ, ଭିତର ପ୍ରଦକ୍ଷିଣ ଫୁଲର ସବୁଜିମାରେ ଝଲସିଉଠୁଛି । ଭକ୍ତ ଏହାକୁ ଦେଖି ଅଟକୁ ଯାଉଛି । ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ମଧ୍ୟଭାଗରେ ଲ୍ୟାଣ୍ଡସ୍କେପିଂର ସୃଜନୀ ଛିଟା ଦେଖିବାକୁ ମିଳିବ । ୨ ଟି ସଂସ୍ଥା ଏହାର ଦାୟିତ୍ୱ ବହନ କରିଛି ।ପ୍ରାୟ ୧୫୦ ରୁ ଅଧିକ ମାଳି ଓ କର୍ମଚାରୀ ଏଥିରେ ନିୟୋଜିତ ଅଛନ୍ତି । ମାଳି ନିରନ୍ତର ପ୍ରଭୁ ସେବାରେ ନିଜକୁ ସମର୍ପିତ କରି ଦେଇଛି ।

## ବିଶ୍ୱନିୟନ୍ତାଙ୍କ ପାଇଁ ସୁଗନ୍ଧରାଜ

ବିଶ୍ୱ ନିୟନ୍ତା କଳା ଠାକୁର ପୁଷ୍ପକୁ କେତେ ଯେ ଭଲ ପାଆନ୍ତି । ସେଥି ପାଇଁ ମହାପ୍ରଭୁ ରାଜାଧିରାଜଙ୍କ ଲାଗି ପରିକ୍ରମା ପରିସର ମଧ୍ୟରେ ଲାଗିଛି ପ୍ରାୟ ୯୦ ହଜାର ରୁ ଲକ୍ଷେ ଗଛ । ସୁଗନ୍ଧରାଜ, ଜୁଇ, ଜାଇ, ହେନା ଓ ମଲ୍ଲିରେ ପରିସର ଚହଟୁଛି । ୨୨ ହଜାର ତୁଳସୀ ଗଛ ରେ ଶ୍ରୀ କ୍ଷେତ୍ର ତୁଳସୀ ତୁଳସୀ ବାସୁଛି । ତାହା ସହ ରହିଛି ସ୍ୱର୍ଣ୍ଣଚମ୍ପା, କାମିନୀ ଓ କୁନ୍ଦମଲ୍ଲି ପରି ଭଳିକି ଭଳି ପୁଷ୍ପ । ଯାହା ଭକ୍ତର ମନ, ପ୍ରାଣ ଓ ହୃଦୟକୁ ଲୋଟି ନେଉଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ ଟି ଅଧକ୍ଷ ଭି.କେ ପାଣ୍ଡିଆନ୍ ଙ୍କ ମାର୍ଗଦର୍ଶନ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବୁଜ ବଳୟ ସୁନ୍ଦର ରୂପ ନେଉଛି । ପରିକ୍ରମା ମାର୍ଗରେ ଶ୍ରଦ୍ଧାଳୁ ପୁଷ୍ପକୁ ଦେଖି ଅଟକି ଯିବ । ତାହା ସହ ସେଠି ବାଧ ହୋଇ ସେଲଫି ବି ନେବ । ଏପରି ସୁଶୋଭିତ ହେଉଛି ଲୀଳାମୟ ଠାକୁରଙ୍କ ପୁଷ୍ପର ଏ ଉଦ୍ୟାନ ।

## ଶୋଭା ବଢ଼ାଉଛି କଦମ୍ବ, ଚମ୍ପା, ମଲ୍ଲୀ

ଶ୍ରୀମନ୍ଦିର ପରିକ୍ରମା ମାର୍ଗର ଭିତର ପ୍ରଦକ୍ଷିଣର ୧୪ ମିଟର ଲ୍ୟାଣ୍ଡସ୍କେପିଂ ଅଞ୍ଚଳରେ ମଧ୍ୟ ପୁଷ୍ପରାଜର ପ୍ରାଣ ପ୍ରତିଷ୍ଠା ହୋଇଛି । ବଡ଼ ବଡ଼ ଗଛ ଏଠି ଆକାଶ ମାର୍ଗକୁ ଛୁଉଁଥିବାର ଭ୍ରମ ସୃଷ୍ଟି କରୁଛି । ତାହା ସହ ଗଢ଼ି ଉଠୁଛି ସବୁଜ ବଳୟ । ପ୍ରାୟ ୬୦୦ ରୁ ଅଧିକ ଗଛ ଏଠାରେ ଲଗା ଯାଉଛି । ବଉଳ, ରୁଦ୍ରଚମ୍ପା, ସ୍ୱର୍ଣ୍ଣ ଚମ୍ପା, ନିମ୍ବ, ଛତିଆନା, ନାଗେଶ୍ୱର, ନାଗମଲ୍ଲୀ, କଦମ୍ବ, କାଠଚମ୍ପା ପରି ବୃକ୍ଷ ଏଠାରେ ବିରାଜମାନ କରୁଛନ୍ତି । କେବଳ ଚାରା ରୂପରେ ବୃକ୍ଷ ରୋପଣ କରାଯାଉନି; ୫ ରୁ ୧୫ ଫୁଟ ଉଚ୍ଚତାର ଗଛର ସ୍ଥାନାନ୍ତାରଣ ମଧ୍ୟ ହେଉଛି । ଯାହା କିଛି ବର୍ଷ ଭିତରେ ହିଁ ଛାୟା ପ୍ରଦାନ କରିବାରେ ସହାୟ ହେବ ।

## ପୁରୀକୁ ଆସିଛି ଚନ୍ଦନପୁର ମାଟି

ପରିକ୍ରମା ମାର୍ଗରେ ସବୁଜ ବଳୟ ସୃଷ୍ଟି ପାଇଁ ମାଟିର ପ୍ରକ୍ରିୟାକରଣ କରଯାଇଛି । ଯାହା ଚନ୍ଦନପୁରରୁ ଶ୍ରୀ କ୍ଷେତ୍ରକୁ ଆସି ପବିତ୍ର ପବିତ୍ର ଲାଗୁଛି । ଏହି ମାଟିର ବିଶେଷତ୍ୱ ହେଉଛି ଏହା ଶୀଘ୍ର ବୃକ୍ଷକୁ ବୃଦ୍ଧିରେ ସାହାଯ୍ୟ କରିବ । ଲ୍ୟାଣ୍ଡସ୍କେପିଂ ଅଞ୍ଚଳରେ ଛୋଟ ବଡ଼ ପ୍ରାୟ ୧୨୦ ପ୍ରଜାତିର ରେଡ୍ ଆଲଡର, ଗ୍ରୀନ ଆଲଡର, ପେଣ୍ଟାସ୍, ସିଜିୟମ, ଇକ ଜୋରା, ରୋଇଓ, ଟଗର, ତରାଟ, ଆମାଜନ ବ୍ଲୁ ଭଳି ବୃକ୍ଷ ରହିଛି । ରାଜ୍ୟ ଓ ରାଜ୍ୟ ବାହାରୁ ବୃକ୍ଷ ଏଠାକୁ ଆସିଛି । ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, କୋଲକାତା, ଛତିଶଗଡ଼ ଓ ମହାରାଷ୍ଟ୍ରରୁ ମଧ୍ୟ ଶ୍ରୀମନ୍ଦିର ପରିସରର ଶ୍ରୀ ବୃଦ୍ଧି କରି ପ୍ରଭୁଙ୍କ ପାଦରେ ଲାଗି ପ୍ରଭୁ କୃପା ପାଇବା ପାଇଁ ଗଛ ସବୁ ପୁରୀ ଆସିଛନ୍ତି । ସିଂହ ଦ୍ୱାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଚଳମାନ ବାକ୍ସ ରେ ବୃକ୍ଷ ଶୋଭା ବଢ଼ାଉଛି । ଗ୍ରେନ୍ ୱେ କ୍ରିଏସନ ନାମକ ଏକ ସଂସ୍ଥା ୫ ବର୍ଷ ପର୍ଯ୍ୟନ୍ତ ଏହାର ସୁରକ୍ଷା ଦାୟିତ୍ୱରେ ରହିବ । ସବୁଜିମା ବଳୟ ମଧ୍ୟରେ ଶାନ୍ତିପୂର୍ଣ୍ଣ ବାତାବରଣ କରି ଏହି ପୁଷ୍ପ ବୃକ୍ଷ ଓ ବଡ଼ ଗଛ ସବୁ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପକୁ ଆହୁରି ସୁସଜ୍ଜିତ କରିବେ । ଯାହା କେବଳ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ ଓ ନିରନ୍ତର ପରିଶ୍ରମ ବଳରେ ଆଜି ସଫଳ ହୋଇଛି ।



### ଏବେ ପୁରୀକୁ ବାରମ୍ବାର ଆସିବାକୁ ଇଚ୍ଛା ହେଉଛି

ପୁରୀ ଆଉ ଶ୍ରୀମନ୍ଦିର ଆସିବା ପାଇଁ ବାରମ୍ବାର ଇଚ୍ଛା ହେଉଛି । ଖୁବ୍ ସୁନ୍ଦର ବ୍ୟବସ୍ଥା । ଠାକୁରଙ୍କ ନୀତି ସମୟରେ ପୂର୍ବରୁ ଧାଡ଼ିରେ ଛିଡ଼ାହେବା ବହୁତ କଷ୍ଟ ଲାଗୁଥିଲା । ହେଲେ ଏବେ ସେଭଳି ସ୍ଥିତି ନାହିଁ । ବ୍ୟାରିକେଡରେ ବସିବା ସୁବିଧା ରହିଛି । ପିଇବା ପାଇଁ ପାଣି ବି ଯୋଗାଇ ଦିଆଯାଇଛି । ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡି ରହିଛି । ପରିକ୍ରମା ପ୍ରକଳ୍ପ ଦ୍ୱାରା ଶ୍ରୀମନ୍ଦିର ଆଉ ମନ୍ଦିର ଚାରିପାଖ ବହୁତ ସୁନ୍ଦର ଲାଗୁଛି । ନବୀନ ପଟ୍ଟନାୟକଙ୍କ ପାଇଁ ହିଁ ଏହା ସମ୍ଭବ ହୋଇଛି ।

କୃଷ୍ଣ ଦାସ, ବ୍ରହ୍ମପୁର



### ଅକଳ୍ପନୀୟ ଉନ୍ନତିକରଣ

ପରିକ୍ରମା ପ୍ରକଳ୍ପ ଏକ ଐତିହାସିକ ପଦକ୍ଷେପ । ମୁଁ ବାହାର ରାଜ୍ୟରୁ ଆସିଥିଲେ ହେଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଉନ୍ନତିକରଣ ମୋତେ ଅଭିଭୂତ କରିଛି । ଦୁଇବର୍ଷ ପୂର୍ବରୁ ପୁରୀ ଆସିଥିଲି, ସେତେବେଳେ ଏହାର କାମ ଆରମ୍ଭ ହେଉଥିଲା । ଏବେ ବେଶ୍ ସଫାସୁତରା ଲାଗୁଛି । ମନ୍ଦିର ଚତୁଃପାର୍ଶ୍ୱ ବୁଲିବାରେ କୌଣସି ଅସୁବିଧା ହେଉନାହିଁ । ନବୀନ ପଟ୍ଟନାୟକ ହେଉଛନ୍ତି ଜଣେ ଅଦ୍ୱିତୀୟ ନେତା । ତାଙ୍କର ଦୂରଦୃଷ୍ଟି ଅନ୍ୟମାନଙ୍କଠାରୁ ଭିନ୍ନ ।

ସଞ୍ଜୟ ଚୌଧୁରୀ, ବିକାନୀର, ରାଜସ୍ଥାନ



### ସେବେ ଓ ଏବେ: ଆକାଶପାତାଳ ଫରକ

୮/୧୦ ବର୍ଷ ପୂବେ ପୁରୀ ଆସିଥିଲି । ସେତେବେଳର ପୁରୀ ଆଉ ଏବେର ପୁରୀ ଭିତରେ ଆକାଶ ପାତାଳ ଫରକ୍ ଦେଖୁଛି । ଏବେ କିନ୍ତୁ ବହୁତ ଭଲ ଲାଗୁଛି । ଆଗରୁ ବଡ଼ଦାଣ୍ଡରେ ପ୍ରବଳ ଭିଡ଼ ହେଉଥିଲ । କିନ୍ତୁ ଏବେ ଚାଲି ଚାଲି ଯିବାକୁ ଭଲ ଲାଗୁଛି । ମନ୍ଦିର ଚତୁଃପାର୍ଶ୍ୱ ସଂକୁଚିତ ରାସ୍ତା ଥିଲା । ହେଲେ ସବୁ ବ୍ୟବସ୍ଥା ସୁନ୍ଦର ଲାଗୁଛି । କିନ୍ତୁ ମନ୍ଦିର ଭିତରେ ଦର୍ଶନ ପାଇଁ ଭିଡ଼ ହେଉଛି । ଆମ ଭଳି ବୟସ୍କ ଲୋକଙ୍କ ଦର୍ଶନ ବ୍ୟବସ୍ଥା ଆଉ ଟିକେ ସୁବିଧା ହେଲେ ଭଲ ହୁଅନ୍ତା ।

ଧାଗୁ ବୋଇ, ମଧ୍ୟପ୍ରଦେଶ



### ଅକଳ୍ପନୀୟ ଉନ୍ନତିକରଣ

ଦୀର୍ଘ ବର୍ଷର ପରିକଳ୍ପନା ବାସ୍ତବ ରୂପ ନେଇଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହାଦ୍ୱାରା ଶ୍ରୀମନ୍ଦିରର ସୁରକ୍ଷା, ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ଦୂର ଦୂରାନ୍ତରୁ ଆସୁଥିବା ଭକ୍ତଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁମାନେ ବିଭିନ୍ନ ସମ୍ପ୍ରଦାୟର ମଠଗୁଡ଼ିକୁ ମଧ୍ୟ ବୁଲି ଦେଖିପାରିବେ । ସେଥିଲାଗି ମଠଗୁଡ଼ିକର ସୌନ୍ଦର୍ଯ୍ୟକରଣ ମଧ୍ୟ କରାଯାଇଛି । ପୁରୀବାସୀଙ୍କ ପୂର୍ଣ୍ଣ ସହଯୋଗ ଯୋଗୁଁ ଆଜି ଶ୍ରୀକ୍ଷେତ୍ର ଧାମ ନୂଆରୂପ ନେଇଛି ।

ନାରାୟଣ ରାମାନୁଜ ଦାସ, ମହନ୍ତ, ଉତ୍ତରପାର୍ଶ୍ୱ ମଠ



### ସରକାରଙ୍କୁ ଧନ୍ୟବାଦ

ପ୍ରଥମ ଥର ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଆସିଛି । ଏଠାକାର ଦର୍ଶନ ବ୍ୟବସ୍ଥା ଦେଖି ମୁଁ ବହୁତ ଖୁସି । ଭକ୍ତଙ୍କ ସୁବିଧା ପାଇଁ ଏମିତି ସୁନ୍ଦର ବ୍ୟବସ୍ଥା ମୁଁ ଆଗରୁ ଯାଇଥିବା ଅନ୍ୟ କୌଣସି ମନ୍ଦିରରେ ଦେଖି ନ ଥିଲି । ମନ୍ଦିର ଚାରିପଟ ବି ଖୁବ୍ ସୁନ୍ଦର ଲାଗୁଛି । ଶ୍ରଦ୍ଧାଳୁଙ୍କ ପାଇଁ ଏଭଳି ପଦକ୍ଷେପ ନେଇଥିବା ଓଡ଼ିଶା ସରକାର ଏବଂ ଏଠାକାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ।

ଅଙ୍କୁଶ ଅସୱାରା, ଉଜ୍ଜୟିନୀ, ମଧ୍ୟପ୍ରଦେଶ



### ପୂରଣ ହୋଇଛି ଭକ୍ତଙ୍କ ଆବଶ୍ୟକତା

ପରିକ୍ରମା ପ୍ରକଳ୍ପ ଯୋଜନା ମାଧ୍ୟମରେ ଶ୍ରୀମନ୍ଦିର ମେଘନାଦ ପାଚେରିଠାରୁ ୭୫ ମିଟର ଅଞ୍ଚଳ ଖାଲି କରାଯାଇଛି । ଏହା ମଧ୍ୟରେ ଭକ୍ତଙ୍କ ସୁବିଧା ପାଇଁ ଯାହାସବୁ ବ୍ୟବସ୍ଥା କରାଯାଇଛି ବାସ୍ତବିକ ସେ ସବୁର ଆବଶ୍ୟକତା ଥିଲା । ମନ୍ଦିର ବାହାର ବହୁତ ସୁନ୍ଦର ଲାଗୁଛି । ବିଶେଷକରି ବରିଷ୍ଠ ନାଗରିକମାନେ ଯେପରି ଭିଡ଼ରେ ନ ପଶି ଭଲ ଭାବେ ଦର୍ଶନ କରିପାରିବେ ସେ ବ୍ୟବସ୍ଥା ହେଲେ ଭଲ ହୁଅନ୍ତା ।

ଅନିମା ସାହୁ, ଭୁବନେଶ୍ୱର



### 'ପରିକ୍ରମା' ଦେଇଛି ନୂଆ ପରିଚୟ

ପୂର୍ବରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସ୍ଥିତି ଦୟନୀୟ ଥିଲା । ସଂକୀର୍ଣ୍ଣ ରାସ୍ତା ଯୋଗୁଁ ମହାପ୍ରଭୁଙ୍କ ଯାନିଯାତ୍ରାରେ ବାଧା ଉପୁଜୁଥିଲା । ଓଡ଼ିଶା ବାହାରୁ ଆସୁଥିବା ସାଧୁସନ୍ଥ ଓ ସେମାନଙ୍କ ଅନୁଗାମୀ ଶ୍ରୀମନ୍ଦିର ପରିକ୍ରମା କରୁପାରୁ ନ ଥିଲେ । ହେଲେ ଏବେ ରାଜ୍ୟ ସରକାର ପରିକ୍ରମା ପ୍ରକଳ୍ପ କରିଥିବାରୁ ଏ ସବୁ ସମସ୍ୟାର ସମାଧାନ ହୋଇଛି । ଶ୍ରୀମାର୍ଗ, ଜେବିପିସି, ବହୁତଳ ପାର୍କିଂ ଓ ସର୍ବୋପରି ଶ୍ରୀସେତୁ ଭକ୍ତଙ୍କୁ ନିଶ୍ଚିତ ଶ୍ରୀକ୍ଷେତ୍ରକୁ ଆକର୍ଷିତ କରିବ । ବିଶ୍ୱସ୍ତରୀୟ ବ୍ୟବସ୍ଥା ପୁରୀ ଧାମକୁ ନୂଆ ପରିଚୟ ଦେବ ।

ମନୋଜ ରଥ, ସଭାପତି, ଉତ୍କଳ ବିଦ୍ୱତ୍ ପରିଷଦ



### ଦୂରଦୃଷ୍ଟିସମ୍ପନ୍ନ ନେତା ନବୀନ

୨୦୧୮ ରେ ସପରିବାର ପୁରୀ ଆସିଥିଲୁ । ସେତେବେଳେ ପୁରୀ ବହୁତ ଗହଳି ଲାଗୁଥିଲା । ମନ୍ଦିର ଚାରିପାଖରେ ଦୋକାନ ଥିଲା । ଏବେ ସେମିତି ସ୍ଥିତି ନାହିଁ । ସବୁକିଛି ସୁନ୍ଦର ହୋଇଯାଇଛି । ପରିବେଶ ଶାନ୍ତି ଲାଗୁଛି । କେବେ ସ୍ୱପ୍ନରେ ଭାବି ନ ଥିଲୁ ଯେ, ପୁରୀ ଏମିତି ବଦଳି ଯାଇଥିବ । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବି । ସେ ଭାରତର ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା । ତାଙ୍କର ଉଦ୍ୟମ ପାଇଁ ଜଗନ୍ନାଥ ଧାମର କାୟାକଳ୍ପ ବଦଳିଛି ।

କୌଶଲ ସାହୁ, ଧମ୍‌ତେରମ, ଛତିଶଗଡ଼



### ଉତ୍ତମ ବ୍ୟବସ୍ଥା

ଯେ କେହି ମହାପ୍ରଭୁଙ୍କୁ ଦର୍ଶନ ପରିକ୍ରମା ପ୍ରକଳ୍ପକୁ ପ୍ରଶଂସା କରିବେ । ଭକ୍ତଙ୍କ ପାଇଁ ଏସି ଶେଡ଼ଠାରୁ ଆରମ୍ଭ କରି ବ୍ୟାରିକେଡରେ ବସିବାର ସୁବିଧା କରାଯାଇଛି । ଏବେ ବାହାରୁ ମନ୍ଦିର ଭଲ ଭାବେ ଦେଖାଯାଉଛି । ପୂର୍ବରୁ ଚତୁଃପାର୍ଶ୍ୱ ଅଣଓସାରିଆ ରାସ୍ତା ଥିଲା । ଭକ୍ତମାନେ ଅସୁବିଧା ଭୋଗୁଥିଲେ । ଏବେ ସେମିତି ସ୍ଥିତି ନାହିଁ, କିନ୍ତୁ ଭିତରେ ଦର୍ଶନ ଯେପରି ଭଲ ଭାବେ କରିପାରିବେ ସେ ଦିଗରେ ଫୋକସ ଦିଆଗଲେ ଶ୍ରୀମନ୍ଦିରର ଗରିମା ଆହୁରି ବଢ଼ିବ ।

କାଜଲ ନାୟକ, କଟକ



### ଅଭୂତପୂର୍ବ ବ୍ୟବସ୍ଥା, ସ୍ୱଚ୍ଛ ଓ ସୁନ୍ଦର

ସମ୍ପର୍କୀୟଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲୁ । ଭଲଭାବେ ପ୍ରଭୁଙ୍କ ଦର୍ଶନ କଲୁ । ଏଠାକାର ବ୍ୟବସ୍ଥା ଅଭୁତପୂର୍ବ । ପରିବେଶ ସ୍ୱଚ୍ଛ ଏବଂ ସୁନ୍ଦର ଲାଗୁଛି । ଭକ୍ତଙ୍କ ସୁଖଦ ଦର୍ଶନ ପାଇଁ ସବୁ ପ୍ରକାର ସୁବିଧା କରାଯାଇଛି । ବିଶେଷକରି ପୁଲିସ ବ୍ୟବସ୍ଥା ବି ଆଗ ଅପେକ୍ଷା ବହୁତ ଭଲ । ବାସ୍ତବିକ ଓଡ଼ିଶା ସରକାରଙ୍କର ଏକ ଭଲ ଉଦ୍ୟମ । ଏଥିପାଇଁ ଏଠାକାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ହେବ ।

ଈଶ୍ୱର ଶରଣ ମିଶ୍ରା, ଗୁଣ୍ଡା, ୟୁପି

## ଏସି ଟନେଲରେ ସୁଖଦ ପ୍ରତୀକ୍ଷା

ଆଉ ତାତୁନି ପାଦ, ମୁଣ୍ଡରେ ପଡ଼ୁନି ଖରା। ଧାଡ଼ିରେ ଠିଆ ହୋଇ ଅଣ୍ଟାପିଠି ବି ଦରଜ ହେଉନି। ଭକ୍ତଙ୍କୁ ସ୍ୱାଗତ କରୁଛି ବଡ଼ଦାଣ୍ଡରେ ବିଛା ହୋଇଥିବା ରେଡ୍ କାର୍ପେଟ୍। ମୁଣ୍ଡ ଉପରେ ମୋଟା ସେଡ୍ ସାଙ୍ଗକୁ ଥଣ୍ଡା ପବନ ଦେହ ଓ ମନର କ୍ଳାନ୍ତି ଦୂର କରୁଛି। ଜାଗା ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ 'ଅପେକ୍ଷା'ର ତିକ୍ତ ଅନୁଭୂତିକୁ ବଦଳାଇଦେଇଛି ଏସି ଟନେଲ୍। '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କର ରୂପାନ୍ତରଣ ଯୋଜନା ଯେ 'ଅପେକ୍ଷା' ଭଳି ଏକ ବିରକ୍ତିକର ମୁହୂର୍ତ୍ତକୁ ବିନୋଦନରେ ବଦଳାଇ ଦେଇପାରେ, ବଡ଼ଦାଣ୍ଡରେ ଏବେ ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି। ଏବର୍ଷ ନୂଆବର୍ଷରେ ଶ୍ରୀଜିଉଙ୍କୁ ପ୍ରାୟ ୫ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଅନ୍ୟ ବର୍ଷ ତୁଳନାରେ ଦର୍ଶନାର୍ଥୀଙ୍କ ଏହି ସଂଖ୍ୟା ଯଥେଷ୍ଟ ଅଧିକ। ପ୍ରତି ନୂଆବର୍ଷରେ ଭକ୍ତଙ୍କ ଭିଡ଼ ଯୋଗୁଁ ଭକ୍ତ ଓ ଶ୍ରଦ୍ଧାଳୁ ନାହିଁ ନଥିବା ସମସ୍ୟା ଭୋଗୁଥିଲେ। ବିଶେଷକରି ବରିଷ୍ଠ ନାଗରିକମାନେ ଖରା ଗରମରେ ଧାଡ଼ିରେ ଠିଆ ହୋଇ ରହିବାକୁ ବାଧ ହେଉଥିଲେ। ପ୍ରତି ବର୍ଷ ରଥଯାତ୍ରା ସମୟରେ ବଡ଼ଦାଣ୍ଡର ଭୂମିକା ଓ ଗୁରୁତ୍ୱ ରହିଥିବାରୁ ଏଠାରେ କୌଣସି ସ୍ଥାୟୀ ନିର୍ମାଣ କରିବାର ମଧ୍ୟ ବ୍ୟବସ୍ଥା ନ ଥିଲା। ତେବେ ରାଜ୍ୟ ରୂପାନ୍ତରଣର ସାରଥୀ ସାଜିଥିବା '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଡ଼ଦାଣ୍ଡରେ ଏସି ଟନେଲ୍ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ନୂଆବର୍ଷ ଯୁଦ୍ଧକାଳୀନ ଭିତ୍ତିରେ ଏହି କାମ ପାଇଁ ନିଷ୍ପତ୍ତି ହୋଇଥିଲା। ପୂର୍ବରୁ ପ୍ରଶାସନିକ ତତ୍ପରତା ଯୋଗୁଁ ଖୁବ୍ କମ୍ ସମୟ ମଧ୍ୟରେ ଏହି ଟନେଲ୍ ନିର୍ମାଣ ଶେଷ ହୋଇ କାର୍ଯ୍ୟକ୍ଷମ ହୋଇଛି। ଏଥିରେ ସେଣ୍ଟ୍ରାଲ ଏସି ବ୍ୟବସ୍ଥା ସହ ଷ୍ଟିଲ୍ ରେଲିଂ ଦ୍ୱାରା ଧାଡ଼ି ବ୍ୟବସ୍ଥା କରାଯାଇଛି। ବଡ଼ କଥା ହେଉଛି ଯେ ଏହି ଧାଡ଼ିରେ ଲାଗିଥିବା ରେଲିଂ ସହ ଭକ୍ତମାନେ ନିଜ ସ୍ଥାନରେ ବସିବାର ମଧ୍ୟ ବ୍ୟବସ୍ଥା କରାଯାଇଛି। ଫଳରେ ଯେଉଁ ଧାଡ଼ି ଭକ୍ତଙ୍କ ପାଇଁ ବିରକ୍ତିକର ହେଉଥିଲା ଓ ବରିଷ୍ଠ ନାଗରିକମାନେ ଦର୍ଶନ ପାଇଁ ଆସିବାକୁ ଭୟ କରୁଥିଲେ; ସେମାନେ ଏବେ ଅତି ଆନନ୍ଦର ସହ ଏସି ଟନେଲରେ ଆସି ଶ୍ରୀଜୀଉଙ୍କ ଦର୍ଶନ କରିପାରୁଛନ୍ତି। ସାଧାରଣ ଲୋକଙ୍କ ସହ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଭକ୍ତମାନଙ୍କ ପ୍ରତି ମଧ୍ୟ ଏଥିରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ସେମାନଙ୍କ ପାଇଁ ଭିନ୍ନ ଏକ ଧାଡ଼ି କରାଯାଇଛି। ଫଳରେ ନୂଆବର୍ଷ ପରଠାରୁ ଶ୍ରଦ୍ଧାଳୁଙ୍କୁ ଏକ ନୂଆ କ୍ଳାନ୍ତମୁକ୍ତ, ବାଧାମୁକ୍ତ ଅନୁଭୂତି ମିଳୁଛି। ଏହି ନିଆରା ବ୍ୟବସ୍ଥାକୁ ବାହାର ରାଜ୍ୟରୁ ଆସୁଥିବା ଶ୍ରଦ୍ଧାଳୁ, ପର୍ଯ୍ୟଟକ ପ୍ରଶଂସା ନ କରି ରହିପାରୁନାହାନ୍ତି। ପିତାମାତାଙ୍କ ସହ ପଶ୍ଚିମବଙ୍ଗରୁ ଆସିଥିବା ଶିକ୍ଷୟିତ୍ରୀ ପାରମିତା ମୁଖାର୍ଜୀ ଏହି ଅତ୍ୟାଧୁନିକ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର, ମୁଖ୍ୟମନ୍ତ୍ରୀ ଓ ଶ୍ରୀମନ୍ଦିର ପ୍ରଶାସନର ପ୍ରଶଂସାରେ ଶତମୁଖ ହୋଇଛନ୍ତି। ତାହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଖାଲି ପାରମିତା ନୁହଁନ୍ତି, ପୁରୀକୁ ଛୁଟି ଆସୁଥିବା ହଜାର ହଜାର ଭକ୍ତ ଏହି ନିଆରା ବ୍ୟବସ୍ଥାକୁ ପସନ୍ଦ କରୁଛନ୍ତି। ଶ୍ରୀ ମନ୍ଦିର ଚୌହଦୀର ନବକଳେବର ସାଙ୍ଗକୁ ବଡ଼ଦାଣ୍ଡର ଅପରୂପ ସୌନ୍ଦର୍ଯ୍ୟରେ ଝଲସୁଥିବା ପୁରୀ କେବଳ ନୂଆବର୍ଷ ନୁହେଁ, ଏବେ ପ୍ରତିଦିନ ଜନସମୁଦ୍ର ପାଲଟୁଛି। ଶ୍ରୀଜୀଉଙ୍କ ଦର୍ଶନ ସହ ୧୭ତାରିଖରେ ଉଦ୍‌ଘାଟିତ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଟିକିଏ ଝଲକ ପାଇବା ପାଇଁ ଭକ୍ତଙ୍କ ମଧ୍ୟରେ ବ୍ୟାକୁଳତା ବଢ଼ୁଛି। ରାଜ୍ୟ ସରକାର ମଧ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ପୁରୀ ଆଣି ସେମାନଙ୍କୁ ଜଗନ୍ନାଥଙ୍କ ଦର୍ଶନ କରାଇବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଉଛନ୍ତି। ସେହି ବହୁପ୍ରତୀକ୍ଷିତ ପ୍ରକଳ୍ପର ଲୋକାର୍ପଣ ପାଇଁ ହାତରେ ମାତ୍ର ଆଉ ଦିନ କେଇଟା ଥିବାରୁ ସାରା ରାଜ୍ୟବାସୀ ଏହି ପବିତ୍ର ପର୍ବର ସାକ୍ଷୀ ହେବା ପାଇଁ ଏବେ ପୁରୀମୁହାଁ ହେଉଛନ୍ତି।



# ଜଗନ୍ନାଥ ଅର୍ପଣ ରଥର ପରିକ୍ରମା



**କାମାକ୍ଷାନଗର, ୧୧ା୧ (ସମିସ) :** ପରଜଙ୍ଗ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକର ରାଇବୋଲ ଗ୍ରାମ ପଞ୍ଚାୟତରେ ପରିକ୍ରମା କରିଛି ଜଗନ୍ନାଥ ଅର୍ପଣ ରଥ। ପଞ୍ଚାୟତର ହରିଡ଼ାପଦା ଗ୍ରାମରୁ ବାହାରି ରାଇବୋଲ, କଙ୍କଣା, ହାଡ଼ଗରୀ, ଶୀତଳବସା ପ୍ରଭୃତି ଗ୍ରାମ ପରିକ୍ରମା କରିବା ସହ ୧୪ଟି ୱାର୍ଡ ପରିକ୍ରମା କରାଯାଇଛି। ଏହି ଅବସରରେ ରାଇବୋଲ ପଞ୍ଚାୟତର ଶତାଧିକ ମହିଳା, ପୁରୁଷ ସଂକୀର୍ତ୍ତନ ମଣ୍ଡଳୀ ଶୋଭାଯାତ୍ରା କରି ଗାଁକୁ ଗାଁ ରଥ ପରିକ୍ରମା କରାଇଥିଲେ। ଗାଁ, ଗାଁରେ ମହିଳାମାନେ ଝୋଟି ପକାଇ ଧୂପ, ଦୀପ ଦେଇ ଅର୍ପଣରଥକୁ ସ୍ୱାଗତ କରିବା ସହ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ। ରାଇବୋଲ ସରପଞ୍ଚ ଶାନ୍ତନୁ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ପରିକ୍ରମା ରଥ ଶୋଭାଯାତ୍ରାରେ ପଞ୍ଚାୟତର ଶତାଧିକ ଜଗନ୍ନାଥ ପ୍ରେମୀ ଅଂଶଗ୍ରହଣ କରିବା ସହ ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**କାମାକ୍ଷାନଗର, ୧୧ା୧(ସମିସ) :** କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଅଗ୍ନିଶମ ବାହିନୀ ତରଫରୁ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ଅଗ୍ନିଶମ କେନ୍ଦ୍ରର ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟତଃ ମେଡିକାଲରେ ଯଦି କୌଣସି କାରଣବଶତଃ ନିଆଁ ଲାଗିଯାଏ, ତାକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ ସେ ନେଇ ବିଭିନ୍ନ ପ୍ରକାର କୌଶଳ ବିଷୟରେ ମେଡିକାଲ କର୍ମଚାରୀଙ୍କୁ ଅବଗତ କରାଯାଇଥିଲା। ଡ. ସୁବାସ ମଣ୍ଡଳ, ଡ. ମିଥୁନ ମେହେର, ମେଡିକାଲ ପରିଚାଳିକା ରଶ୍ମିରେଖା ସାମଲ, ସମସ୍ତ ଷ୍ଟାଫ୍ ଓ ସିକ୍ୟୁରିଟି କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅଗ୍ନିଶମ ବାହିନୀ ତରଫରୁ ହାବିଲଦାର ଶ୍ରୀକାନ୍ତ ବଳବନ୍ତରାୟ, ଡ୍ରାଇଭର ହାବିଲଦାର ରାଜୀବ ଲୋଚନ ସାହୁ, ଫାୟାରମ୍ୟାନ ପ୍ରଶାନ୍ତ କୁମାର ହୋତା, ରାଜେନ୍ଦ୍ର ନନ୍ଦ ଓ ରାକେଶ କୁମାର ପଣ୍ଡା ନିଆଁ ଲିଭିବାର କୌଶଳ ପ୍ରଦର୍ଶନ କରିଥିଲେ।

# ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ କର୍ମଚାରୀ ସଂଘର ସମ୍ମିଳନୀ



**ଢେଙ୍କାନାଳ, ୧୧ା୧ (ସମିସ) :** ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ କର୍ମଚାରୀ ସଂଘର ୧୧ତମ ବାର୍ଷିକ ସମ୍ମିଳନୀ, ସଂଘର ଗୁଡ଼ିଆନାଳୀ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ଅନ୍ତର୍ଯ୍ୟାମୀ ବେହେରା ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଦେହୁରୀ ଓ ଢେଙ୍କାନାଳ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସଚିଦାନନ୍ଦ ସ୍ୱାଇଁ ଯୋଗଦାନ କରିଥିଲେ। ସଂଘର ସମ୍ପାଦକ ହେମନ୍ତ କୁମାର ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂଘର ନୂତନ ସଭ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ବିଭିନ୍ନ ଦାବି ମଧ୍ୟରେ ମେଡିକାଲ୍ ଭତ୍ତା, ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବି.ଏସ୍.କେ.ୱାଇ ରେ ଅନ୍ତର୍ଭୁକ୍ତ କରାଇବା, ୬୫ ବର୍ଷ ପରେ ଅତିରିକ୍ତ ୨୦% ପେନ୍ସନ୍ ପ୍ରଦାନ କରିବା, କରୋନା ସମୟରେ ବାକିଥିବା ୧୮ ମାସର ମହଙ୍ଗାଭତା ପ୍ରଦାନ କରିବା ଓ ରେଳ ଟିକେଟ୍ରେ ବରିଷ୍ଠ ନାଗରିକମାନଙ୍କୁ ରିହାତି ପ୍ରଦାନ ପୁନଃ ଚାଲୁ ରଖିବା ନିମନ୍ତେ ଦାବୀ ପ୍ରସ୍ତାବ ପାରିତ କରାଯାଇଥିଲା। ସର୍ବସମ୍ମତି କ୍ରମେ ଅନ୍ତର୍ଯ୍ୟାମୀ ବେହେରାଙ୍କୁ ସଭାପତି, ମାଧବ ଚରଣ ନାୟକଙ୍କୁ ଉପସଭାପତି, ହେମନ୍ତ କୁମାର ପଟ୍ଟନାୟକଙ୍କୁ ସମ୍ପାଦକ ଓ ନିରାକାର ସାହୁଙ୍କୁ ସହ-ସମ୍ପାଦକ ଭାବେ ନିର୍ବାଚିତ କରାଯାଇଥିଲା।

# ବିପର୍ଯ୍ୟୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ

**ଢେଙ୍କାନାଳ, ୧୧ା୧ (ସମିସ)**



ଢେଙ୍କାନାଳ ସଦର ବ୍ଲକ ପୌରାଞ୍ଚଳ ଅନ୍ତର୍ଗତ ସ୍ଥାନୀୟ ଶତାୟୁ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ ପରିସରରେ କଟକ ମୁଣ୍ଡଳି ସ୍ଥିତ ଏନ୍ଡି ଆରଏଫ୍-୩ ବାଟାଲିୟନ୍ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟିମ୍ କମାଣ୍ଡର ବିନୟ କୁମାରଙ୍କ ନେତୃତ୍ୱରେ ବିକାଶ କୁମାର, ମହମ୍ମଦ ଆରାଫତ, ସତ୍ୟବ୍ରତ ସାହୁ, ପ୍ରିୟବ୍ରତ ନାୟକ ଓ ତାଙ୍କ ଦଳର ସମସ୍ତ ସଦସ୍ୟମାନଙ୍କ ପରିଚାଳନାରେ ଏନ୍ଡିଆରଏଫ୍ ଯବାନ୍ମାନେ ଛାତ୍ରଛାତ୍ରୀଙ୍କୁ ଆପତକାଳୀନ ସମୟରେ ଆଶୁ ଚିକିତ୍ସା, ବାତ୍ୟା, ବନ୍ୟା, ବିଜୁଳି ମାରିବା ଓ ଅଗ୍ନିକାଣ୍ଡ ସମୟରେ କିପରି ବିପର୍ଯ୍ୟୟର ସାମ୍ନା କରାଯିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ମାର୍ଗଦର୍ଶନରେ ଦାୟିତ୍ୱରେ ଥିବା ବରିଷ୍ଠ ଶିକ୍ଷକ, ବରିଷ୍ଠ ସମର ଶିକ୍ଷାର୍ଥୀ ଆକାଶ ବାହିନୀ ଚିଫ୍ ଅଫିସର୍ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଢେଙ୍କାନାଳ ଜିଲ୍ଲା ସଂଯୋଜକ ଡା. ଦେବୀପ୍ରସାଦ ମିଶ୍ରଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସାରଙ୍ଗଧର ସାହୁ, ଉପସଭାପତି ସୁପ୍ରଭା ସ୍ୱାଇଁ, ସଦସ୍ୟା ଝରଣା ପାତ୍ର, ମୀନା ନାଏକ, ସୀମା ରାଣୀ ସାହୁ, ପ୍ରଭାସିନୀ ସାହୁ, ବିଜୟଲକ୍ଷ୍ମୀ ଜେନା, ଲକ୍ଷ୍ମୀକାନ୍ତ ଜେନା, ଦିଲାବର ହୁସେନ୍, ବିରଞ୍ଚି ନାଏକ, ସମର ଶିକ୍ଷାର୍ଥୀ ନୌବାହିନୀ ପ୍ରାକ୍ତନ ଚିଫ୍ ଅଫିସର ଧ୍ୟାନଚାନ୍ଦ ମିଶ୍ର, ବରିଷ୍ଠ ହିନ୍ଦୀ ଶିକ୍ଷକ ତଥା ପ୍ରାକ୍ତନ ସମର ଶିକ୍ଷାର୍ଥୀ ସ୍ଥଳବାହିନୀ ଅଫିସର୍ ଆଜିର ବିଚାରକ କିଶୋର ଚନ୍ଦ୍ର ସାମଲ, ସଂସ୍କୃତ ଶିକ୍ଷୟିତ୍ରୀ ଡ଼ଃ ଅନୁପମା ମିଶ୍ର, କାର୍ଯ୍ୟକ୍ରମର ଅନ୍ୟତମ ଯୁଗ୍ମ ସଂଯୋଜକ ସଂସ୍କୃତ ଶିକ୍ଷକ ତଥା ସମର ଶିକ୍ଷାର୍ଥୀ ସ୍ଥଳବାହିନୀ ବାଳକ ବିଭାଗ ଦାୟିତ୍ୱରେ ଥିବା କେୟାର ଟେକର ଅଫିସର୍ ଦିପ୍ତିଶ କୁମାର ଶତପଥୀ, କାର୍ଯ୍ୟକ୍ରମର ଅନ୍ୟତମ ଯୁଗ୍ମ ସଂଯୋଜିକା ସମର ଶିକ୍ଷାର୍ଥୀ ସ୍ଥଳ ବାଳିକା ବାହିନୀ ଥାର୍ଡ ଅଫିସର ଅନୁପମା ପଣ୍ଡା, କାର୍ଯ୍ୟକ୍ରମର ଅନ୍ୟତମ ଯୁଗ୍ମ ସଂଯୋଜିକା ସମର ଶିକ୍ଷାର୍ଥୀ ନୌବାହିନୀ ବାଳକ ଓ ବାଳିକା ବିଭାଗ ଦାୟିତ୍ୱରେ ଥିବା କେୟାର ଟେକର ଅଫିସର୍ କିରଣମୟୀ ମହାଳିକ, ସୁନିତାବାଳା ଷଡ଼ଙ୍ଗୀ, ସ୍ୱାଗତିକା ରଥ, ସୁଜାତା ପଣ୍ଡା, ସୁଚିତ୍ରା ସାହୁ, କଲ୍ୟାଣୀ ବଡ଼ଜେନା, କିରଣ କଣ୍ଟା, ଭୂପେନ୍ଦ୍ର ସିଂ ମାଝୀ, ଶୁଭଶ୍ରୀ ମିଶ୍ର, ସିଭିଲିଆନ ବାଳକ ଓ ବ୍ୟାଣ୍ଡ ଦଳ ଦାୟିତ୍ୱରେ ଥିବା କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ମିତିସୁଧା ଜେନା, ଡେପୁଟେସନରେ କାର୍ଯ୍ୟରତା ଶିକ୍ଷୟିତ୍ରୀ ସୁନିତା ନାଥ, ଗାଇଡ଼ ଶିକ୍ଷୟିତ୍ରୀ କ୍ଷୀରାବଧିତନୟା ମହାପାତ୍ର, ଏଲିମେଣ୍ଟାରୀ ଶିକ୍ଷୟିତ୍ରୀ ସ୍ମିତା ପଟ୍ଟନାୟକ, ଅନିତା ସାହୁ, ସୁଜିତ କୁମାର ବାରା, ଏକମାତ୍ର ବରିଷ୍ଠ କାର୍ଯ୍ୟାଳୟ ସହକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ବାସୁଦେବ ରଣା, ମମତା ବେହେରା, ରୁଦ୍ରାକ୍ଷ ଗଡ଼ନାୟକ, ସନ୍ତୋଷ ଜେନା, ନରହରି ଗୋଛାୟତ ପ୍ରମୁଖ ଶିକ୍ଷକ ଓ କର୍ମଚାରୀ ବୃନ୍ଦଙ୍କ ଯୋଗଦାନ ଓ ମିଳିତ ମାର୍ଗଦର୍ଶନରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ମାର୍ଗଦର୍ଶନରେ ଦାୟିତ୍ୱରେ ଥିବା ବରିଷ୍ଠ ଶିକ୍ଷକ, ବରିଷ୍ଠ ସମର ଶିକ୍ଷାର୍ଥୀ ଆକାଶ ବାହିନୀ ଚିଫ୍ ଅଫିସର୍ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଢେଙ୍କାନାଳ ଜିଲ୍ଲା ସଂଯୋଜକ ଡା.ଦେବୀ ପ୍ରସାଦ ମିଶ୍ର ବିପର୍ଯ୍ୟୟ ପରିଚାଳନା ତାଲିମ୍ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସମସ୍ତେ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ନିର୍ବାହ କରିବାକୁ ଦୃଢ଼ ଆହ୍ୱାନ ଜଣାଇଥିଲେ। ପରେପରେ ବିଦ୍ୟାଳୟର ସାଂସ୍କୃତିକ ବିଭାଗ ଦାୟିତ୍ୱରେ ଥିବା ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର ସୁଲଳିତ କଣ୍ଠରେ ସୁମଧୁର ଶାନ୍ତିପାଠ କରିଥିଲେ। ବରିଷ୍ଠ ସମର ଶିକ୍ଷାର୍ଥୀ ଆକାଶ ବାହିନୀ ଚିଫ ଅଫିସର ଡା.ଦେବୀ ପ୍ରସାଦ ମିଶ୍ର ଏହି ଅବସରରେ ସ୍ୱାଗତଭାଷଣ, ଅତିଥି ପରିଚୟ ପ୍ରଦାନ, ଉତ୍ସବର ସଭା ପରିଚାଳନା କରିବା ସଙ୍ଗେ ସଙ୍ଗେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବନାଗ୍ନି ପ୍ରତିରୋଧ ସଚେତନତା ଅଭିଯାନ

**ମହାବିରୋଡ଼, ୧୧ା୧(ସମିସ) :** ଢେଙ୍କାନାଳ ବନଖଣ୍ଡ ଅଧୀନ ମହାବିରୋଡ଼ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ସରକାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଜଙ୍ଗଲ ନିଆଁ ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ ମହାବିରୋଡ଼ ବନାଞ୍ଚଳ ଅଧିକାରୀ ହରେଶ ଚନ୍ଦ୍ର କିସାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଅତିରିକ୍ତ ବନଖଣ୍ଡ ଅଧିକାରୀ କୁଞ୍ଜବିହାରୀ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ମହାବିରୋଡ଼ ଥାନା ଏଇସାଇ ଶେଷଦେବ ଲେଙ୍କା, ଧରଣୀଧର ନାଥ, ପରଜଙ୍ଗ



ଅଗ୍ନିଶମ ବାହିନୀ ଅଧିକାରୀ ଦେବେନ୍ଦ୍ର ସିଂହ, ବନ୍ୟ ପ୍ରାଣୀ ସଚେତକ ଅରବିନ୍ଦ ମାଝୀ, ପଙ୍ଗାତିରା ସରପଞ୍ଚ କରୁଣାକର ସାହୁ ଯୋଗ ଦେଇଥିଲେ। ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିରୋଡ଼ ବନ କର୍ମଚାରୀ, ଗଜସାଥୀ, ବନ ସୁରକ୍ଷା ସମିତିର କର୍ମକର୍ତ୍ତା ସହଯୋଗ କରିଥିଲେ।

# କାଶୀପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଗଁଦିଆ, ୧୧ା୧ (ସମିସ) :** ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଗଁଦିଆ ବ୍ଲକ ଅନ୍ତର୍ଗତ କାଶୀପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଲେଖ ଚରଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଶିକ୍ଷାବିତ୍ ଅନନ୍ତ ଚରଣ ଶତପଥୀଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଁଦିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖଣ୍ଡବନ୍ଧର ଅତିଥି ଶିକ୍ଷକ ହରିହର ସାହୁ, ସମ୍ମାନିତ ଅତିଥି ଭାବେ ଗଁଦିଆ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ସ୍ୱାଇଁ, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ସଂଗ୍ରାମ କିଶୋର ଶତପଥୀ, ଶିକ୍ଷାବିତ୍ ସଞ୍ଜୟ କୁମାର ସାମନ୍ତ, ବୀରକିଶୋର ନାୟକ, ଅକ୍ଷୟ କୁମାର ମିଶ୍ର, ପ୍ରତାପ ଚନ୍ଦ୍ର ବାରିକ, ବୀରେନ୍ଦ୍ର କୁମାର ସାମନ୍ତ, ନନ୍ଦ କିଶୋର ବେହେରା, ଯୁଗଳ କିଶୋର ଦାଶ, ପ୍ରାକ୍ତନ ପରିଚାଳନା ପରିଷଦ ସଭାପତି ବାସୁଦେବ ଶତପଥୀ, ପରିଚାଳନା ପରିଷଦ ସଭାପତି ମଳୟ କୁମାର ମଲ୍ଲିକ, ଉପସ୍ଥିତ ହୋଇ ଉଦ୍‌ବୋଧନ ଦେଇଥିଲେ। ସମାଜସେବୀ ସ୍ମୃତିରଞ୍ଜନ ଦାସ ପିଲାମାନଙ୍କ ପାଇଁ କିଛି ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଶ୍ରୀନିବାସ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ରାଣୀ ମିଶ୍ର, କଳ୍ପନା ଶତପଥୀ, ଜାନକୀ ମୁଣ୍ଡା, ଶିକ୍ଷକ ପ୍ରଫୁଲ୍ଲ କୁମାର ପରିଡ଼ା। ପରିଚାଳନା ପରିଷଦ ସଦସ୍ୟ ବିଭୁତି ଭୂଷଣ ଶତପଥୀ, ଦିବାକର ତରାଇ ଅର୍ଚ୍ଚନା ଶତପଥୀ, ଅଞ୍ଜଳି ତରାଇ, ଖୁଲଣା ବେହେରା, ପ୍ରାଣକୃଷ୍ଣ ତରାଇ, ସରବିନ୍ଦ ସାହୁ। ବରିଷ୍ଠ ବିଭାଗରେ ଗୌରାଙ୍ଗ ଗଇପଇ, ଦୀପା ମୁଣ୍ଡା, କନିଷ୍ଠ ବିଭାଗରେ ସାବିତ୍ରୀ ମୁଣ୍ଡା, ଶଙ୍କର ମୁଣ୍ଡା, ଉପକନିଷ୍ଠ ବିଭାଗରେ ସନାତନ ତିରିଆ ଚାମ୍ପିଅନ ହୋଇ କପ୍ ଓ ସିଲ୍ ଗ୍ରହଣ କରିଥିଲେ। ୧୫୦ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ଦିଆଯାଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ଗଁଦିଆ, ୧୧ା୧(ସମିସ):** ଗଁଦିଆ ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୦ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଢେଙ୍କାନାଳ ସାଂସଦ ମହେଶ ସାହୁ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅନନ୍ତ ଚରଣ ଶତପଥୀ ପ୍ରମୁଖ ଯୋଗଦାନ କରିଥିଲେ। ସଭା ଆରମ୍ଭରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଛାୟାକାନ୍ତ ସାହୁ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ଏହାପରେ ବିଦ୍ୟାଳୟର ପ୍ରଧାନ



ଆଚାର୍ଯ୍ୟ ଶ୍ରୀବତ୍ସ କୁମାର ରାଉତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତା ସହମନ୍ତ୍ରୀ ବିଦ୍ୟଭାରତି ପୂର୍ବ କ୍ଷେତ୍ର, ଓଡ଼ିଶା ହେମନ୍ତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅନନ୍ତ ଚରଣ ଶତପଥୀ ନିଜର ଅଭିଭାଷଣରେ ଉପସ୍ଥିତ ଅତିଥି ଓ ଅଭିଭାବକଙ୍କୁ ବିଦ୍ୟାଳୟ ତରଫରୁ ସ୍ୱାଗତ ଜଣାଇଥିଲେ। ବିଦ୍ୟାଳୟର ଉପସଭାପତି କେଶବ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଉକ୍ତବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଗୁରୁଜୀ ଶାନ୍ତନୁ କୁମାର ନାୟକ, ଅଭୟ ନାୟକ ଏବଂ ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥଲେ।

## ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ କଙ୍କଡ଼ାହାଡ଼ ବ୍ଲକ୍ ଗସ୍ତ

**କାମାକ୍ଷାନଗର, ୧୧ା୧ (ସମିସ) :** ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷଙ୍କ ନିର୍ଦ୍ଦେଶ କ୍ରେମ କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ



ଅଙ୍ଗନବାଡ଼ି କେନ୍ଦ୍ର ଅଚାନକ ପରିଦର୍ଶନ କରିଛନ୍ତି ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ ବେହେରା। କଙ୍କଡ଼ାହାଡ଼ ବ୍ଲକର ଗୋଲାଗାଡ଼ିଆ, ମହାବେରୋଡ଼, ଧୂବୁଲିପଥରରେ ଥିବା ଅଙ୍ଗନବାଡ଼ି ଓ ବିଦ୍ୟାଳୟ ବୁଲିବା ସହ କୁଟୁରିଆ ଗ୍ରାମରେ ଥିବା ଖାଉଟି ଯୋଗାଣ କେନ୍ଦ୍ର ବୁଲି ଦେଖିଥିଲେ। ସରକାରଙ୍କ ନିୟମ ଠିକ୍ ଭାବେ ପାଳନ କରାଯାଉଛି କି ନାହିଁ ତାହା ଜାଣିବା ପାଇଁ ଏହିପରି ଅଚାନକ ପରିଦଶର୍ନ ଆଗକୁ ରହିବ ବୋଲି ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ କହିଛନ୍ତି।

## ଏସ୍‌ଡିଏସ୍ କ୍ଲବ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ମହାବିରୋଡ଼, ୧୧ା୧ (ସମିସ) :** କଙ୍କଡାହାଡ଼ ବ୍ଲକ କେରଜୁଳି ପଞ୍ଚାୟତ ଅନ୍ତର୍ଗତ କଲଦା ଗ୍ରାମ ଖେଳ ପଡ଼ିଆଠାରେ ଏସଡିଏସ୍ ଫୁଟବଲ କ୍ଲବ୍ ଆନୁକୂଲ୍ୟରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଆଜିର ଉଦଘାଟନୀ ଖେଳ କଲଦା ଓ ପାଟବେଡ଼ା ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଆଜିର ଖେଳରେ କଲଦା ୧- ୦ ଗୋଲରେ ବିଜୟୀ ହୋଇଛି। ଖେଳ ପରିଚାଳନା କରୁଥିଲେ କାଳନ୍ଦୀ ମହାନ୍ତ। କ୍ଲବର ସଭାପତି ନରୋତ୍ତମ ମହାନ୍ତ, ସମ୍ପାଦକ ସୁଶୀଲ ପଟ୍ଟନାୟକ, କ୍ଲବ ମ୍ୟାନେଜର ରାମଦାସ ମାରାଣ୍ଡୀ, ବ୍ଲକ ମ୍ୟାନେଜର ସ୍ୱପ୍ନାନନ୍ଦ ମହାନ୍ତ ସହିତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

● ୧୯୯୧ ମାଟ୍ରିକ୍ ବ୍ୟାଚର ନୂତନ କର୍ମକର୍ତ୍ତା

## ସନ୍ତୋଷ ସଭାପତି, ସୁଶାନ୍ତ ସମ୍ପାଦକ

**ଭୁବନ, ୧୧ା୧(ସମିସ):** ଭୁବନ ଉଚ୍ଚ ବିଦ୍ୟାଳୟ ୧୯୯୧ ମସିହା ମାଟ୍ରିକ୍ ବ୍ୟାଚର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏହି ବ୍ୟାଚର ସାଥୀ ତଥା ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଆହ୍ୱାନ କ୍ରମେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସର୍ବସମ୍ମତ କ୍ରମେ ସନ୍ତୋଷ କୁମାର ସାହୁ ସଭାପତି, ସୁଶାନ୍ତ କୁମାର ପୋଥାଳ ସମ୍ପାଦକ, ଦେବେନ୍ଦ୍ର ସାହୁ କୋଷାଧ୍ୟକ୍ଷ, ମନୋଜ କୁମାର ପୋଥାଳ ଉପସଭାପତି, ଶୁଭକାନ୍ତ ବର୍ଦ୍ଧନ ସହସମ୍ପାଦକ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଭାବେ କୃପାସିନ୍ଧୁ ବେହେରା, କ୍ଷୀରୋଦ କୁମାର ପୃଷ୍ଟି, ସମୀର କୁମାର ସାହୁ, ଦିଲ୍ଲୀପ ରାଉତ, ରବି ନାରାୟଣ ବେହେରା, ମନ ମୋହନ ସେନ, ଚୁନାକର ସାହୁ, ଗୌତମ ପଟ୍ଟନାୟକ,ପବିତ୍ର ସାହୁ , ଦୟାନିଧି ବେହେରା ଙ୍କୁ ଚୟନ କରାଯାଇଥିଲା । ଆସନ୍ତା ୨୧ ତାରିଖ ରବିବାର ଦିନ ଭୁବନ ର ଆରାଧ ଦେବତା ବାବା ବୁଦ୍ଧେଶ୍ୱରଙ୍କ ପୀଠରେ ସପରିବାର ବନ୍ଧୁମିଳନ କାର୍ଯ୍ୟକ୍ରମ ଏବଂ ମାର୍ବଲ ସ୍ଥାପନ କରାଯିବ ବୋଲି ସୂଚନା ଦିଆଯାଇଥିଲା ।

# ଦୃଷ୍ଟିହୀନ ଓ ବଧିର ଛାତ୍ରଛାତ୍ରୀଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ମହାପ୍ରସାଦ ସେବନ

**ଢେଙ୍କାନାଳ, ୧୧ା୧(ସମିସ)**

ଢେଙ୍କାନାଳ ସହରର ୯ନଂ ୱାର୍ଡରେ ଥିବା ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀଗଣ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ଏକାଠି ବସି ପୁରୀ ଶ୍ରୀମହାପ୍ରସାଦ ସେବନ କରି ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ। ପୁରୀ ବାସିନ୍ଦା ତଥା ଢେଙ୍କାନାଳ ଏସ୍ପି. ଜ୍ଞାନରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୀରୁ ଗତ ୯ ତାରିଖ ଅପରାହ୍ନରେ ଶ୍ରୀମହାପ୍ରସାଦ ଢେଙ୍କାନାଳ ଅଣାଯାଇଥିଲା। ଏଥିରେ ଆନନ୍ଦିତ ଦୃଷ୍ଟିହୀନ ଛାତ୍ରଛାତ୍ରୀ ଦୃଷ୍ଟିହୀନ ଗୁରୁ ରତ୍ନାକର ପ୍ରଧାନଙ୍କ ନିର୍ଦ୍ଦେଶନା ଓ ହାରମୋନିୟମ୍ ସଙ୍ଗତରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ ଗାନ କରିଥିଲେ। ରାତ୍ର ୮ ଘଟିକାରେ ପ୍ରସାଦସେବନ ପର୍ବ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନ ରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଓ ଲଳିତ ମୋହନ ବେହେରା, ଅତିରିକ୍ତ ଏସ୍.ପି. ଭବାନୀ ଶଙ୍କର ଉଦ୍ଗାତା ଓ



ସୂର୍ଯ୍ୟମଣି ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦିଲ୍ଲୀପ କୁମାର ବିଶ୍ୱାଳ, ଡି.ଏଫ୍.ଓ. ସୁମିତ୍ କର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ସଦର ଏସ୍.ଡି.ପି.ଓ ବିଭୁତି ଭୂଷଣ ମହାପାତ୍ର ଓ ଟ୍ରାଫିକ୍ ଡି.ଏସ୍.ପି. ସୁମନ୍ ରଞ୍ଜିତା ସିଂ, ଟାଉନ୍ ଥାନା ଇନିସ୍ପେକ୍ଟର ରାଜେନ୍ଦ୍ର କୁମାର ମହାପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ, ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ଓ ଟ୍ରାଫିକ୍ ସବ୍-ଇନିସ୍ପେକ୍ଟର ମାଧବ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଏହି ପ୍ରସାଦସେବନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ବିଶ୍ୱନାଥ ବେହେରା, ସହ-ସମ୍ପାଦକ ମଳୟ ପଟ୍ଟନାୟକ, କୋଷାଧକ୍ଷ ମଳୟ ପାଣିଗ୍ରାହୀ, ଉପସଭାନେତ୍ରୀ ପୂର୍ଣ୍ଣିମା ଚାନ୍ଦ ସାହୁ, ସଭ୍ୟ ପ୍ରଦୀପ କୁମାର ଧଳ, ପଦ୍ମଲୋଚନ ମହାପାତ୍ର ଓ ଶରତ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀବୃନ୍ଦ ଏଥିରେ ସହଯୋଗ କରିଥିଲେ। ଏହି ମହାପ୍ରସାଦ ସେବନ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥଙ୍କ ପହିଲି ଭୋଗ ପାଇଁ ପ୍ରସ୍ତୁତ ମୂଳା ରାଇତା ସହ ଅନ୍ନ, ଡାଲି, ଖିରୁଡି, ମିଠା ଖିରୁଡି, ରସଗୋଲା କ୍ଷୀରି, ଛେନାବଡି ତରକାରୀ, ମହୁର ଓ ରାଇତା ଆଦି ୧୦ ପ୍ରକାରର ଅନ୍ନ ବ୍ୟଞ୍ଜନ କଦଳୀ ପତ୍ରରେ ବଢ଼ାଯାଇଥିଲା। ଏ ପ୍ରକାର ଏକ କାର୍ଯ୍ୟକ୍ରମ ବିଦ୍ୟାଳୟ ଇତିହାସରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିଲା।

# ଶିକ୍ଷା ସଚେତନତା ରଥର ଶୁଭାରମ୍ଭ



**ଢେଙ୍କାନାଳ, ୧୧ା୧ (ସମିସ) :** ଢେଙ୍କାନାଳ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଅଭିଭାବକ / ଅଭିଭାବିକାମାନଙ୍କୁ ପିଲାର ଶିକ୍ଷା ସମ୍ପର୍କିତ ସୂଚନା ଓ ସଚେତନତାର ବାର୍ତ୍ତା ଏହି ରଥ ଦ୍ୱାରା ପ୍ରଚାର ପ୍ରସାର କରାଯିବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

# ଶେଷ ଦିବସରେ ୪୨୯ ଯୋଗ୍ୟ ବିବେଚିତ

**କେନ୍ଦ୍ରାପଡ଼ା, ୧୧।୧(ସମିସ):** ଶେଷ ହୋଇଛି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା। ପଟ୍ଟାମୁଣ୍ଡାଇ ବ୍ଲକର ଏମ୍ଏନ୍ ହାଇସ୍କୁଲ ଖେଳପଡ଼ିଆଠାରେ ଦକ୍ଷତା ବିକାଶ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ଦ୍ୱିତୀୟ ତଥା ଅନ୍ତିମ ଦିବସ ଅନୁଷ୍ଠିତ ହୋଇଯାଇଛି। ରାଜନଗରର ବିଧାୟକ ଧ୍ରୁବଚରଣ ସାହୁ ଆଜିର ମେଳାକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଆଶାୟୀ ଯୁବକ ଯୁବତୀଙ୍କ ପାଇଁ ଏହି ମେଳା ଆଶୀର୍ବାଦ ସାଜିଛି ବୋଲି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର କହିଥିଲେ।



ନିଯୁକ୍ତି ମେଳାର ଆଭିମୁଖ୍ୟ ସମ୍ପର୍କରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଘନଶ୍ୟାମ ସା ସମସ୍ତ ସୂଚନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଏହି ମେଳାରେ ୪୦ ଗୋଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ। ୯୭୯ ଜଣ ଆଶାୟୀ ଯୁବକ ଓ ଯୁବତୀ ନିଯୁକ୍ତି ପାଇଁ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୪୨୯ ଜଣଙ୍କୁ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗ୍ୟଭାବେ ଚୟନ କରିଛନ୍ତି। ଏହି ମେଳାରେ ପଟ୍ଟାମୁଣ୍ଡାଇ ବ୍ଲକ ଚେୟାରମ୍ୟାନ୍ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଅତ୍ୟାଧୁନିକ ଶୌଚାଳୟ ଓ ସୋଲାର ଷ୍ଟ୍ରିଟ୍‌ଲାଇଟ୍ ଉଦ୍‌ଘାଟିତ




**ପାରାଦୀପ, ୧୧।୧(ସମିସ):** ପାରାଦୀପ ଗଡ଼ରେ ଅବସ୍ଥିତ ଶ୍ରୀ ମା ସରକାରୀ ଉଚ୍ଚ ବିଦ୍ୟାଳୟ ଶୌଚାଳୟ ଭଗ୍ନ ଅବସ୍ଥାରେ ଥିବାରୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତ କୁମାର ସେନାପତି ଏହାର ନିର୍ମାଣ ପାଇଁ ସରପଞ୍ଚ ସସ୍ମିତା ବେହେରାଙ୍କୁ ଅନୁରୋଧ କରିଥିଲେ। ମାତ୍ର ପଞ୍ଚାୟତରେ ଯଥେଷ୍ଟ ପରିମାଣରେ ଆର୍ଥିକ ସମ୍ବଳ ନଥିବାରୁ ଶ୍ରୀମତୀ ବେହେରା ଇଣ୍ଡିଆନ ଅଏଲ ଆଦାନୀ ଭେଞ୍ଚର ଲିମିଟେଡ, ପାରାଦୀପ ଟର୍ମିନାଲକୁ ଅନୁରୋଧ କରିଥିଲେ। ସରପଞ୍ଚଙ୍କ ଅନୁରୋଧ ରକ୍ଷା କରି କମ୍ପାନୀ ବିଦ୍ୟାଳୟରେ ଦୁଇଟି ଅତ୍ୟାଧୁନିକ ଶୌଚାଳୟ ନିର୍ମାଣ କରିଥିଲେ। ଏଥିସହ ପଞ୍ଚାୟତର ବିଭିନ୍ନ ଗ୍ରାମରେ ୮୦ ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରିଛନ୍ତି। ଏଥିପାଇଁ କମ୍ପାନୀ ତରଫରୁ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। ଆସନ୍ତା ବର୍ଷ ରେ କମ୍ପାନୀ ତରଫରୁ ଉକ୍ତ ବିଦ୍ୟାଳୟ ରେ ସ୍କୁଲ ଗୃହ ଓ ସୂଚନା କେନ୍ଦ୍ର ନିର୍ମାଣ କରାଯିବ ବୋଲି କମ୍ପାନୀ ସିଇଓ ଓ ନିର୍ଦ୍ଦେଶକ ରେଜିଥ ଭାସ୍କର ପ୍ରକାଶ କରିଛନ୍ତି। ଆଜି ପୂର୍ବାହ୍ନ ରେ କମ୍ପାନୀ ତରଫରୁ ଶ୍ରୀ ମା ବିଦ୍ୟାଳୟ ପରିସର ରେ ନିର୍ମାଣ ହୋଇଥିବା ଦୁଇଗୋଟି ଅତ୍ୟାଧୁନିକ ଶୌଚାଳୟ ଓ ସୋଲାର ଷ୍ଟ୍ରିଟ୍ ଲାଇଟକୁ ଉଦ୍‌ଘାଟନ କରିଥିଲେ ସରପଞ୍ଚ ଶ୍ରୀମତି ବେହେରା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ସଭାପତିତ୍ୱ କରିଥିବା ବେଳେ କମ୍ପାନୀ ମାନବ ସମ୍ବଳ ମୁଖ୍ୟ ସତ୍ୟ ରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଟର୍ମିନାଲ ଇନ୍‌ଚାର୍ଜ ଏନ. ଭି. ସୁବ୍ରମନ୍ୟମ୍, ଅପରେସନ ଇନ୍‌ଚାର୍ଜ ମୟାଙ୍କ ଗୁପ୍ତା, ମେଣ୍ଟେନାନ୍ସ ଇନ୍‌ଚାର୍ଜ ବ୍ରିଜ ଭୂଦାନ ଦ୍ୱିବେଦୀ, ଅପରେସନ ମ୍ୟାନେଜର ଶ୍ରୀ ଅନିତ୍ କୁମାର, ଅଫ ଆଣ୍ଡ ଏ ହେଡ ଅଜିତ କୁମାର ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା କୁମାର ସେନାପତି, ସଞ୍ଜୟ କୁମାର ବେହେରା, ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ମୁକ୍ତା ଯୋଜନାର ଟ୍ରେନରଙ୍କୁ ପ୍ରଶିକ୍ଷଣ



**ପାରାଦୀପ, ୧୧।୧(ସମିସ):** ପାରାଦୀପ ପୌର ପାଳିକା ପକ୍ଷରୁ ପୌର ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀଙ୍କ କର୍ମତତ୍ପର ଅଭିଯାନ(ମୁକ୍ତା) ଯୋଜନାରେ ମାଷ୍ଟର ଟ୍ରେନରମାନଙ୍କର ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅଭିଜାନ ଉଦଘାଟିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରକୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ଓ ବସ୍ତିବାସିନ୍ଦା ସଂଘର ସଦସ୍ୟମାନଙ୍କୁ ସଶକ୍ତ କରିବା ଲାଗି ମାଷ୍ଟର ଟ୍ରେନର ମାନଙ୍କର ଏହି ପ୍ରଶିକ୍ଷଣ ଅତ୍ୟନ୍ତ ଜରୁରୀ ବୋଲି ସେ ତାଙ୍କର ଅଭିଭାଷଣରେ କହିଥିଲେ। ପ୍ରଥମ ଦିନରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡେଇ ଓ ପାରାଦୀପର ସ୍ୱୟଂ ସହାୟକ ଗୋଷ୍ଠୀର ମୋଟ ୩୦ଜଣ ମାଷ୍ଟର ଟ୍ରେନରଙ୍କୁ ତାଲିମ୍ ପ୍ରଦାନ କରାଯାଉଅଛି। ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (ସୁଡା) ଓ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା) ସହାୟତାରେ ଏହି ତାଲିମି ଶିବିର ଆୟୋଜନ କରାଯାଉଅଛି। କାର୍ଯ୍ୟକ୍ରମରେ ହେମନ୍ତ କୁମାର ସ୍ୱାଇଁ, ପ୍ରକଳ୍ପ ନିର୍ଦ୍ଦେଶକ ଜଗତସିଂହପୁର, ଡାଃ ପ୍ରଦୀପ କୁମାର ସାହା, ନିର୍ବାହୀ ଅଧିକାରୀ, ଭାସ୍କର ପ୍ରସାଦ ଶତପଥ, ପୌର ଯନ୍ତ୍ରୀ ଉପସ୍ଥିତ ଥିଲେ। ମନମୋହନ ମହାରଣା, ଷ୍ଟେଟ୍ ମିଶନ ମ୍ୟାନେଜର, ସୁଡା, ଲଳିତେନ୍ଦ୍ର ନାୟକ, କନିଷ୍ଠ ଯନ୍ତ୍ରୀ, ସୁଲୋକ୍ୟ ନାଥ ମିଶ୍ର, ସିଟି ମିଶନ ମ୍ୟାନେଜର, ଦୀପିକା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ସିଡିପିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ତିର୍ତ୍ତୋଲ, ୧୧।୧(ସମିସ):** ତିର୍ତ୍ତୋଲ ବ୍ଲକ ସିଡିପିଓ ଦୀପ୍ତିମୟୀ ପାତ୍ରଙ୍କ ଅନ୍ୟତ୍ର ବଦଳି ହେବା ପରେ ତାଙ୍କୁ ତିର୍ତ୍ତୋଲ ବ୍ଲକ ଅଙ୍ଗନବାଡି କର୍ମୀ ଓ ସହାୟିକା ବୃନ୍ଦ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଅଙ୍ଗନବାଡି କର୍ମୀ ସଂଘ ଜିଲା ସଭାନେତ୍ରୀ କବିତା ସେଠୀ, ବ୍ଲକ ସଭାନେତ୍ରୀ ନୀଳୀମା ସାହୁ, ସମ୍ପାଦିକା ସ୍ୱର୍ଣ୍ଣଲତା ଦାସ, ପ୍ରାକ୍ତନ ଅଙ୍ଗନୱାଡି କର୍ମୀ ଶ୍ରଦ୍ଧାଞ୍ଜଳୀ ଦାସ, ସେକ୍ଟରସ୍ତରୀୟ ନେତ୍ରୀ ଶାନ୍ତିଲତା ଦାସ, ମନୋରମା ସାହୁ, ସସ୍ମିତା ସ୍ୱାଇଁ, ସୁପ୍ରଭା ଲେଙ୍କା, ରସାଙ୍ଗିନୀ ନାୟକ, ନିରୁପମା ମିଶ୍ର, ମାଳବିକା ବେହେରା, ତ୍ରେଲୋକ୍ୟ ମଲ୍ଲ, ସହାୟିକା ସରୋଜିନୀ ପରିଡ଼ା, ସିଡିପିଓ କାର୍ଯ୍ୟାଳୟର କ୍ରୀଷ୍ଣା ରାୟ, ସ୍ମୃତିସୁଧା, ଶୋଭାରାଣୀ ମହାନ୍ତି, ପ୍ରମୁଖ ସିଡିପିଓଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

**ତିର୍ତ୍ତୋଲ, ୧୧।୧(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ସାଗବାରିଆସ୍ଥିତ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ୧୬ତମ ବାର୍ଷିକୋତ୍ସବ ସ୍ଥାନୀୟ ଉତ୍କଳ ବିପନ୍ନ ସମିତି ଗୃହରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବର୍ଷିୟାନ ପାଲା ଗାୟକ ଶେଖର ଜଗନ୍ନାଥ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ସଂସଦର ଉପସଭାପତି ହେମନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ଆସରରେ ମୁଖ୍ୟ ଅତିଥି ପୂର୍ବତନ ସାଂସଦ ତଥା ବିଶିଷ୍ଟ ସାହିତ୍ୟିକ ପ୍ରସନ୍ନ ପାଟଶାଣୀ ଯୋଗଦେଇ ଓଡ଼ିଶା ଭାଷା ସାହିତ୍ୟର ସୁରକ୍ଷା ଓ ପ୍ରସାର ଆଲୋକପାତ କରି ଭାଷା ବଞ୍ଚିଲେ ଦେଶ ବଞ୍ଚିବ ବୋଲ କହିଥିଲେ। ମୁଖ୍ୟବକ୍ତା ସାହିତ୍ୟକ ତଥା ସୁନାମଧନ୍ୟ ଚିକିତ୍ସକ ଡା.ଆଲୋକ କୁମାର ସାହୁ, ସମ୍ମାନିତ ଅତିଥି ସଂସଦର ମୁଖ୍ୟ ସମ୍ପାଦକ ଗୋଲୋକ ବିହାରୀ ପଲାଇ, ଶିକ୍ଷାବିତ ସୁବାଷ ଚନ୍ଦ୍ର ରାଉତ, ସାହିତ୍ୟଜ ଓ ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ସାହିତ୍ୟକ ଡ. ଜ୍ଞାନରଞ୍ଜନ ନନ୍ଦ, କବୟିତ୍ରୀ ସୌଭାଗିନୀ ରାୟ, ବରଗଡ଼ ଧନୁଯାତ୍ରା କମିଟି ସଭାପତି ଦୟାନିଧି ପ୍ରଧାନ, ଚିନ୍ତାମଣୀ ଚୌହାନ, ଇସ୍ରୋର ବିଶିଷ୍ଟ ବୈଜ୍ଞାନିକ କାର୍ତ୍ତିକଚନ୍ଦ୍ର ସ୍ୱାଇଁ,



ସୁସାହିତ୍ୟକା ଜ୍ୟୋତ୍ସ୍ନା ସାମନ୍ତରାୟ, ସାହିତ୍ୟକ କୃଷ୍ଣଚନ୍ଦ୍ର ମହାପାତ୍ର, ମହେଶ୍ୱର ସ୍ୱାଇଁ, ଜ୍ୟୋର୍ତିବିଦ ଅରୁଣ କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ସଂସଦର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂସଦର ଶ୍ରେଷ୍ଠ ସମ୍ମାନ 'ସୁଶ୍ରୀ ସମ୍ମାନ' ବାଙ୍ଗାଲୋର ସାହିତ୍ୟ ସମାଜର ସଭାପତି ତାପସରାଜ ମହାରଣାଙ୍କୁ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ବରଗଡ଼ ଧନୁଯାତ୍ରା କଳାକାରଙ୍କ କଂସ ଦରବାର ଅନୁଷ୍ଠିତ ହୋଇଥିଲା।

## ଫେକ୍ ଆକାଉଣ୍ଟରେ ମହିଳାଙ୍କ ଅଶ୍ଳୀଳ ଭିଡିଓ

**କେନ୍ଦ୍ରାପଡ଼ା, ୧୧।୧(ସମିସ):** ମହିଳାଙ୍କ ଫେସବୁକ ଆକାଉଣ୍ଟକୁ ହ୍ୟାକ କରି କେହି ଦୁର୍ବୃତ ଅଶ୍ଳୀଳ ଭିଡ଼ିଓ ଆଉ ଫଟୋ ଭାଇରାଲ କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଗୁହାଳସିଂ ପଞ୍ଚାୟତର ଛାଞ୍ଚୁଣିଆ ଅଞ୍ଚଳର ଜଣେ ମହିଳାଙ୍କ ଫେସବୁକ୍ ଆକାଉଣ୍ଟକୁ ପ୍ରଥମେ କେହି ଦୁର୍ବୃତ ହ୍ୟାକ କରିଥିଲା। ଏହାର କିଛିଦିନ ପରେ ସେହି ମହିଳାଙ୍କ ଆକାଉଣ୍ଟରେ ତାଙ୍କରି ଅଶ୍ଳୀଳ ଭିଡ଼ିଓ ଆଉ ଫଟୋ ଭାଇରଲ କରିଥିବା ଅଭିଯୋଗ ହୋଇଛି। ଏନେଇ ତାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ୨ ମହଲାରୁ ପଡ଼ି ଶ୍ରମିକ ଗୁରୁତର

**ରଘୁନାଥପୁର, ୧୧।୧(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ କୋରକୋରା ଗ୍ରାମରେ ଆଦର୍ଶ ବିଦ୍ୟାଳୟର ଗୃହ ଗ୍ରାମ ଚାଲିଥିବା ବେଳେ ୨ମହଲାରୁ କାର୍ଯ୍ୟରତ ଶ୍ରମିକ ଖସିପଡ଼ି ଗୁରୁତର ଅବସ୍ଥାରେ କଟକ ବଡମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ପଶ୍ଚିମବଙ୍ଗ ଅଞ୍ଚଳର ଶ୍ରମିକମାନେ କାର୍ଯ୍ୟ କରୁଥିଲାବେଳେ ଶ୍ରମିକ ହାଇଦର ଏସକେ (୨୨) ହଠାତ ବାଉଁଶ ସିଡିରୁ ଖସି ପଡ଼ିଥିଲେ। ଅନ୍ୟ ଶ୍ରମିକ ମାନେ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରିଛନ୍ତି। ଠିକାଦାର ରାଜ୍ୟବାହାରୁ ଅଣତାଲିମ ପ୍ରାପ୍ତ ଶ୍ରମିକମାନଙ୍କୁ ଆଣି କାମ କରାଇବା ଓ ସୁରକ୍ଷା ପ୍ରତି ଦୃଷ୍ଟି ନଦେବାରୁ ଏପରି ଅଘଟଣ ଘଟିଥିବା ଅଭିଯୋଗ ହେଉଛି।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ରଘୁନାଥପୁର, ୧୧।୧(ସମିସ):** ରଘୁନାଥପୁର ଥାନା ଅନ୍ତର୍ଗତ ବର୍ତ୍ତୀ ଛକ ନିକଟରେ ଗତକାଲି ବିଳମ୍ବିତ ଏକ ବାରଚକିଆ ଟ୍ରକ ଧକ୍କାରେ ବାଇକ ଚାଳକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଆଠଗଡ଼ ଥାନା ଅନ୍ତର୍ଗତ ଅମୃତମଣୋହୀ ପାଟଣା ଗ୍ରାମର ମଧୁସୂଦନ ମନ୍ତ୍ରୀଙ୍କ ଏକମାତ୍ର ପୁତ୍ର ମଳୟ କୁମାର ମନ୍ତ୍ରୀ (୧୯) ଏକ ବାଇକ୍‌ରେ ପାରାଦ୍ୱୀପ ଅଭିମୁଖେ ଯାଉଥିଲେ। ବର୍ତ୍ତୀ ହମ୍ପ୍‌ସ ନିକଟରେ ବାଇକ୍‌ରୁ ଖସି ପଡ଼ିବାରୁ ପଛରୁ ଆସୁଥିବା ୧୨ଚକିଆ ଟ୍ରକଟି ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ରଘୁନାଥପୁର ଥାନା ପୁଲିସ୍ ମଳୟଙ୍କୁ ରଘୁନାଥପୁର ମେଡିକାଲକୁ ଆଣିଥିଲେ। ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ଟ୍ରକର ଡ୍ରାଇଭର ଟାଙ୍ଗି ଥାନା ଅନ୍ତର୍ଗତ କନ୍ଦରାକଣ ଗ୍ରାମର ଦିବ୍ୟସିଂହ ବେହେରାଙ୍କ ପୁଅ ପ୍ରଦୀପ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଚୋରି

**କେନ୍ଦ୍ରାପଡ଼ା, ୧୧।୧(ସମିସ):** କେନ୍ଦ୍ରାପଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ ଏକ ଗ୍ରୋସରୀ ଦୋକାନରୁ ଟଙ୍କା ଆଉ ମୋବାଇଲ ଚୋରି ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା କପାଳେଶ୍ୱର ଜଜାଙ୍ଗ ଅଞ୍ଚଳର ସଂଗ୍ରାମ କେଶରୀ ରାଉତ ଏକ ଗ୍ରୋସରୀ ଦୋକାନ ରହିଛି। ଦିନ ୧୨ଟା ସମୟରେ ଦୋକାନ ଖୋଲି ନିକଟସ୍ଥ ଏକ ଟ୍ୟୁବଲରୁ ସଂଗ୍ରାମକେଶରୀ ପାଣି ଆଣିବାକୁ ଯାଇଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ ଦୋକାନ ଡ୍ରରୁ ନଗଦ ୮ ହଜାର ଏବଂ ଏକ ମୋବାଇଲ ନେଇଯାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## କୃତୀ ଛାତ୍ରୀଙ୍କୁ ବିଦ୍ୟାଳୟରେ ସମ୍ବର୍ଦ୍ଧନା

**କୁଜଙ୍ଗ, ୧୧।୧(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗରେଇ ପଞ୍ଚାୟତ ଅଧିନ ଶିରୋଳ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଭଦ୍ରା ଦାସ ସଦ୍ୟ ପ୍ରକାଶିତ ତୃତୀୟ ଶ୍ରେଣୀ ମେଧାବୃତ୍ତିରେ ସଫଳତା ଆଣିଥିବାରୁ ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ବାଳା ଦାସ, ପାର୍ଥସାରଥୀ ଚୌଧୁରୀ, ତ୍ରିବିକ୍ରମ ମହାନ୍ତି, ନମିତା ଦାସ, ମୋନାଲିଶା ପଣ୍ଡା, ଶୁଭଶ୍ରୀ ସାହୁ ଓ ରୀନାବାଳ ଦେଇ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ତିର୍ତ୍ତୋଲରେ ନାରୀଶକ୍ତି ସମ୍ବର୍ଦ୍ଧନା ସମାରୋହ



**ତିର୍ତ୍ତୋଲ, ୧୧।୧(ସମିସ):** ତିର୍ତ୍ତୋଲସ୍ଥିତ ଆନନ୍ଦ ମଣ୍ଡପ ପରିସରରେ ସାମାଜିକ ଅନୁଷ୍ଠାନ 'ମଦର' ତରଫରୁ ନାରୀଶକ୍ତି ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବିଶିଷ୍ଟ ସମାଜସେବୀ ତଥା ସୁଲେଖିକା ସସ୍ମିତା ଦାସ ଯୋଗଦେଇ ଆଜିର ନାରୀ ସମାଜ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରୁଛି। ଜଗତସିଂହପୁର ଜିଲା ବାଣୀ କ୍ଷେତ୍ର ବା ଜ୍ଞାନର କ୍ଷେତ୍ର। ଏହି ମାଟିରୁ ବହୁ ମହିୟସୀ ମହିଳା ସେମାନଙ୍କ ଜୀବନର ଜୟଯାତ୍ରା ଆରମ୍ଭ କରି ସମାଜକୁ ଦିଗଦର୍ଶନ ଦେଇଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି 'ମଦର' ନିର୍ଦ୍ଦେଶକ ସୁବାଷ ରଥ ସଙ୍ଗଠନ ତରଫରୁ କରାଯାଉଥିବା ଆର୍ଥିକ ସଚେନତତା ଓ ସାକ୍ଷରତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ସାମ୍ବାଦିକ ସୁରକ୍ଷା ସମତି ସଭାପତି ଶରତ ଦାଶ ଓ ଆଇନଜୀବୀ ଟୁକନ ଚରଣ ସେଠୀ ଯୋଗଦେଇ ଏଭଳି ପ୍ରୟାସ ନାରୀମାନଙ୍କୁ ଆଗକୁ ବଢ଼ିବା ଦିଗରେ ପ୍ରେରଣା ପ୍ରଦାନ କରିବ ବୋଲି କହିଥିଲେ। ଶେଷରେ ମୁଖ୍ୟ ଅତିଥି ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସମାଜସେବା କ୍ଷେତ୍ରରେ ପୁଷ୍ପା ରାଉତରାୟ, ଗୋଷ୍ଠିଗତ କାର୍ଯ୍ୟ ନିମନ୍ତେ ସନ୍ତୋଷିନୀ ଦାସ, ମମତା ମଞ୍ଜରୀ ପଟ୍ଟନାୟକ, ଅଙ୍ଗନବାଡି କର୍ମୀ ସସ୍ମିତା ସ୍ୱାଇଁ ଓ ଆଶାକର୍ମୀ ସଲିଳା ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମଦର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରମୋଦ ଦାସ, ଜିଲ୍ଲା ସଂଯୋଜକ ସ୍ମୃତିରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା

**ଜଗତସିଂହପୁର, ୧୧।୧(ସମିସ):** ଟାଇମ୍ସ ଗୁରୁକୁଳ ତରଡାପଡ଼ା ଠାରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଗୁରୁକୁଳର ଅଧ୍ୟକ୍ଷା ସୌଦାମିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରାଉତ ମୁଖ୍ୟ ଅତିଥି ଓ ଗୁରୁକୁଳର ନିର୍ଦ୍ଦେଶକ ରଶ୍ମି ରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ମୋଟ ୩୦ଟି ପ୍ରକଳ୍ପ ସ୍ଥାନୀତ ହୋଇଥିଲା। ଏହି ବିଜ୍ଞାନ ମେଳା କାର୍ଯ୍ୟକ୍ରମରେ ଗୁରୁକୁଳର ଶିକ୍ଷକ ଶିକ୍ଷୟିତ୍ରୀ ସୁଶ୍ରୀ ଅଞ୍ଜୁସା, ପ୍ରତୀକ ରଞ୍ଜନ ଜେନା, ଲକ୍ଷ୍ମୀ ପ୍ରିୟା ଗୋଛାୟତ, ପୂଜାରିଣୀ ବାରିକ ଓ ସସ୍ମିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

● ଶ୍ରୀକୃଷ୍ଣ ଏକାଡେମୀର ପ୍ରତିଷ୍ଠା ଉତ୍ସବ

## 'ଉତ୍ତମ ଶିକ୍ଷା ଉତ୍ତମ ନାଗରିକ ତିଆରି କରିଥାଏ'



**ଜଗତସିଂହପୁର, ୧୧।୧(ସମିସ):** ଜଗତସିଂହପୁର ସଦର ସ୍ଥିତ ସର୍ବପୁରାତନ ଶ୍ରୀକୃଷ୍ଣ ଏକାଡେମୀର ପ୍ରତିଷ୍ଠା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସଭାପତି ତଥା ନାଇଜରର କୁଳସଚିବ ଡକ୍ଟର ଅଭୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଉତ୍ତମ ଶିକ୍ଷା ଉତ୍ତମ ନାଗରିକ ତିଆରି କରିଥାଏ; ତେଣୁ ଛାତ୍ରଛାତ୍ରୀମାନେ ଠିକ ଭାବରେ ପାଠ ପଢ଼ିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ବୈଷ୍ଣବ କୁମାର ମହାନ୍ତି ଯୋଗଦେଇ ଜିଲ୍ଲାର ପୁରାତନ ଏହି ଶିକ୍ଷାନୁଷ୍ଠାନ ଏ୍ୟ÷ତିହ ବହୁ କୀର୍ତ୍ତି ବହନ କରୁଛି। ସ୍ୱାଧୀନତା ପୂର୍ବରୁ ହରିହରପୁରର ଏହି ଫିରିଙ୍ଗିକୁଦ ଇଂରେଜମାନଙ୍କ ବ୍ୟବସାୟର ପେଣ୍ଠସ୍ଥଳୀ ଥିବାବେଳେ ଆଜି ବୃହତ୍ ଶିକ୍ଷା ଅନୁଷ୍ଠାନରେ ପରିଣତ ହୋଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ପାଲ ସ୍ୱଗତ ଭାଷଣ ରଖିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମାକାନ୍ତ ପତି, ଏସଭିଏମ କଲେଜର ଅଧ୍ୟକ୍ଷ ବିଜୟ କୁମାର ପାତ୍ର, ପୁରାତନ ଛାତ୍ର ସଂସଦର ସମ୍ପାଦକ ସନାତନ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର କୃତିତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ। ପ୍ରତିଷ୍ଠା ଦିବସ ବିଶେଷାଙ୍କ ପତ୍ରିକା 'ଅଳକା' ଉନ୍ମୋଚିତ କରାଯାଇଥିଲା।

## ରାଜମାତା ସୁଶ୍ରୀ ଦେବୀଙ୍କ ପରଲୋକରେ ଶୋକ

**ରାଜକନିକା, ୧୧।୧(ସମିସ):** ଆଜି ଅପରାହ୍ନରେ ଆଳି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ସ୍ୱର୍ଗତ ଶରତ ଦେବଙ୍କ ଧର୍ମପତ୍ନୀ ଓ ଶିଳ୍ପ ଓ ଶକ୍ତିମନ୍ତ୍ରୀ ପ୍ରତାପ ଦେବଙ୍କ ମା' ସୁଶ୍ରୀ ଦେବୀଙ୍କ ପରଲୋକ ହୋଇଛି। ସ୍ୱର୍ଗତା ସୁଶ୍ରୀ ଦେବୀ ଜନତା ଦଳ ଟିକେଟରେ ୧୯୯୦ରୁ ୯୫ ମସିହା ଯାଏ ୫ ବର୍ଷ ଧରି ଆଳି ନିର୍ବାଚନମଣ୍ଡଳୀରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଜଣେ ଗ୍ରହଣୀୟ ଜନନେତ୍ରୀ ଭାବରେ ସାରା ନିର୍ବାଚନ ମଣ୍ଡଳୀରେ ନିଜର ନିଆରା ପଣର ବ୍ୟବହାର ଯୋଗୁ ସେ ସବୁ ମହଲରେ ଆପଣାର ହୋଇଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ରାଜ୍ୟସଭା ସାଂସଦ ଭାବରେ ମଧ୍ୟ ୬ ବର୍ଷ କାଳ ନିଜର ରାଜନୈତିକ ଦକ୍ଷତାର ପରିଚୟ ଦେଇଥିଲେ। ତାଙ୍କ ବିୟୋଗରେ ସମଗ୍ର ଆଳି ଓ ରାଜକନିକାରେ ଶୋକର ଛାୟା ଖେଳି ଯାଇଛି।

## କିଡ୍‌ନୀ ରୋଗରେ ସ୍ୱାମୀଙ୍କ ମୃତ୍ୟୁ

# ଅସହାୟ ପରିବାରର ଜିଲ୍ଲା ପ୍ରଶାସନକୁ ଗୁହାରି

**କେନ୍ଦ୍ରାପଡ଼ା, ୧୧।୧(ସମିସ):** ସ୍ୱାମୀଙ୍କ ମୃତ୍ୟୁପରେ ଏକ ପରିବାର ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛି। ଏମିତିକି ଦୁଇଟି କୁନି କୁନି ପୁଅ ଆଉ ବଡ ଝିଅକୁ ପାଠ ପଢେଇବାକୁ ପ୍ରଶାସନକୁ ନେହୁରା ହୋଇଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବଗଡ଼ା ଗ୍ରାମର ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ପରିଡ଼ାଙ୍କ ବିଧବା ପତ୍ନୀ ମମତା ପରିଡ଼ା(୩୫) ଆଜି ପିଲାମାନଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ରଙ୍କୁ ଭେଟିଥିଲେ। ତାଙ୍କ ସ୍ୱାମୀ ଗୋବିନ୍ଦ ଦୀର୍ଘଦିନ ଧରି କିଡନୀ ରୋଗରେ ପିଡିତ ଥାଇ ଗତ ନଭେମ୍ବର ମାସ ୭ତାରିଖରେ ମୃତ୍ୟୁ ବରଣ କରିଥିଲେ। ତାଙ୍କ ବଡଝିଅ ଭାଗ୍ୟଶ୍ରୀ (୧୮)କେନ୍ଦ୍ରାପଡ଼ା ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ଦ୍ୱିତୀୟ ବର୍ଷ କଳାରେ ଶିକ୍ଷା ଲାଭ କରୁଥିବା ବେଳେ ମଝିଆଁ ପୁଅ ସୁମନ(୧୦) ୪ର୍ଥ ଶ୍ରେଣୀରେ ଓ ୭ ବର୍ଷର ସାନପୁଅ ଜଗବନ୍ଧୁ ପ୍ରଥମ ଶ୍ରେଣୀରେ



ପାଠ ପଢୁଛି। ଦୈନିକ ମୂଲ ମଜୁରୀ ଲାଗି ପରିବାର ପ୍ରତିପୋଷଣ କରୁଥିବା ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଅତ୍ୟନ୍ତ ଅସହାୟ ହୋଇ ପଡ଼ିଛନ୍ତି। ତାଙ୍କ ମୁଣ୍ଡ ଉପରେ ପରିବାର ପ୍ରତିପୋଷଣ ସହ ପିଲାମାନଙ୍କ ପାଠପଢ଼ା ଖର୍ଚ୍ଚ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଯାଇଛି। ଏମିତିକି ସବୁ ପିଲା ଭଲ ପାଠ ପଢୁଥିଲେ ମଧ୍ୟ ମମତା ସେମାନଙ୍କୁ ପଢ଼ାଇ ପାରୁନାହାନ୍ତି। ଏଭଳି ପରିସ୍ଥିତିରେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ରଙ୍କୁ ଭେଟି ସେ ନିବେଦନ କରିଛନ୍ତି। ସେ ଜଣେ ଭୂମିହୀନ, ଗରିବ ଓ ଅସହାୟ ମହିଳା ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏଥିସହିତ ତାଙ୍କୁ ବିଧବା ଭତ୍ତା ପ୍ରଦାନ କରାଯିବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ ମମତା ଭେଟି ମଧ୍ୟ ସେ ନିବେଦନ କରିଛନ୍ତି।

## ଧୂଳି ଧୂଆଁରେ ଜର୍ଜରିତ ଛାତ୍ରଛାତ୍ରୀ

# ପ୍ରତିକାର ପାଇଁ ଜିଲ୍ଲାପାଳଙ୍କୁ ଆକୁଳ ନିବେଦନ

ତାଳଚେର ସଦର, ୧୧।୧(ସମିସ)



ଆଜିର ଯୁବପିଢ଼ି, କାଲିର ଭବିଷ୍ୟତ। ଶିଳ୍ପନଗରୀ ତାଳଚେର ସହର ମଧ୍ୟ ଦେଇ ଯାଇଥିବା ୧୪୯ନମ୍ବର ଜାତୀୟ ରାଜପଥ ଚାଳିଆକୁଟା ୱାର୍ଡ ନ. ୧୧ର ଗୋଟିଏ ପାର୍ଶ୍ୱରେ ସରକାରୀ ଚାଳିଆକୁଟା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ତା'ର ସମ୍ମୁଖରେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ରହିଛି। ଏହି ଜାତୀୟ ରାଜପଥ ଦେଇ ଦୈନନ୍ଦିନ ହଜାର ହଜାର କୋଇଲା ବୋଝେଇ, ପାଉଁଶ ବୋଝେଇ ଟ୍ରକ୍ ଚଳପ୍ରଚଳ କରିବା ଦ୍ୱାରା ସେଥିରୁ ପାଉଁଶ ଓ କୋଇଲା ଗୁଣ୍ଡ ରାସ୍ତାରେ ପ୍ରଚୁର ପରିମାଣରେ ପଡ଼ି ରହିଥାଏ। ଫଳରେ ଏହି ରାସ୍ତାରେ ଦ୍ରୁତଗତିରେ ଭାରୀଯାନ ଚଳାଚଳ ଯୋଗୁଁ ଏହି ଧୂଳି ଧୂଆଁ ବାଟୋଇ, ସ୍କୁଲ, କଲେଜ ପାର୍ଶ୍ୱରେ ଥିବା ନିକଟବର୍ତ୍ତି ଘରଗୁଡ଼ିକରେ ଉଡ଼ି ପ୍ରଦୂଷଣ ବ୍ୟାପି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଥାଏ। ତେବେ ଏହି ଧୂଳି ଧୂଆଁ ନାକ, କାନ, ଆଖି, ପାଟିରେ ପ୍ରବେଶ କରିବା ଦ୍ୱାରା ଏଠିକାର ଲୋକ ମାରାତ୍ମକ ରୋଗର ଶୀକାର ହୋଇଥାନ୍ତି, କିଡ଼ନୀ, କ୍ୟାନସର୍, ଫୁସଫୁସ୍ ରୋଗ, ଯକ୍ଷ୍ମା, ଗ୍ୟାଷ୍ଟିକ୍, ଲଙ୍ଗର୍ସ, ହାର୍ଟ, ଶ୍ୱାସ ଇତ୍ୟାଦି ରୋଗ ମାଡ଼ି ବସିଥାଏ। ଏହି ଜାତୀୟ ରାଜପଥ ପାର୍ଶ୍ୱରେ ଚାଳିଆକୁଟା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଥିବାରୁ ଛାତ୍ରଛାତ୍ରୀମାନେ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଧୂଳି ଧୂଆଁରେ ଅଣନିଃଶ୍ୱାସୀ ହେବା ସହ ବହୁ ମାରାତ୍ମକ ରୋଗର ଶିକାର ହୋଇଥିବା ଅଭିଯୋଗ ହୋଇଛି। ତେବେ ବିଦ୍ୟାଳୟକୁ କୁନି ଛାତ୍ରଛାତ୍ରୀମାନେ ପିନ୍ଧି ଆସୁଥିବା ସ୍କୁଲ ପୋଷାକ କୋଇଲା ଗୁଣ୍ଡ ଧୂଳିରେ ମଇଳା ହୋଇଯାଇଥାଏ। ଏହି ସେମ୍ବଦନଶୀଳ ଘଟଣା ଦୀର୍ଘ ବର୍ଷ ହେବ ଘଟି ଚାଲିଥିଲେ ମଧ୍ୟ ଏବେ ଏହା ସାଙ୍ଘାତିକ ଅବସ୍ଥା ସୃଷ୍ଟିକରିଛି। ଏମସିଏଲ ପକ୍ଷରୁ ଏହି ଜାତୀୟ ରାଜପଥକୁ ପରିଷ୍କାର ରଖିବାକୁ ଏକ ରୋଡ କ୍ଲିନର୍ ଟ୍ରକ୍ ବ୍ୟବହାର କରାଯାଉଥିଲା। ମାତ୍ର ଏହି ଗାଡ଼ିଟି ଲୋକ ଦେଖାଣିଆ ଭାବେ ମାସରେ ଥରେ କିମ୍ବା ଦୁଇଥର ରାସ୍ତା ସଫା କରି ଯିବା ପରେ ତା'ର ଆଉ ଦର୍ଶନ ନଥାଏ ବୋଲି ସେହି ଅଞ୍ଚଳବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏପରିକି, ଧୂଳିଧୂଆଁରୁ ନିସ୍ତାର ପାଇବା ପାଇଁ ଜାତୀୟ ରାଜପଥରେ ପାଣି ସିଞ୍ଚନ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ କେବଳ କାଗଜ କଲମରେ ଏହା ସୀମିତ ରହୁଛି ବୋଲି କୁହାଯାଉଛି। ଏମସିଏଲ ସିଏସଆର୍ ପାଣ୍ଠିରୁ ଏହି ରାସ୍ତାର ଦୁଇପାର୍ଶ୍ୱରେ ପ୍ରାୟ ୨.୫୦କୋଟି ଟଙ୍କା ବିନିମୟରେ ପ୍ରାୟ ୨ରୁ ୩ବର୍ଷ ପୂର୍ବେ ଫେବର ବ୍ଲକ ଲଗାଯାଇଥିଲା। ମାତ୍ର ସେହି ଫେବର ବ୍ଲକ ଭାଙ୍ଗିରୁଜି ଚୁରମାର ହେବା ସହ ତା' ଉପରେ ଆଣ୍ଠୁଏ ବହଳର କୋଇଲା ଗୁଣ୍ଡ, ପାଉଁଶ ଜମିରହି ଏଥିରୁ ନିର୍ଗତ ଧୂଳି ଧୂଆଁ ଅଧିକ ଅଣନିଃଶ୍ୱାସୀ କରୁଛି ବୋଲି ଅଭିଯୋଗ ହେଉଛି। ତେଣୁ ଏହାକୁ ଦୈନନ୍ଦିନ ପରିଷ୍କାର କରି ସେହି ଧୂଳିକୁ ବାହାରେ ଫୋପାଡ଼ିବା, ରାସ୍ତାରେ ଦୈନିକ ପାଣି ସିଞ୍ଚନ ସହ ରାସ୍ତା ପ୍ରଶସ୍ତିକରଣ କରିବା ଲାଗି ଅଞ୍ଚଳବାସୀ ତଥା କୋମଳମତୀ ଛାତ୍ରଛାତ୍ରୀମାନେ ଜିଲ୍ଲାପାଳଙ୍କୁ ଆକୁଳ ନିବେଦନ କରିଛନ୍ତି।

## ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ



ଅନୁଗୋଳ, ୧୧।୧(ସମିସ): ଜିଲ୍ଲା ପ୍ରଶାସନ ଓ ଓରମାସର ମିଳିତ ଆନୁକୂଲ୍ୟରେ ପଲ୍ଲିଶ୍ରୀ ମେଳା ୨୦୨୪ ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ କରକମଳରେ ଆଜି ସ୍ଥାନୀୟ ହାଇସ୍କୁଲ ପଡିଆ ଠାରେ ଉଦଘାଟିତ ହୋଇଯାଇଛି। ଏହି ପଲ୍ଲିଶ୍ରୀ ମେଳା ଆଜିଠାରୁ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୨୦୦ ଗୋଟି ଷ୍ଟଲ ରହିଥିବା ବେଳେ ଓଡ଼ିଶା ସମେତ ୧୫ ଗୋଟି ରାଜ୍ୟ ଅଂଶଗ୍ରହଣ କରିଛନ୍ତି। ସେହିପରି ଓଡିଶାର ସମସ୍ତ ଜିଲ୍ଲାର ୧୨୫ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଛନ୍ତି। ଏତଦବ୍ୟତିତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗ ଯଥା- ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ବ୍ୟାଙ୍କ, ଜେଲ, ବନ ବିଭାଗ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ମଧ୍ୟ ଏହି ପଲ୍ଲିଶ୍ରୀ ମେଳାରେ ଯୋଗ ଦେଇଛନ୍ତି। ଏହି ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ବସୁଧା ର ଉପଦେଷ୍ଟା ଦିନେଶ ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭମୟ ଦାସଙ୍କ ସମେତ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ପ୍ରି-ମାଟ୍ରିକ୍ ସ୍କଲାରସିପ୍ ସମ୍ପର୍କିତ ବୈଠକ

ଢେଙ୍କାନାଳ, ୧୧।୧(ସମିସ): ଢେଙ୍କାନାଳ ସହରସ୍ଥିତ ଡିପିସିଙ୍କ ସଭାଗୃହରେ ଜିଲ୍ଲା ମୁଖ୍ୟ ଶିକ୍ଷାଧିକାରୀ ବିନିତା ସେନାପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କବିତା ଦାସ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଡବ୍ଲ୍ୟୁଇଓ, ଡିସି ଓସିଏସି ଏବଂ ପରିମଳ ଫାଉଣ୍ଡେସନର ସମସ୍ତ ଟିମ ଉପସ୍ଥିତ ରହିଥିଲେ। ଚଳିତ ୨୦୨୩-୨୪ ବର୍ଷରେ ପ୍ରି-ମାଟ୍ରିକ ସ୍କୋଲାରସିପରେ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀ କପରି ଆବେଦନ କରିପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ବିଶେଷ ଭାବରେ ପ୍ରି-ମାଟ୍ରିକ ସ୍କୋଲାରସିପ ବର୍ଗରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଶତପ୍ରତିଶତ ଆବେଦନ ହାର ସୁନିଶ୍ଚିତ କରିବା ପାଇଁ ଆଲୋଚନା ହୋଇଥିଲା। ଆଧାର ସଂଶୋଧନ, ଆଧାର ସିଡ଼ିଂ, ଦରକାରୀ କାଗଜପତ୍ର କରାଯିବା ପାଇଁ ଓସିଏସି, ସମସ୍ତ ଶାଖା ପରିଚାଳକ, ତହସିଲଦାରଙ୍କ ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆବଶ୍ୟକ ଡକୁମେଣ୍ଟ ହାସଲ କରିବା ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ସିଙ୍ଗଲ ୱିଣ୍ଡୋ ସମାଧାନ ପ୍ରସ୍ତାବ ଦିଆଯାଇଥିଲା। ସମ୍ପ୍ରଦାୟର ଆବଶ୍ୟକତାକୁ ସ୍ୱୀକାର କରି ପିରାମିଲ ଫାଉଣ୍ଡେସନ ଛାତ୍ରବୃତ୍ତି ଯୋଜନା ପ୍ରତି ସମ୍ପ୍ରଦାୟମଧ୍ୟରେ ସଚେତନତା ଓ ସକାରାତ୍ମକ ମନୋଭାବ ବଢ଼ାଇବା ପାଇଁ ସହାୟତାର ହାତ ବଢ଼ାଇଥିଲା। ଏହି ସାମୂହିକ ପଦକ୍ଷେପ ଜିଲ୍ଲାର କୌଣସି ଛାତ୍ରଛାତ୍ରୀଙ୍କୁ ମୂଲ୍ୟବାନ ଶିକ୍ଷାଗତ ଯୋଗ୍ୟତା ଲାଭ କରିବାର ସୁଯୋଗକୁ ହାତଛଡାକରିବାକୁ ଦେବ ନାହିଁ। ଜିଲ୍ଲାରେ ସମସ୍ତ ଶତପ୍ରତିଶତ ଏସସି, ଏସଟି, ଓବିସି, ଇବିସି, ମାଇନିଓରିଟି ଛାତ୍ରଛାତ୍ରୀଙ୍କୁ ପହଞ୍ଚାଇବାପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା।

## ଅନୁଗୋଳ ଓକିଲ ସଂଘ ପକ୍ଷରୁ ରାଜ୍ୟ ବାର୍ କାଉନସିଲ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ଅନୁଗୋଳ ୧୧।୧(ସମିସ): ଅନୁଗୋଳ ଓକିଲ ସଂଘ ପକ୍ଷରୁ ଓକିଲ ସଂଘ ସଭାକକ୍ଷ ଠାରେ ନବନିର୍ବାଚିତ ବାର କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମାରୋହରେ ଅନୁଗୋଳ ଓକିଲ ସଂଘର ସଭାପତି ଦିଲ୍ଲୀପ କୁମାର ସାହୁ, ଉପ ସଭାପତି ନିରୋଧ କୁମାର ମିଶ୍ର, ସମ୍ପାଦକ ହିମାଂଶୁ ଭୂଷଣ ସାମଲ, ସହ ସମ୍ପାଦକ ପ୍ରେମାନନ୍ଦ ସାହୁ, ସାଂସ୍କୃତିକ ସମ୍ପାଦକ ପ୍ରଦୀପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହରେ ସଂଘର ପୂର୍ବତନ ସଭାପତି ଭୁପେଶ ଚନ୍ଦ୍ର ପ୍ରଧାନ, ଦିଲ୍ଲୀପ ଦାସ, ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ବରିଷ୍ଠ ଆଇନଜୀବୀ ସୁକାନ୍ତ ମିଶ୍ର, ମହେନ୍ଦ୍ର ବସ୍ତିଆ, ଦିଲ୍ଲୀପ ମହାନ୍ତି, ପ୍ରଦୀପ ବେହେରା, ମମତା ପ୍ରଧାନ, ରାଜକିଶୋର ମହାରଣା ଶ୍ରୀଯୁକ୍ତ ଦ୍ୱିବେଦୀଙ୍କୁ ଜଣେ ଦକ୍ଷ ଆଇନଜୀବୀ ବୋଲି ଅଭିହିତ କରିଥିଲେ। ସମାରୋହରେ ନବନିର୍ବାଚନ ଅଧ୍ୟକ୍ଷ ଓକିଲ ସଂଘର ଏକତା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ। ଓକିଲ ସମାଜ ପାଇଁ ମଧୁବାବୁ ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା ଏବଂ ବାର୍ ର କୌଣସି ସଦସ୍ୟଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିବା ସହିତ କୋର୍ଟକୁ କିପରି ଛୁଟି କରାଯିବ, ସେହି ବିଷୟରେ ସର୍ବଭାରତୀୟ ସ୍ତରରେ ଉଦ୍ୟମ କରିବେ ବୋଲି ଶ୍ରୀଯୁକ୍ତ ଦ୍ୱିବେଦୀ ପ୍ରକାଶ କରିଥିଲେ।

## କୋଲ୍ ଇଣ୍ଡିଆ ଅଧ୍ୟକ୍ଷଙ୍କ ଏମ୍‌ସିଏଲ୍‌ର ତାଳଚେର କୋଲ ଫିଲ୍ଡସ୍ ପରିଦର୍ଶନ

ତାଳଚେର, ୧୧।୧(ସମିସ)



କୋଲ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ପି.ଏମ. ପ୍ରସାଦ ଆଜି ଏମସିଏଲର ତାଳଚେର କୋଲ ଫିଲ୍ଡସ୍ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ଏମସିଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଏ. କାଓଲେ ଏବଂ ନିର୍ଦ୍ଦେଶକ (ବୈଷୟିକ/ସଞ୍ଚାଳନ) ଜେ.କେ ବୋରା ଅଧ୍ୟକ୍ଷଙ୍କ ସହ ଉପସ୍ଥିତ ଥିଲେ। ଏମସିଏଲ ଅଧ୍ୟକ୍ଷ ଶ୍ରୀ ପ୍ରସାଦ ତାଳଚେର ସ୍ଥିତ ଏମସିଏଲର ବଳରାମ, ହିଙ୍ଗୁଳା, ଅନନ୍ତ, ଜଗନ୍ନାଥ, ଲିଙ୍ଗରାଜ ଏବଂ ଭୁବନେଶ୍ୱରୀ ଖୋଲା ମୁହାଁ ପ୍ରକଳ୍ପରେ କୋଇଲା ଖଣି ଏବଂ ପଠାଇବା କାର୍ଯ୍ୟର ଯାଞ୍ଚ କରିଥିଲେ। ଏହା ପରେ ସେ ବିଭିନ୍ନ ଖଣି ଅଧିକାରୀଙ୍କ ସହ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।

## ଗଡ଼ିଲା ଜୟ ଜଗନ୍ନାଥ ଅର୍ପଣ ରଥ



ଜଗନ୍ନାଥପୁର, ୧୧।୧(ସମିସ): ସାତକୋଶିଆ ଉପଖଣ୍ଡର ଜଗନ୍ନାଥପୁର ଠାରୁ ଅର୍ପଣ ରଥ ପରିକ୍ରମା ଆରମ୍ଭ ହୋଇଛି। ଏହା ସକାଳ ୯ଟାରୁ ଆରମ୍ଭ ହୋଇ ଜଗନ୍ନାଥପୁର, ତରଭା, ପ୍ରଭୃତି ଗ୍ରାମକୁ ଗସ୍ତ କରିଥିଲା।

ଜଗନ୍ନାଥପୁର ଠାରେ ଗ୍ରାମବାସୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇ ଏହାର ଶୁଭାରମ୍ଭ କରାଯାଇଥିଲା। ପ୍ରତ୍ୟକ ଘରକୁ ରଥ ଯାଇଥିବା ବେଳେ ଜନସାଧାରଣ ଅଭୁତପୂର୍ବ ଉତ୍ସାହ ସହିତ ବନ୍ଦାପନା କରି ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ଶହ ଶହ ଗ୍ରାମବାସୀ ଶ୍ରୀ ଜଗନ୍ନାଥ ପରିକ୍ରମା ରଥ ସହିତ ପଞ୍ଚାୟତର ପ୍ରତ୍ୟକ ଘରକୁ ଯାଇ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ।

## ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ଶିବିର

ଭୁବନ, ୧୧।୧(ସମିସ): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ହାଇଡ୍ରୋସିଲ୍ ରୋଗୀମାନଙ୍କ ପାଇଁ ଅସ୍ତ୍ରୋପଚାର ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ଅଭିଜ୍ଞ ସର୍ଜରୀ ବିଶେଷଜ୍ଞ ଡା. ସଂକଳ୍ପ କେଶରୀ ଭୋଳ, ଆନସ୍ଥାସିଆ ବିଶେଷଜ୍ଞ ଡ଼ଃ ଆପୋଲ ଦାସ ଏବଂ ଅତିରିକ୍ତ ଜିଲ୍ଲା ଭେକ୍ଟର ବାହିତ ରୋଗ ଅଧିକାରୀ ଡ଼ା ହିମାଂଶୁ ଶେଖର ହେମ୍ବ୍ରମଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୧୪ ଜଣ ହାଇଡ୍ରୋସିଲ୍ ରୋଗୀଙ୍କ ମାଗଣାରେ ସଫଳ ଅସ୍ତ୍ରୋପଚାର କରାଯାଇଥିଲା। ଏହି ଅସ୍ତ୍ରୋପଚାର ଶିବିରରେ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ,ଆକାଉଣ୍ଟାଣ୍ଟ ଶୁଭକାନ୍ତ ଆଚାର୍ଯ୍ୟ ,ଭେକ୍ଟର ବାହିତ ରୋଗ ବୈଷୟିକ ପରିଦର୍ଶକ ଅମିତ କୁମାର ସାମଲ, ନର୍ସିଂ ଅଫିସର ଗାୟତ୍ରୀ ସାହୁ, ଫାରମାସିଷ୍ଟ ବିଭୂତି ଭୂଷଣ ଖଟୁଆ, ଜିଲ୍ଲା ଅଧିକାରୀ ପିସିଆଇ ସୌମ୍ୟରଞ୍ଜନ ବାରିକ, ୱାର୍ଡ ଆଟେଣ୍ଡାଣ୍ଟ ପୂର୍ଣ୍ଣଚନ୍ଦ୍ର ରାଉତ, ଶରତ ପ୍ରଧାନ ସହଯୋଗ କରିଥିଲେ।

## ଝାମ୍ପୁଲ୍ଲୀ କପ୍ କ୍ରିକେଟ: କଦଳୀମୁଣ୍ଡା ଚାମ୍ପିଅନ



କିଶୋରନଗର, ୧୧।୧(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତର ଝାମ୍ପୁଲ୍ଲୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଉଦଯାପନୀ ମ୍ୟାଚରେ ବଂଶୀମୁଣ୍ଡା ଦଳକୁ ହରାଇ କଦଳୀମୁଣ୍ଡା ଦଳ ଚାମ୍ପିଅନ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ଲକ୍ଷ୍ମୀପ୍ରିୟା ନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସଂଜୟ ଦାଶ, ଶିକ୍ଷାବିତ୍ ଦିବାକର ମାଝୀ, ବିଜୟ ସାହୁ ପ୍ରମୁଖ ଯୋଗଦେଇ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ। ମ୍ୟାନ ଅଫଦି ମ୍ୟାଚ ଓ ସିରିଜ ଭାବେ କଦଳୀମୁଣ୍ଡା ଦଳର ଉମେଶ ପ୍ରଧାନ ପୁରସ୍କୃତ ହୋଇଥିଲେ। ଅମ୍ପାୟାର ଭାବେ ରିଙ୍କୁ ପ୍ରଧାନ ଓ ସୋମନାଥ ରାଉଳ ଦାୟିତ୍ୱ ତୁଲାଇଥିବା ବେଳେ ଅବିନାଶ ସାହୁ, ଲିଙ୍କନ ସାହୁ ଓ ଟୁନା ରାଉଳ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଦାୟିତ୍ୱ ତୁଲାଇ ଥିଲେ ନିର୍ମିତ ସାହୁ।

# ଜିଲ୍ଲାସ୍ତରୀୟ 'ନୂଆ-ଓ' କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଢେଙ୍କାନାଳ, ୧୧।୧(ସମିସ): ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ୍ ଠାରେ 'ନୂଆ-ଓ', 'ଯୁବ ଓଡ଼ିଶା ନବୀନ ଓଡ଼ିଶା'ର ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଉଦ୍ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ବିଧାୟକ ସୁଧୀର କୁମାର ସାମଲ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ, ଏସ୍ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାର ଚୂଡ଼ାନ୍ତ ପୁରୁଷ ଖୋ-ଖୋ ଖେଳରେ ଓଡାପଡ଼ାର ୱାରିୟର୍ସ ଚାମ୍ପିଅନ୍ ହୋଇଥିବା ବେଳେ ଓଡାପଡ଼ା ବ୍ଲକ କାଣ୍ଡବିନ୍ଧା ରନର୍ସ ଅପ୍ ହୋଇଛି। ଏହାଛଡ଼ା ଓଡାପଡ଼ାର କାଣ୍ଡବିନ୍ଧା ପ୍ରଥମ ରନର୍ସ-ଅପ୍ ହୋଇଥିବା ବେଳେ କାଣ୍ଡବିନ୍ଧା ଦ୍ୱିତୀୟ ରନର୍ସ ଅପ୍ ହୋଇଛି। ସେହିପରି ମହିଳା ଖୋ-ଖୋରେ ବଣସିଂହ ଚାମ୍ପିଅନ୍, କାଣ୍ଡବିନ୍ଧା ରନର୍ସ-ଅପ୍, ଭଲିବଲ୍ ଟିମ୍ ଚାମ୍ପିଅନ୍ ହୋଇଥିବା ବେଳେ ଭୁବନର ୱାରିୟର୍ସ ରନର୍ସ-ଅପ୍ ହୋଇଛି।




କାମାକ୍ଷାନଗରର ରାୟନରସିଂହପୁର ପ୍ରଥମ ରନର୍ସ-ଅପ୍ ଓ ଗଁଦିଆର ବେଗା ଦ୍ୱିତୀୟ ରନର୍ସ-ଅପ୍ ହୋଇଛି। ପୁରୁଷ ଭଲିବଲ୍ ଖେଳରେ ହିନ୍ଦୋଳର ନୂଆଗାଁ ପଞ୍ଚାୟତ ଆମ୍ପିଅନ୍ ହୋଇଥିବା ବେଳେ କାଶିଆଡ଼ିହି ପଞ୍ଚାୟତ ରନର୍ସ-ଅପ୍, କାମାକ୍ଷାନଗର କ୍ରୀଡ଼ା ସଂଘ ପ୍ରଥମ ରନର୍ସ-ଅପ୍ ଓ ପରଜଙ୍ଗ ବ୍ଲକ ଖାଲପାଳ ଜେ.ଏସ୍. ଭଲିବଲ୍ କ୍ଲବ୍ ଦ୍ୱିତୀୟ ରନର୍ସ-ଅପ୍ ହୋଇଛି। ସେହିପରି ମହିଳା ଭଲିବଲ୍ରେ ହିନ୍ଦୋଳର ପାଇକ ପୁରୁଣାକୋଟ୍ ପୁରୁଷ ଫୁଟ୍‌ବଲ୍ ମ୍ୟାଚ୍ରେ କାଙ୍କଡ଼ପାଳର ପପୁଲାର୍ କ୍ଲବ୍ ଚାମ୍ପିଅନ୍ ହୋଇଥିବା ବେଳେ ବନମାଳିପ୍ରସାଦର ମା' ମଙ୍ଗଳା କ୍ଲବ୍ ରନର୍ସ-ଅପ୍ ହୋଇଛି। ସେହିପରି ଭୁବନର ବି.କେ.ଟି.ଏଫ୍.ସି. ପ୍ରଥମ ରନର୍ସ-ଅପ୍ ଓ ସଦାଶିବପୁରର ବଜରଙ୍ଗ ଫୁଟ୍‌ବଲ୍ କ୍ଲବ୍ ଦ୍ୱିତୀୟ ରନର୍ସ-ଅପ୍ ହୋଇଛି। ମହିଳା ଫୁଟବଲ୍ ମ୍ୟାଚ୍ରେ ବୋରାପଦା ସରକାରୀ ଆଇଟିଆଇ ଚାମ୍ପିଅନ୍ ହୋଇଥିବା ବେଳେ ଗଁଦିଆର ଖଙ୍କିରା ଟାଇଗର୍ସ ରନର୍ସ-ଅପ୍, ଭୁବନ ୱାରିୟର୍ସ ପ୍ରଥମ ରନର୍ସ-ଅପ୍ ହୋଇଛି। ପୁରୁଷ କବାଡ଼ି ମ୍ୟାଚ୍ରେ କାମାକ୍ଷାନଗରର ବାଉଁଶପାଳ ପଞ୍ଚାୟତ ଚାମ୍ପିଅନ୍ ହୋଇଥିବା ବେଳେ ସରାଙ୍ଗସ୍ଥିତ ଇନ୍ଦିରାଗାନ୍ଧୀ ବୈଷୟିକ ମହାବିଦ୍ୟାଳୟ ରନର୍ସ-ଅପ୍ ହୋଇଛି। ଓଡାପଡ଼ା ବ୍ଲକ କାଣ୍ଡବିନ୍ଧା କବାଡି ଟିମ୍ ପ୍ରଥମ ରନର୍ସ-ଅପ୍ ଓ ମା 'ବ୍ରାହ୍ମଣୀ ଦେବୀ କବାଡି ଟିମ୍ ହିନ୍ଦୋଳ ଦ୍ୱିତୀୟ ରନର୍ସ-ଅପ୍ ହୋଇଛି। ମହିଳା କବାଡ଼ି ଖେଳରେ ହିନ୍ଦୋଳ ବ୍ଲକର ଜରଡ଼ାର ସାଗରିକା ବେହେରା ଚାମ୍ପିଅନ୍, ବୋରାପଦାସ୍ଥିତ ସରକାରୀ ଆଇଟିଆଇ ରନର୍ସ-ଅପ୍ ହୋଇଛି। ଗଁଦିଆ ବ୍ଲକ ପିଙ୍ଗୁଆସ୍ଥିତ ଖଙ୍କିରା ଲୋଟସ୍ ପ୍ରଥମ ରନର୍ସ-ଅପ୍ ଓ ଗଁଦିଆର ମହିଳା କବାଡ଼ି ଦ୍ୱିତୀୟ ରନର୍ସ-ଅପ୍ ହୋଇଛି। ପୁରୁଷ ହକି ଖେଳରେ ଢେଙ୍କାନାଳ କ୍ଲବ୍ ଚାମ୍ପିଅନ୍ ହୋଇଥିବା ବେଳେ ଜଙ୍ଘିରା ହକି ଟିମ୍ ରନର୍ସ-ଅପ୍ ହୋଇଛି। କାମାକ୍ଷାନଗରର ପଣ୍ଡୁଆ ହକି ଟିମ୍ ପ୍ରଥମ ରନର୍ସ-ଅପ୍ ଓ ଢେଙ୍କାନାଳ ପୌରାଞ୍ଚଳର ମା'ଭଗବତୀ ହକି ଟିମ୍ ଦ୍ୱିତୀୟ ରନର୍ସ-ଅପ୍ ହୋଇଛି। ମହିଳା ହକି ଖେଳରେ ଢେଙ୍କାନାଳ ମହିଳା ହକି ଟିମ୍ ଚମ୍ପିୟାନ ହୋଇଥିବା ବେଳେ ଢେଙ୍କାନାଳ ପୌରାଞ୍ଚଳ ୱାର୍ଡ ନଂ-୫ର ମହିଳା ହକି ଟିମ୍ ରନର୍ସ-ଅପ୍ ହୋଇଛି। କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣିର ବାପୁଜୀ ୱାରିୟର୍ସ ପ୍ରଥମ ରନର୍ସ-ଅପ୍ ଓ ପରଜଙ୍ଗ ବ୍ଲକର ଓମ୍ ବାରିହାପୁର ବାଉଁସର ଦ୍ୱିତୀୟ ରନର୍ସ-ଅପ୍ ହୋଇଛି। ପୁରୁଷ କ୍ରିକେଟ୍ ମ୍ୟାଚ୍ରେ ଓଡାପଡ଼ା ବ୍ରୋ-କୋଟ୍ କ୍ରିକେଟ୍ କ୍ଲବ୍ ଚାମ୍ପିଅନ୍ ହୋଇଥିବା ବେଳେ ହିନ୍ଦୋଳର ଓମ୍ ମା' ପିଠାବୋଳି ରନର୍ସ-ଅପ୍ ହୋଇଛି। କାମାକ୍ଷାନଗର ମା'ମଙ୍ଗଳା କ୍ରିକେଟ୍ କ୍ଲବ୍ ପ୍ରଥମ ରନର୍ସ-ଅପ ଓ ଢେଙ୍କାନାଳ ପୌରାଞ୍ଚଳର ଇମେନ୍ସ କ୍ରିକେଟ୍ କ୍ଲବ୍ ଦ୍ୱିତୀୟ ରନର୍ସ-ଅପ୍ ହୋଇଛି। ମହିଳା କ୍ରିକେଟ୍ ମ୍ୟାଚ୍ରେ ଭୁବନ ୱାରିୟର୍ସ ଚାମ୍ପିଅନ୍ ହୋଇଥିବା ବେଳେ ଗଁଦିଆ ପିଏସ୍ଏ ରନର୍ସ-ଅପ ହୋଇ ଟ୍ରଫି ସହ ନଗଦ ଅର୍ଥରାଶି ଅତିଥିଙ୍କଠାରୁ ଗ୍ରହଣ କରିଛନ୍ତି।

## ଉତ୍ତରପଡ଼ା ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଅନୁଗୋଳ ୧୧।୧(ସମିସ): ଅନୁଗୋଳ ଜିଲ୍ଲାର ଉତ୍ତରପଡ଼ା ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ରୂପେ ବିଦ୍ୟାଳୟର ସଭାପତି ଶିକ୍ଷାବିତ ବୃନ୍ଦାବନ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ସିଆରସିସି ସୁଦର୍ଶନ ସାହୁ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶରତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ କ୍ରୀଡ଼ା ସମ୍ବନ୍ଧୀୟ ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ। ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ର ଛାତ୍ରୀ ତିନୋଟି ବର୍ଗରେ ସବ୍ ଜୁନିଅର, ଜୁନିଅର, ସିନିଅର ବିଭାଗରେ ଭାଗ ନେଇ ଚିତ୍ତାକର୍ଷକ କ୍ରୀଡ଼ା କୌଶଳ ପ୍ରଦାନ କରି କୃତିତ୍ୱ ଅର୍ଜନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାରଦା ଦେବୀଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରତିଯୋଗିତାର ସୁପରିଚାଳନା କରିଥିଲେ।

# ଚକବନ୍ଦୀ ଉଚ୍ଛେଦ ନେଇ ଗଣଧାରଣା ୫୮ ଦିନରେ

ଅନୁଗୋଳ, ୧୧।୧(ସମିସ)




ଚାଷୀ ସୁରକ୍ଷା କମିଟି, ଅନୁଗୋଳର ଅନିର୍ଦ୍ଦିଷ୍ଟ କାଳ ଗଣଧାରଣା ୫୮ ଦିନରେ ପହଞ୍ଚିଛି। ୧୯୮୨ ମସିହାରେ ଅନୁଗୋଳରେ ୯୨ଖଣ୍ଡ ଗ୍ରାମରେ ଚକବନ୍ଦୀ କାର୍ଯ୍ୟ ପରିସମାପ୍ତି ହୋଇଥିଲା। ଗ୍ରାମବାସୀଙ୍କୁ ଚିହ୍ନଟ ଓ ଦଖଲ ନଦେଇ ଏକାଠି ଜମିଦେବା, ଜମିକୁ ରାସ୍ତା ଓ ଜଳସେଚନ ଦେବାର ପ୍ରଲୋଭନ ଦେଖାଇ ପ୍ରଶାସନ ଚକପଟ୍ଟା ବଣ୍ଟନ କରିଥିଲେ। ଯାହାକି ଚାଷୀମାନଙ୍କ ଭିତରେ ଅସନ୍ତୋଷ ଲାଗି ରହିଥିଲା। ସେହି ଅସନ୍ତୋଷ ଆଜି ଏକ ଗଣଆନ୍ଦୋଳନରେ ପରିଣତ ହୋଇଛି। ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ମତ ପ୍ରକାଶ ପାଇଥିଲା ଓ ପ୍ରତ୍ୟେକ ଚକବନ୍ଦୀ ଗ୍ରାମକୁ ପଦଯାତ୍ରା କରି ସଚେତନ, ପ୍ରଚାର କାର୍ଯ୍ୟକ୍ରମ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୪୧ବର୍ଷ ଅତିକ୍ରାନ୍ତ ହେଲାଣି ଚକ ରେକର୍ଡ ଉଚ୍ଛେଦ କରି ଶାବକ ଦଖଲରେ ଥିବା ଦଖଲକାରୀଙ୍କୁ ପଟ୍ଟା ପ୍ରଦାନ ଦାବି ପ୍ରତି କର୍ଣ୍ଣପାତ କରିନାହାନ୍ତି। ଦାବି ପୂରଣ ନହେଲେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ପ୍ରତି ଗ୍ରାମରୁ ୧୦ଜଣ ଯୁବକଙ୍କୁ ନେଇ ପ୍ରତି ଗ୍ରାମରେ ସଚେତନ କାର୍ଯ୍ୟକ୍ରମ କରାଯିବା ପାଇଁ ମତ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ପ୍ରଶାସନ ଦାୟୀ ରହିବେ। ଗଣଧାରଣାକୁ ସଫଳ କରିବା ପାଇଁ ଆସିଥିବା ନୂଆପଡ଼ା ଗ୍ରାମର ବ୍ରଜବନ୍ଧୁ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ଭରତ ବେହେରା, ଶ୍ରୀକାନ୍ତ ଦେହୁରୀ, ନରେଶ ଚନ୍ଦ୍ର ସାହୁ, ଗିରିଶ ଦେହୁରୀ, ସର୍ବେଶ୍ୱର ବେହେରା, ଭିକାରୀ ସାହୁ, ପ୍ରମୋଦ ଦେହୁରୀ, ପ୍ରମୋଦ ନାୟକ, ନିତ୍ୟାନନ୍ଦ ଦେହୁରୀ, ପିତବାସ ସାହୁ, ଭଜମନ ସାହୁ, ପୁଷ୍ପଲତା ସାହୁ, ଚାଇନ ସାହୁ, ବାସନ୍ତି, ଶରତ କୁମାର ସାହୁ, ଅରକ୍ଷିତ ଦେହୁରୀ, ବିକଳ ସାହୁ, ଭ୍ରମର ସାହୁ ପ୍ରମୁଖ ବହୁ ଚାଷୀ ଆନ୍ଦୋଳନକୁ ତୀବ୍ରତର କରିବାକୁ ମତ ପ୍ରକାଶ କରିଥିଲେ।

## ଶିଶୁ ଯତ୍ନ ଅନୁଷ୍ଠାନର ସଫଳତା

# ୧୦ ବର୍ଷର ବିଚ୍ଛେଦ ପରେ ଏକାଠି ହେଲେ ମା', ଝିଅ



**ଭୁବନେଶ୍ୱର, ୧୧।୧ (ସମିସ):** ମୟୂରଭଞ୍ଜ ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନରେ ନବମ ଶ୍ରେଣୀରେ ପାଠ ପଢୁଥିବା ମଧୁମିତା ସିଂ (ଛଦ୍ମନାମ)ଙ୍କ ପାଇଁ ୨୦୨୪ ଆଣିଦେଇଛି ଖୁସିର ଲହରୀ। ଶିଶୁ ସୁରକ୍ଷା ଅଧିକାରୀଙ୍କ ଉଦ୍ୟମକ୍ରମେ ୧୦ ବର୍ଷ ତଳେ ନିଜ ମା'ଠାରୁ ଅଲଗା ହୋଇଥିବା ମଧୁମିତା ପୁଣି ଏକାଠି ହୋଇଛନ୍ତି। ଏହି ମିଳନ କେବଳ ମୟୂରଭଞ୍ଜ ପାଇଁ ନୁହେଁ ବରଂ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପାଇଁ ସଫଳତାର ବିଷୟ।

ସୂଚନା ଅନୁସାରେ, ମୟୂରଭଞ୍ଜର ଏକ ଆଦିବାସୀ ଗାଁରେ ମଧୁମିତା ନିଜ ପରିବାର ସହ ରହୁଥିଲେ। ୧୦ ବର୍ଷ ତଳେ ମଧୁମିତାଙ୍କ ବାପାଙ୍କର ଦେହାନ୍ତ ହୋଇଥିଲା। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପରିବାରଲୋକେ ଏଥିପାଇଁ ମଧୁମିତାଙ୍କ ମା' ଆଶାବରୀ ସିଂ (ଛଦ୍ମନାମ)ଙ୍କୁ ଦାୟୀ କରିବା ସହ ଡାଆଣୀ ଆଖ୍ୟା ଦେଇ ଗାଁରୁ ବିତାଡ଼ିତ କରିଥିଲେ। ଆଶାବରୀ ପୁଡୁଚେରୀ ଚାଲିଯାଇ ଜଣଙ୍କ ଘରେ କାମ କରି ଗୁଜୁରାଣ ମେଣ୍ଟାଉଥିଲେ। ଭାଷା ସମସ୍ୟା କାରଣରୁ ସେ ତାଙ୍କ ମାଲିକ ସହ ନିଜ ଝିଅ ବିଷୟରେ ଆଲୋଚନା କରିପାରୁ ନଥିଲେ। ଅନ୍ୟପକ୍ଷେ ବଡ଼ବାପା ଓ ତାଙ୍କ ପରିବାର ଝିଅ ମଧୁମିତାର ମଧ୍ୟ ଠିକ୍ ଭାବେ ଦେଖାଶୁଣା କରୁ ନଥିବାରୁ ଗ୍ରାମବାସୀ ନିକଟସ୍ଥ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀଙ୍କ ସହାୟତାରେ ଝିଅଟିକୁ ମୟୂରଭଞ୍ଜ ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନକୁ ପଠାଇ ଦିଆଯାଇଥିଲା। ଉତ୍ତମ ପୁଷ୍ଟିକର

### ଡାଆଣୀ ସନ୍ଦେହରେ ମା' କୁ କରାଯାଇଥିଲା ବିତାଡ଼ିତ

ଖାଦ୍ୟ, ସ୍ୱାସ୍ଥ୍ୟସେବା ସହ ଝିଅଟିର ଶିକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଗଲା। ହେଲେ ପରିବାର ସଦସ୍ୟ କେହି ବି ମଧୁମିତାଙ୍କୁ ଦେଖା କରିବାକୁ ଆସୁ ନଥିଲେ। ପରବର୍ତ୍ତୀ ସମୟରେ ଆଶାବରୀ, ପୁଡୁଚେରୀରେ ମାଲିକଙ୍କ ସହ ନିଜ ଝିଅ ବିଷୟରେ ଆଲୋଚନା କରିବା ପରେ ମାଲିକଜଣକ ମୟୂରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଯୋଗଯୋଗ କରିଥିଲେ। ପରେ ଜିଲ୍ଲାର ଏକ ଶିଶୁ ଯତ୍ନ ଅନୁଷ୍ଠାନର ଡାଟାବେସ୍‌ରୁ ଠିକଣା ଆଧାରରେ ଉଭୟଙ୍କ ତଥ୍ୟ ଜଣାପଡ଼ିଥିଲା। ଚଳିତ ବର୍ଷ ଜାନୁଆରୀ ୫ ତାରିଖରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଉଭୟ ମା' ଓ ଝିଅ ପରସ୍ପରକୁ ଭେଟିଥିଲେ। ୧୦ ବର୍ଷ ପରେ ମା' ଓ ଝିଅର ମିଳନ ମୁହୂର୍ତ୍ତ ଅତ୍ୟନ୍ତ ଭାବପ୍ରବଣ ଥିଲା। ଝିଅଟି ଏବେ ନବମ ଶ୍ରେଣୀରେ ପଢୁଥିବାରୁ ଦଶମ ବୋର୍ଡ ପରୀକ୍ଷା ପର୍ଯ୍ୟନ୍ତ ଶିଶୁ ଯତ୍ନ ଅନୁଷ୍ଠାନରେ ରହିବାର ନିଷ୍ପତ୍ତି ନିଆଯାଇଛି।

# ରାୟଗଡ଼ାରେ ୪ ନକଲି ଶିକ୍ଷକ ଚିହ୍ନଟ

**କାଶୀପୁର, ୧୧।୧(ସମିସ):** ଧରାପଡ଼ିଲେ ଜାଲ ପ୍ରମାଣପତ୍ର ଦେଇ ଚାକିରି କରୁଥିବା ୪ ନକଲି ଶିକ୍ଷକ। ରାୟଗଡ଼ା ଜିଲ୍ଲା କାଶୀପୁର ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଏହି ଶିକ୍ଷକମାନେ କାର୍ଯ୍ୟ କରୁଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ବିରୋଧରେ କାଶୀପୁର ଥାନାରେ ଏତଲା ଦିଆଯାଇଛି। ଅନ୍ୟ ଦୁଇଜଣଙ୍କ ବିରୋଧରେ ବିଭାଗ ପକ୍ଷରୁ

### ଦୁଇ ଶିକ୍ଷକଙ୍କ ବିରୋଧରେ ଥାନାରେ ଅଭିଯୋଗ

ତଦନ୍ତ ଚାଲିଛି। ସଂପୂର୍ଣ୍ଣ ତଦନ୍ତ ସରିବା ପରେ ସେମାନଙ୍କ ବିରୋଧରେ ବି ଏତଲା ଦିଆଯିବ ବୋଲି ବିଇଓ ଦୀପ୍ତିମୟୀ ସିଂ ସୂଚନା ଦେଇଛନ୍ତି। ମିଳିଥିବା ସୂଚନାରୁ ଜଣାଯାଇଛି ଯେ ୨୦୧୨ ଏବଂ ୨୦୧୮ ନିଯୁକ୍ତି ସମୟରେ ଏହି ଶିକ୍ଷକମାନେ ଏଠାରେ ନିଯୁକ୍ତି ପାଇଥିଲେ। ଜାଲ ପ୍ରମାଣପତ୍ର ଦେଇ ସେମାନେ ଚାକିରି କରି ଆସୁଥିଲେ। ତେବେ କୌଣସି ସୂତ୍ରରୁ ସୂଚନା ପାଇ ରାୟଗଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ନିର୍ଦ୍ଦେଶରେ ତଦନ୍ତ କରାଯାଇଥିଲା। ତଦନ୍ତରେ ବିଭାଗକୁ ୨ଜଣଙ୍କ ବିରୋଧରେ ଜାଲିଆତିର ସ୍ପଷ୍ଟ ପ୍ରମାଣ ମିଳିଥିବାରୁ ବିଇଓ ଶ୍ରୀମତୀ ସିଂ ଆଜି ସେମାନଙ୍କ ବିରୋଧରେ କାଶୀପୁର, ଦୋରଗୁଡ଼ା ଓ ଟିକିରି ଆଦି ୩ଟି ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟ ୨ ଶିକ୍ଷକଙ୍କ ବିରୋଧରେ ମଧ୍ୟ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ସେମାନଙ୍କ ବିରୋଧରେ ବି ଏତଲା ଦିଆଯିବ ବୋଲି ବିଇଓ କହିଛନ୍ତି।

## ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ଚୟନରେ ଅନିୟମିତତା

# ୫ ବର୍ଷ ହେଲା ଯାଉଛନ୍ତି ୨୫ କିମି.

**ମୁନିଗୁଡ଼ା,୧୧।୧(ସମିସ):** ଶିକ୍ଷା ବିଭାଗର ନିର୍ଦ୍ଦେଶକୁ ଅଣଦେଖା କରି ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ଚୟନରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ସରକାରୀ ହାଇସ୍କୁଲରେ ପଢୁଥିବା ମାଟ୍ରିକ୍ ଛାତ୍ରଛାତ୍ରୀଙ୍କ ଲାଗି ପରୀକ୍ଷା କେନ୍ଦ୍ର ସେମାନେ ପଢୁଥିବା ସ୍କୁଲଠାରୁ ୫ କିଲୋମିଟର ବ୍ୟବଧାନରେ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି। କିନ୍ତୁ ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି, ଆଜି ବି ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ବୋର୍ଡ ପରୀକ୍ଷା ପାଇଁ ୨୫ କି.ମି ଦୂରକୁ ଯାଉଛନ୍ତି। ଏଭଳି ଅନିୟମିତତା ଦେଖିବାକୁ ମିଳୁଛି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳାଠାରେ। ଏ ଅଞ୍ଚଳରେ ଥିବା ସର୍ବପୁରାତନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବୋର୍ଡ ପରୀକ୍ଷା ପାଇଁ ଆଜି ବି ୨୫ କି.ମି ଦୂର ମୁନିଗୁଡ଼ା ଯାଉଛନ୍ତି। ଏହାକୁ ନେଇ ଅଭିଭାବକମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିଯୋଗୁଁ ଛାତ୍ରଛାତ୍ରୀମାନଙ୍କ ସମୟ ନଷ୍ଟ ହେବା ସହ ସେମାନେ ଅଯଥାରେ ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି। ଏହାର ପ୍ରଭାବ ସେମାନଙ୍କ ପରୀକ୍ଷା ଉପରେ ମଧ୍ୟ ପଡୁଛି ବୋଲି ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବା କଥା, ଏହି ସ୍କୁଲଠାରୁ ୫ କିମି ବ୍ୟାସାର୍ଦ୍ଧ ମଧ୍ୟରେ ଇନ୍ଦିରାଗାନ୍ଧୀ ହାଇସ୍କୁଲ, ଇଚ୍ଛାପୁର ହାଇସ୍କୁଲ ଆଦି ରହିଛି। କିନ୍ତୁ ସେଠାରେ ପରୀକ୍ଷା କେନ୍ଦ୍ର କରାନଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି।



ଏ ସଂପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ସେ କହିଥିଲେ ଯେ ପୂର୍ବରୁ ଉକ୍ତ ବିଷୟ ଉପରେ ଅନୁଧାନ କରିଥିଲେ ୫କିଲୋମିଟର ବ୍ୟବଧାନରେ ପରୀକ୍ଷା ହୋଇ ପାରିଥା'ନ୍ତା। ହେଲେ ବର୍ତ୍ତମାନ ଆଉ କିଛି ହୋଇପାରିବ ନାହିଁ ବୋଲି ଜଣାଇଛନ୍ତି।

ତେବେ ଚଳିତ ବର୍ଷ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବୋର୍ଡ ପରୀକ୍ଷା ୫ କିଲୋମିଟର ବ୍ୟବଧାନରେ ସ୍ଥିର କରିବା ପାଇଁ ଯୀଶୁ କରକରିଆ, ପ୍ରେମଲାଲ କରୁଆଁ, ବଲି କରକରିଆ, ବିଧିର ପାଲକା, ସାମନ୍ତ କୁସିଲିଆ, ନାରାୟଣ ପାତ୍ର, ଗୌତମ ଗୁଡୁରିଆ, ଶମ୍ଭୁ ନାୟକ, ଜଗନ୍ନାଥ ଭୋଇ, ଭବାନୀ ଗୁଆ, ଦିବାକର ଟାକ୍ରୀ, ଅଶୋକ ଭୋଇ, ସଞ୍ଜୟ ମହାନନ୍ଦିଆ, ପ୍ରଭାକର ପଣ୍ଡା, ସୁନିଲ ଅଗ୍ରୱାଲ, ବରୁଣ ସାହୁ ପ୍ରମୁଖ ଅଭିଭାବକମାନେ ଦାବି କରିଛନ୍ତି।

# ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର

**କାମାକ୍ଷାନଗର, ୧୧।୧ (ସମିସ):** ଢେଙ୍କାନାଳ-କାମାକ୍ଷାନଗର ପୂର୍ତ୍ତ ବିଭାଗ ରାସ୍ତାର ଆଲୁଅଝରଣଠାରେ ଗୁରୁବାର ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହେବାରୁ ଏହି ଅଘଟଣ ଘଟିଥିବା ଜଣାଯାଇଛି। ମୃତକଦ୍ୱୟ ହେଲେ, ଅଘିରାଗୋଡ଼ା ଗ୍ରାମର ଶିବରାମ ବେହେରା ଓ ନୂଆ ମହୁଲି ଗ୍ରାମର ସାଗର ସାହୁ। ଗୁରୁତର କାହ୍ନା ସାହୁଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅପରପକ୍ଷେ ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ■ ଢେଙ୍କାନାଳରେ ପକ୍ଷୀ ଗଣନା

# ୫୧ ପ୍ରଜାତିର ୬,୬୧୫ ପକ୍ଷୀ ଠାବ

**ଢେଙ୍କାନାଳ,୧୧।୧(ସମିସ):** ଢେଙ୍କାନାଳ ଜିଲ୍ଲାର ୮ଟି ବନାଞ୍ଚଳରେ ଜଳଚର ପକ୍ଷୀ ଗଣନା ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷି ବୈଷୟିକ ବିଦ୍ୟାଳୟ ସହ ବିଭିନ୍ନ ଫରେଷ୍ଟ୍ରି ମହାବିଦ୍ୟାଳୟର ୧୨ଜଣ ଏଥିରେ ସାମିଲ ହୋଇଥିଲେ। ଏବର୍ଷ ଜିଲ୍ଲାକୁ ୫୧ପ୍ରକାରର ମୋଟ ୬, ୬୧୫ଟି ପକ୍ଷୀଙ୍କ ଆଗମନ ହୋଇଥିବା ସୂଚନା ମିଳିଛି।



ଶୀତର ପ୍ରକୋପ ଜାରି ରହିଥିବା ବେଳେ ଅନ୍ତଃପ୍ରବାସୀ ପକ୍ଷୀଙ୍କ ଆଗମନ ରହିଛି। ପ୍ରତିବର୍ଷ ପରି ଚଳିତବର୍ଷ ଜାନୁଆରୀ ୧ ରେ ବନ ବିଭାଗ ପକ୍ଷରୁ ଜଳଚର ପକ୍ଷୀଗଣନା ଆରମ୍ଭ ହୋଇଛି। ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କରଙ୍କ ନିର୍ଦ୍ଦେଶକ୍ରମେ ବନଖଣ୍ଡରେ ଥିବା ୪୨ଟି ବିଭିନ୍ନ ସ୍ଥାନରେ ପକ୍ଷୀଗଣନା ହୋଇଛି। ଏଥିରେ ଜିଲ୍ଲାର କିଛି ନଦୀ ଓ ପୋଖରୀ ମଧ୍ୟ ସାମିଲ୍ ରହିଛି। ଏ ନେଇ ଗତ ଜାନୁଆରୀ ୯ ତାରିଖ ଦିନ ଏକ ତାଲିମ ଶିବିରର ଆୟୋଜନ କରାଯାଇଥିଲା। ଇ-ବାର୍ଡ ଆପ୍‌ର ସହାୟତା ତାଲିମ୍ ଦେବା ସହ ପକ୍ଷୀ ଗଣନା କାର୍ଯ୍ୟ କିପରି ସୁଚାରୁ ରୂପେ ହୋଇପାରିବ, ତାହା ଉପରେ ତାଲିମ୍ ଦିଆଯାଇ ଶିବିରରେ ଦୂରବୀକ୍ଷଣ ଯନ୍ତ୍ର ପ୍ରଦାନ କରାଯାଇଥିଲା।

## ଆଜିର ରାଶିଫଳ

**ମେଷ:** ବ୍ୟକ୍ତିଗତ ମାମଲାରେ ବ୍ୟସ୍ତ ରହିବେ। ସକାରାତ୍ମକ ଦୃଷ୍ଟିକୋଣ ବନାନ୍ତୁ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**ବୃଷ:** ନିଜ ପାଇଁ ସମୟ କାଢ଼ନ୍ତୁ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ବ୍ୟାପାରରେ ସଫଳ ହେବେ। ଉଧାର ଧନ ଫେରିପାଇବେ। କୋର୍ଟକଚେରୀ ମାମଲାର ସମାଧାନ ହେବ।

**ମିଥୁନ:** ପରିଶ୍ରମର ଫଳ ମିଳିବ। ନୂତନ ଦାୟିତ୍ୱ ମିଳିପାରେ। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଧନପ୍ରାପ୍ତି ହେବ। ମନ ପ୍ରସନ୍ନ ରହିବ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କର୍କଟ:** ଅଫିସ୍ କାମ ପାଇଁ ଦୂରସ୍ଥାନ ଯାତ୍ରା କରିପାରନ୍ତି। ବ୍ୟବସାୟ ପାଇଁ ଯୋଜନା କରିବେ। ଧାର୍ମିକ ସମାବେଶରେ ସମୟ ବିତିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ବ୍ୟୟ ହେବ।

**ସିଂହ:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗଣ୍ଡଗୋଳ ଉପୁଜିପାରେ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଜୀବନସାଥୀଙ୍କଠାରୁ ଉପହାର ମିଳିବ।

**ତୁଳା:** ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ଭଲ କାମ କରି ପ୍ରଶଂସିତ ହେବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆୟ ଅନୁସାରେ ବ୍ୟୟ କରିବା ଭଲ। ପୁରୁଣା ରୋଗ ସମସ୍ୟା ଚିନ୍ତା ବଢ଼ାଇପାରେ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ପରିବାରରେ ହସଖୁସି ଲାଗି ରହିବ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ମଧୁମୟ ହେବ। ବହୁ ଦିନର ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ସନ୍ତାନଙ୍କ ସଫଳତାରେ ଅଭିଭାବକ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ। ଗୃହିଣୀଙ୍କୁ ଗୁରୁ ଦାୟିତ୍ୱ ମିଳିବ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୁଚାରୁରୂପେ ତୁଲାଇବେ। ଲେଖାଲେଖି ପ୍ରତି ରୁଚି ବଢ଼ିବ। ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ। ଅଚାନକ ଖୁସି ଖବର ପାଇପାରନ୍ତି।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତିତ ରହିବେ। ଆଜି ଦିନଟି ଦାନ ଧର୍ମରେ ବିତିବ। ରାଜନୀତିରେ ସକ୍ରିୟ ହୋଇପାରନ୍ତି।

# CBSE BOARD EXAMINATION (2023-24)
# PROBABLE QUESTION PAPER
# CLASS-X, SUB- I.T.

**SECTION-A (1 Mark)**

1. **Answer any 4 out of the given 6 questions on Employability Skills.** **(1x4=4)**

I. Which operating system allows more than one users to work on the same computer at different times?
(a) multiprogramming (b) multiprocessors
(c) multi-user (d) multi-tasking
II. Which is a series of exercises practiced to get control over body and mind?
(a) meditation (b) Nature Walk (c) yoga (d) physical exercise
III. Which of the following statements is not correct about the Qualities of an entrepreneur?
(a) Successful entrepreneurs adapt the habit of hard work from a very early stage.
(b) Entrepreneur should not think optimistically about the future of the business.
(c) Confident entrepreneur must not deviate from his/her decisions too early in case success is delayed.
(d) Entrepreneurs like to function at their own will.
IV. Which one is the correct pattern to remove temporary files?
(a) #temp# (b) %temp% (c) %Stemp% (d) &temp&
V. Which one of the below is not the quality of self-confident people?
(a) Dependent (b) Hard working (c) Positive Attitude (d) Commitment
VI. Which one is not the positive impact of an Entrepreneur on society?
(a) Stimulates Innovation and Efficiency
(b) Creates Jobs and Employment Opportunities
(c) Solves the problems of the society
(d) Discourages welfare of the society

2. **Answer any 5 out of the given 6 questions.** **(1 x 5=5)**

I. Which key is used to reduce repetitive strain of an user?
(a) Sticky (b) Serial (c) Mouse (d) Toggle
II. Which from the following means that the query uses criteria to display only required data?
(a) Filtering (b) sorting (c) Report (d) Forms
III. Which of the following application software is not appropriate to store data?
(a) Open Office Base (c) Open Office Writer
(b.) MS Access (d) MS Excel
IV. A work book has a sheet named _______ which is managed using tabs at the bottom of the spreadsheet.
(a) Sheet1 (b) Untitled (c) Worksheet1 (d) New Sheet
V. In a word processor, which option can be choosen for a scaled resizing of an image.
(a) Original Size (b) Keep ratio (c) Image Size (d) Relative
VI. Multiple copies of the same data in a database table leads to _______.
(a) Data Inconsistency (b) Data Consistency
(c) Data Redundancy (d) Foreign Key

3. **Answer any 5 out of the given 6 questions.** **(1 x 5=5)**

I. It is a reference point for the graphics which is created while positioning any image. This point could be the page, or frame where the object is either a paragraph, or even a character in a word processor.
(a) Wrap Text (b) Alignment (c) Anchoring (d) Bookmark
II. Which property can be used to help to set the number of characters in text type field of a table in DBMS.
(a) Entry Required (b) Default Value (c) Size (d) Length
III. Which feature of a computer is designed to help users with auditory impairment?
(a) Sound Sentry (b) High Contrast (c) Serial key (d) show sounds
IV. State whether True or False
"It is not possible to create a default template in a Word processor".
(a) True (b) False
V. Viewers can add their hints called as _______ to explain their changes.
(a) Comments (b) Hyperlink (c) Worksheet (d) Macros
VI. In Calc, Arguments passed to a macro from Calc are always__________.
(a) Cell Reference (b) Value (c) both a and b (d) Sheet Reference

4. **Answer any 5 out of the given 6 questions.** **(1 x 5=5)**

I. Which of the below given websites offers offline blogging service for free.
(a) blog desk (b) Qumana (c) wordpress (d) both a and b
II. Suggest the option used to create the index automatically in a word processor.
(a) tables (b) Mail Merge (c) columns (d) Table of Content
III. Text data type can store how many characters by default in DBMS.
(a) 150 (b) 255 (c) 200 (d) 250
IV. A healthy lifestyle helps keep and improve people's health and well-being. It does not include
(a) healthy eating habits (b) stress management
(c) physical activities (d) less sleep
V. In Hyperlink dialog box click on the ______ icon available in a spreadsheet to create a hyperlink to a web FTP.
(a) browser (b) hyperlink (c) Internet (d) mail & news
VI. Which option refers to a cell or a range of cells on a worksheet and can be used to find the values or data that you want formula to calculate?
(a) Cell Reference (b) Block (c) Sheet Reference (d) Auto-Fill

5. **Answer any 5 out of the given 6 questions.** (1x5=5)

I. In which of the below given modes, we can modify in the structure of table?
(a) Datasheet view (b) Structure view
(c) Design View (d) All of the above
II. BSNL stands for_______
(a) Bihar Sanchar Nigam Limited
(b) Bharat Samachar Nigam Limited
(c) Bharat Sanchar Nigam Limited (d) None of the above
III. Which feature of Excel takes data from a series of worksheets or workbooks and summarizes it into a single worksheet?
(a) Data Combination (b) Data Merging
(c) Data Consolidation (d) Data Concatenation
IV. Which file type can store data in a single table which is suitable to store less amount of Data?
(a) Flat File (b) Relational (c) Mini File (d) Single File
V. In a word processor, by default ________ levels of headings is possible.
(a) 3 (b) 7 (c) 10 (d) 12
VI. In _________ Networks, all computers have an equal status.
(a) MAN (b) WAN (c) Client server (d) P2P

**Section B (Subjective Type)**

**Answer any 3 out of the given 5 questions on Employability skills.** **(2×3=6)**

6. Write the features(at least 2) of the ability to work independently?
7. Which reasons of stress are called as the stress causal agents.
8. What do you mean by Disk Defragmentation?
9. Explain any two Myths about Entrepreneurship.
10. Write the roles (any four) of an Entrepreneur.

**Answer any 4 out of the given 6 questions in 20-30 words each.** **(2x4=8)**

11. Is Template helpful. If yes State any two purposes of using Templates in a word document.
12. Write the reason of using Macros in a spreadsheet.
13. What do you mean by Hyperlinks? Discuss different types of hyperlinks.
14. Write the Numeric and Alphanumeric data types in DBMS.
15. Differentiate between Filter Keys and Toggle Keys in Microsoft Windows.
16. Is Online shopping useful? Why? Write two popular e-commerce websites.

**Answer any 3 out of the given 5 questions in 50-80 words each.** **(4x3=12)**

17. Write short notes on the following:
(a) Goal seek
(b) Subtotal
(c) Solver
(d) Scenarios

18. Explain the following briefly.
(a) Merge Field
(b) Data Source
(c) Main Document
(d) Mention two types of data on which mail merge can be applied.

19. Consider the following table :SALES

| Prod_Name | Price | Discount |
|---|---|---|
| Desktop | 6500 | 250 |
| Scanner | 2950 | 100 |
| Tablet | 5000 | 155 |
| Printer | 1200 | 200 |

i. How many fields and records are there in Sales table?
ii. Write SQL commands for the following
(a) Display Prod_Name and price of all products whose discount is more than 150
(b) Display the details alphabetically by price.
(c) Display sales price after deducting the discount from the price
Note: Sales price can be calculated as (price-discount)

20. Explain the following to get a better understanding of the DBMS concepts.
i. What is DBMS ?
ii. Name any two database programs which can be used to create a table and store the data as per the requirement
iii. Which field will be appropriate to be set as a Primary Key?
iv. Is it possible to make more than one field as a primary key in your table (Yes No) Justify your answer

21. Answers of the following questions.
(a) What do you mean by internet Service Provider?
(b) Expand the following terms:
WWW
WAN
(c) Mention any two advantages of Networking
(d) What is a Blog? Name any two Blog sites.

*****

*All the Best...*

**ANSWER KEY**

**1.** i. (c) ii. (c) iii. (b) iv. (b) v. (a) vi. (d)
**2.** i. (a) ii. (a) iii. (c) iv. (a) v. (b) vi. (c)
**3.** i. (c) ii.(d) iii. (a) iv. (b) v. (a) vi. (b)
**4.** i. (d) ii. (d) iii. (b) iv. (d) v. (c) vi. (a)
**5.** i. (c) ii. (c) iii. (c) iv. (a) v. (a) vi. (d)

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

## ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ପରିଚାଳନା କରିବେ ମହିଳା ରେଫରି ୟାମାଶିତା



**ନୂଆଦିଲ୍ଲୀ, ୧୧ ।୧ (ଏଜେନ୍ସି):** ଶୁକ୍ରବାରଠାରୁ କତାରରେ ଆରମ୍ଭ ହେବାକୁ ଯାଉଥିବା ଏଏଫ୍‌ସି ଏସିଆନ୍ କପ୍‌ରେ ଜାପାନର ୩୭ ବର୍ଷୀୟା ୟୋଶିମି ୟାମାଶିତା ପ୍ରଥମ ମହିଳା ରେଫରି ଭାବେ ମ୍ୟାଚ୍ ପରିଚାଳନା କରିବେ। ଶନିବାର ଅହମ୍ମଦ ବିନ ଅଲି ଷ୍ଟାଡିୟମରେ ଗ୍ରୁପ୍ ବି'ରେ ଖେଳାଯିବାକୁ ଥିବା ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ସେ ଏହି ଗୁରୁଦାୟିତ୍ୱ ବହନ କରିବେ ବୋଲି ଏସିଆ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଏଏଫ୍‌ସି ସୂଚନା ଦେଇଛି। ୟାମାଶିତାଙ୍କୁ ସହାୟକ ରେଫରି ମାକୋଟୋ ବୋଜୋନେ ଓ ନାଓମି ତେଶିରୋଗି ସହାୟତା ପ୍ରଦାନ କରିବେ। ଫଳରେ ପ୍ରଥମଥର ପାଇଁ ସବୁ ମହିଳା ରେଫରି ଏହି ମ୍ୟାଚ୍‌ରେ ପରିଚାଳନାର ଦାୟିତ୍ୱ ବହନ କରିବେ।

■ ୧୯ ବର୍ଷରୁ କମ୍ ତ୍ରିରାଷ୍ଟ୍ରୀୟ କ୍ରିକେଟ

## ଭାରତ-ଦ.ଆଫ୍ରିକା ଯୁଗ୍ମ ବିଜେତା

**ଜୋହାନ୍ସବର୍ଗ, ୧୧। ୧ (ଏଜେନ୍ସି):** କ୍ରମାଗତ ପ୍ରବଳ ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଛି। ଫଳରେ ଉଭୟ ଦଳଙ୍କୁ ଯୁଗ୍ମ ବିଜେତା ଘୋଷଣା କରାଯାଇଛି। ତୃତୀୟ ଦଳ ଭାବେ ଆଫଗାନିସ୍ତାନ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ଏହି ପ୍ରତିଯୋଗିତାରେ ସମସ୍ତ ୪ଟି ଯାକ ଲିଗ୍ ମ୍ୟାଚ୍ ଜିତି ଅପରାଜେୟ ରହିଥିବା ଭାରତ ଏବେ ଜାନୁଆରୀ ୧୯ରୁ ଆରମ୍ଭ ହେବାକୁ ଯାଉଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ ଉପରେ ଦୃଷ୍ଟି ନିବଦ୍ଧ କରିଛି। ଏହି ପ୍ରତିଯୋଗିତାରେ ଭାରତ ୫ଥର ଟାଇଟଲ ଜିତିବାରେ ସମର୍ଥ ହୋଇଛି। ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ଦୁଇଟି ୱାର୍ମଅପ୍ ମ୍ୟାଚ୍ ଖେଳିବ। ଶନିବାର ଅଷ୍ଟ୍ରେଲିଆ ଓ ବୁଧବାର ଶ୍ରୀଲଙ୍କା ସହ ଏହି ୱାର୍ମଅପ୍ ମ୍ୟାଚ୍ ପ୍ରିଟୋରିଆରେ ଖେଳାଯିବ। ଏହି ବିଶ୍ୱକପ୍‌ରେ ବାଂଲାଦେଶ ସହ ମୁକାବିଲା କରି ଭାରତ ତାହାର ଅଭିଯାନ ଆରମ୍ଭ କରିବ। ତ୍ରିରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଉଭୟ ଅଧିନାୟକ ଅଜୟ ସାହରନ ଓ ଓପନର ଆଦର୍ଶ ସିଂ ଶତକ ହାସଲ କରିଛନ୍ତି। ଏହା ମଧ୍ୟରେ ଆଦର୍ଶ ୩ଟି ମ୍ୟାଚ୍‌ରୁ ୨୩୦ ରନ୍ କରି ଭଲ ଫର୍ମରେ ରହିଛନ୍ତି।

## କାର୍ତ୍ତିକ ଇଂଲଣ୍ଡ ଲାୟନ୍ସ ବ୍ୟାଟିଂ ପରାମର୍ଶଦାତା



**ଲଣ୍ଡନ, ୧୧। ୧ (ଏଜେନ୍ସି):** ଭାରତର ୱିକେଟରକ୍ଷକ ବ୍ୟାଟର ଦିନେଶ କାର୍ତ୍ତିକ ଭାରତ ଗସ୍ତରେ ଆସୁଥିବା ଇଂଲଣ୍ଡ ଲାୟନ୍ସ କ୍ରିକେଟ ଦଳର ପରାମର୍ଶଦାତା ନିଯୁକ୍ତ ହୋଇଛନ୍ତି। ଦଳର ବ୍ୟାଟିଂ ପରାମର୍ଶଦାତା ଇଆନ ବେଲ ଏବେ ମେଲବୋର୍ଣ୍ଣ ରେନେଗ୍ରେଡ୍ ସହ ରହିଥିବାରୁ କାର୍ତ୍ତିକ ମାତ୍ର ୯ ଦିନ ସକାଶେ ଏହି ଦାୟିତ୍ୱରେ ରହିବେ। ଇଂଲଣ୍ଡ ଲାୟନ୍ସ ଭାରତ ଗସ୍ତରେ ଆସି ଜାନୁଆରୀ ୧୨ ଓ ୧୩ରେ ୱାର୍ମ ଅପ୍ ମ୍ୟାଚ୍ ଖେଳିବ। ଏହା ପରେ ଦୁଇ ଟିକିଆ ଟେଷ୍ଟ ମ୍ୟାଚ୍ ଜାନୁଆରୀ ୧୭ରୁ ଅହମ୍ମଦାବାଦ୍‌ରେ ଖେଳାଯିବ। ଭାରତ ସହ ବରିଷ୍ଠ ଦଳ ଟେଷ୍ଟ ଦଳ ସିରିଜ୍ ଖେଳିବା ପୂର୍ବରୁ ଏଥିରେ କିଛି ଖେଳାଳି ଭାରତୀୟ ପିଚ୍ ଓ ପରିବେଶ ସହ ଅଭ୍ୟସ୍ତ ହେବେ।

**ଇଂଲଣ୍ଡ ଲାୟନ୍ସ ଦଳ:** ଜୋଶ ବୋହାନନ୍ (ଅଧିନାୟକ), କାସି ଆଲଡ୍ରିଜ୍, ବ୍ରାଇଡନ କାର୍ସ, ଜ୍ୟାକ୍ କାର୍ସନ, ଜେମ୍ସ କୋଲ୍ସ, ମ୍ୟାଟ ଫିଶର, କିଟନ ଜେନିଙ୍ଗ୍ସ, ଟମ୍ ଲୱେସ, ଆଲେକ୍ସ ଲୀଜ୍, ଡାନ ମୋସ୍‌ଲୀ, କାଲମ ପାର୍କିନସନ, ମ୍ୟାଟ ପଟ୍ସ, ଓଲି ପ୍ରାଇସ୍, ଜେମ୍ସ ରିଉ ଓ ଓଲି ରବିନସନ।

**ଆଜିଠାରୁ ଏଏଫ୍‌ସି ଏସିଆନ କପ୍**

# ଶନିବାର ଅଷ୍ଟ୍ରେଲିଆ ବିପକ୍ଷରୁ ଭାରତର ଅଭିଯାନ

ନୂଆଦିଲ୍ଲୀ,୧୧ ।୧(ଏଜେନ୍ସି)



ମଧ୍ୟପ୍ରାଚ୍ୟ ଦେଶ କତାରରେ ଶୁକ୍ରବାରଠାରୁ ଏସିଆ ମହାଦେଶର ସର୍ବବୃହତ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଏଏଫ୍‌ସି ଏସିଆନ କପ୍‌ର ଅଷ୍ଟାଦଶ ସଂସ୍କରଣ ଆରମ୍ଭ ହେବ। ଶନିବାର ଭାରତ ୨୦୧୫ ଚାମ୍ପିଅନ ଅଷ୍ଟ୍ରେଲିଆ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଭାରତୀୟ ଫୁଟବଲ ଦଳ ପ୍ରଥମଥର ପାଇଁ କ୍ରମାଗତ ଦ୍ୱିତୀୟଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଭାରତ ଏଥର ଅଷ୍ଟ୍ରେଲିଆ, ଉଜବେକିସ୍ତାନ ଓ ସିରିଆ ସହ ଗ୍ରୁପ୍ ବି'ରେ ସାମିଲ ହୋଇଛି। ଭାରତ ୫ମଥର ପାଇଁ ଏସିଆନ କପ୍ ଖେଳିବାକୁ ଯାଉଛି। ଏସିଆର ଶ୍ରେଷ୍ଠ ୨୪ ଦଳ ଭାରତ ପାଇଁ ଏହି ଟୁର୍ଣ୍ଣାମେଣ୍ଟରେ ଚ୍ୟାଲେଞ୍ଜ ସୃଷ୍ଟି କରିବେ। ଶୁକ୍ରବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ କତାର ଓ ଲେବାନନ ପରସ୍ପରକୁ ଭେଟିବେ।

ଗତ ୬୮ ବର୍ଷ ହେବ ଭାରତ ଏହି ଟୁର୍ଣ୍ଣାମେଣ୍ଟ ଖେଳୁଥିଲେ ମଧ୍ୟ କେବେ ହେଲେ ଚାମ୍ପିଅନ ହୋଇପାରିନାହିଁ। ତେବେ ୧୯୬୪ ଭାରତ ଫାଇନାଲରେ ପ୍ରବେଶ କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। କିନ୍ତୁ ଫାଇନାଲରେ ଇସ୍ରାଏଲଠାରୁ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ୧୯୫୬ରୁ ଅର୍ଥାତ ୬୮ ବର୍ଷ ହେବ ଖେଳାଯାଇ ଆସୁଥିବା ଏହି ଟୁର୍ଣ୍ଣାମେଣ୍ଟରେ ଏସିଆର ୨୪ଟି ଦଳ ଅଂଶଗ୍ରହଣ କରିଥାନ୍ତି। ଫେବୃଆରୀ ୧୦ରେ ଶେଷ ହେବାକୁଥିବା ଏହି ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ଗୁଡିକ କତାରର ୫ଟି ସହରର ୯ଟି ଭେନ୍ୟୁରେ ଖେଳାଯିବ। କତାରରେ ୨୦୨୨ ଫିଫା ବିଶ୍ୱକପ୍ ସଫଳତାର ସହ ଅନୁଷ୍ଠିତ ହୋଇଥିଲା।

### ଭାରତଠାରୁ ଅଷ୍ଟ୍ରେଲିଆ ଆଗରେ

ପ୍ରଥମ ମ୍ୟାଚ୍‌ରେ ଭାରତ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଭେଟିବ। ଅଷ୍ଟ୍ରେଲିଆ ୨୦୧୫ ସଂସ୍କରଣରେ ଫାଇନାଲରେ ଦକ୍ଷିଣ କୋରିଆକୁ ହରାଇ ଚାମ୍ପିଅନ ହୋଇଥିଲା। ୨୦୦୬ରେ ଅଷ୍ଟ୍ରେଲିଆକୁ ପ୍ରଥମଥର ପାଇଁ ସଦସ୍ୟତା ମିଳିଥିଲା ଓ ସେବେଠାରୁ ନିୟମିତ ଭାବେ ଏହି ଟୁର୍ଣ୍ଣାମେଣ୍ଟ ଖେଳି ଆସୁଛି। କତାରରେ ଅନୁଷ୍ଠିତ ୨୦୨୨ ଫିଫା ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରି ଦମ୍‌ଦାର ପ୍ରଦର୍ଶନ କରିଥିଲା। ଭାରତ ଓ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ୮ ଥର ପରସ୍ପରକୁ ଭେଟିଛନ୍ତି। ଏଥିରେ ଅଷ୍ଟ୍ରେଲିଆ ୫ଟିରେ ଓ ଭାରତ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚ୍ ଅମୀମାଂସିତ ରହିଛି। ୧୯୫୬ରେ ଭାରତ ଶେଷଥର ପାଇଁ ଅଷ୍ଟ୍ରେଲିଆକୁ ୭-୧ ଗୋଲ୍‌ରେ ପରାସ୍ତ କରିଥିଲା। ସେତେବେଳେ ଭାରତ ଏସିଆ ମହାଦେଶର ଶ୍ରେଷ୍ଠ ଦଳ ଭାବେ ପରିଗଣିତ ହେଉଥିଲା। ୨୦୧୧ରେ ଦୁଇ ଦଳ ଶେଷଥର ପାଇଁ ପରସ୍ପରକୁ ଭେଟିଥିଲେ। ଏସିଆନ କପ୍‌ର ଏହି ମ୍ୟାଚ୍‌ରେ ଭାରତ ୦-୪ ଗୋଲରେ ପରାସ୍ତ ହୋଇଥିଲା।

**ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ**

## ସେମିରେ ସେଣ୍ଟ ଜାଭିୟର, କିସ୍





ଭୁବନେଶ୍ୱର, ୧୧। ୧ (ସମିସ)

ଖଣ୍ଡଗିରିର ସେଣ୍ଟ ଜାଭିୟର ସ୍କୁଲ ଓ କିସ୍‌ଠାରେ ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସେଣ୍ଟ ଜାଭିୟର ୩୬ ରନ୍‌ରେ ଷ୍ଟିୱାର୍ଟ ସ୍କୁଲକୁ ଓ କିସ୍ ୮ ୱିକେଟରେ ଲୋୟଲା ସ୍କୁଲକୁ ପରାସ୍ତ କରିଛନ୍ତି। ବିଜୟୀ ସେଣ୍ଟ ଜାଭିୟର ପକ୍ଷରୁ ୬୦ ରନ୍ କରିଥିବା ଧର୍ମାଦିତ୍ୟ ସୋନକାର ଓ କିସ୍ ପକ୍ଷରୁ ୬ ରନ୍‌ରେ ୩ ୱିକେଟ ନେଇଥିବା ମନୋଜ ନାୟକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ୟୁନିଟ-୨ ବାଳିକା ବିଦ୍ୟାଳୟ ପଡ଼ିଆରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଲୋୟଲା ଓଡ଼ିଆ ସ୍କୁଲ ୨୨ ଓଭରେ ୭୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ମନୋଜ ନାୟକ ବିପକ୍ଷ ଦଳ ପକ୍ଷରୁ ସର୍ବାଧିକ ୩ଟି ୱିକେଟ ନେଇଥିଲେ। ଜବାବରେ କିସ୍ ୯ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ବିଜୟୀ ଦଳର ଜଗବନ୍ଧୁ ଗଦବା ସର୍ବାଧିକ ୨୪ ରନ୍ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ସେଣ୍ଟ ଜାଭିୟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୪ ୱିକେଟ ହରାଇ ୧୬୦ ରନ୍ କରିଥିଲା। ଜବାବରେ ଷ୍ଟିୱାର୍ଟ ସ୍କୁଲ ୧୨୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ଧର୍ମାଦିତ୍ୟ ୪୫ ବଲ୍‌ରେ ୬୦ ରନ୍ କରିଥିବା ବେଳେ ସୋହମ ପ୍ରଧାନ ୨ଟି ୱିକେଟ ଅକ୍ତିଆର କରିଥିଲେ। ଲୁଲୁ ମହାପାତ୍ର ଓ ସୁକାନ୍ତ ଦାସ ଖେଳ ପରିଚାଳନା କରିଥିଲେ।

**ଜାତୀୟ ପାରା-ଆଥଲେଟିକ ଚାମ୍ପିଅନସିପ**

## କମଳାକାନ୍ତ ଜିତିଲେ ପ୍ରଥମ ପଦକ

ଭୁବନେଶ୍ୱର, ୧୧। ୧ (ସମିସ)

ଗୋଆର ପଣଜୀଠାରେ ଚାଲିଥିବା ଜାତୀୟ ପାରା-ଆଥଲେଟିକ ଚାମ୍ପିଅନସିପ୍‌ରେ କମଳାକାନ୍ତ ନାୟକ ଓଡ଼ିଶା ଲାଗି ପ୍ରଥମ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ପୁରୁଷ ବିଭାଗ ଏଫ୍-୩ କାଟାଗୋରୀରେ କମଳାକାନ୍ତ ଜାଭେଲିନ୍ ଥ୍ରୋ'ରେ ରାଜ୍ୟ ଲାଗି ଏହି ପ୍ରଥମ ପଦକ ବିଜୟୀ ହୋଇଛନ୍ତି। ସେ ୧୬.୫୭ ମିଟର ଦୂରତାକୁ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ମହିଳା ବିଭାଗରେ ଜୟନ୍ତୀ ବେହେରା ମଧ୍ୟ ଦମଦାର ପ୍ରଦର୍ଶନ କରି ପ୍ରତିଯୋଗିତାରେ ଏକାଧିକ ପଦକ ଜିତିବା ସମ୍ଭାବନା ସୃଷ୍ଟି କରିଛନ୍ତି। ଏହି ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାରୁ ୩୦ଜଣ କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲାବେଳେ ଜାନୁଆରୀ ୧୩ରେ ଏହା ଶେଷ ହେବ।



କମଳାକାନ୍ତ ନାୟକ



ଜୟନ୍ତୀ ବେହେରା

**ଅଷ୍ଟ୍ରେଲିଆନ୍ ଓପନ୍**

## ମୁଖ୍ୟ ଡ୍ର'ଠାରୁ ଗୋଟିଏ ପାଦ ଦୂରରେ ନାଗଲ

**ମେଲବୋର୍ଣ୍ଣ,୧୧ ।୧(ଏଜେନ୍ସି):** ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନର ମୁଖ୍ୟ ଡ୍ର'ରେ ଜଣେ ଭାରତୀୟ ଖେଳାଳି ସାମିଲ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ୨୬ ବର୍ଷୀୟ ଭାରତୀୟ ତାରକା ସୁମିତ ନାଗଲ ପୁରୁଷ ଏକକ ମୁଖ୍ୟ ଡ୍ର'ଠାରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ସ୍ଥାନୀୟ କେଆଇଏ ଏରିନାରେ ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ନାଗଲ ଅଷ୍ଟ୍ରେଲୀୟ ୱାଇଲ୍ଡ କାର୍ଡ ଏଡ୍‌ୱାର୍ଡ ୱିଣ୍ଟରଙ୍କୁ ୬-୩, ୬-୨ ସେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୩୯ତମ ସ୍ଥାନରେ ଥିବା ନାଗଲ ଏବେ ଶୁକ୍ରବାର ଫାଇନାଲ ରାଉଣ୍ଡରେ ସ୍ଲୋଭାକିଆର ଆଲେକ୍ସ ମୋଲକାନଙ୍କୁ ଭେଟିବେ। ଯଦି ସେ ଫାଇନାଲ ରାଉଣ୍ଡରେ ବିଜୟୀ ହୁଅନ୍ତି ତେବେ ସେ ପୁରୁଷ ଏକକ ମୁଖ୍ୟ ଡ୍ର'ରେ ସାମିଲ ହେବେ। ସଫଳ ହେଲେ ନାଗଲ ୨୦୨୧ ପରେ ପ୍ରଥମଥର ପାଇଁ ଓ ମୋଟ ଉପରେ କ୍ୟାରିୟରର ଚତୁର୍ଥ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ପୂର୍ବରୁ ସେ ୨୦୧୯ ଓ ୨୦୨୦ରେ ୟୁଏସ୍ ଓପନ୍ ଏବଂ ୨୦୨୧ରେ ଅଷ୍ଟ୍ରେଲିଆନ୍ ଓପନ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ୨୦୧୫ରେ ପେସାଦାର ଟେନିସ୍‌ରେ ନାଗଲ ପାଦ ଦେଇଥିଲେ।



ସୁମିତ ନାଗଲ

## ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ; ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର, ୧୧। ୧ (ସମିସ)

ଓଡ଼ିଶା ଦଳ ଜାତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ବେଙ୍ଗାଲୁରୁରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ଓଡ଼ିଶା ୧୯ ରନ୍‌ରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଦିଲ୍ଲୀକୁ ହରାଇ କର୍ଣ୍ଣାଟକ ଫାଇନାଲରେ ପ୍ରବେଶ କରିଛି। ଏହା ଫଳରେ କ୍ରମାଗତ ଚତୁର୍ଥ ବର୍ଷ ଲାଗି ଓଡ଼ିଶା ଓ କର୍ଣ୍ଣାଟକ ମଧ୍ୟରେ ଫାଇନାଲ ମୁକାବିଲା ହେବ। ଗତଥର କର୍ଣ୍ଣାଟକକୁ ହରାଇ ଓଡ଼ିଶା ଚାମ୍ପିଅନ ହୋଇଥିଲା। ଚଳିତଥରର ଫାଇନାଲ ମୁକାବିଲା ଶୁକ୍ରବାର ବେଙ୍ଗାଲୁରୁର ଜିମ୍‌ଖାନା କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ।



ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଦଳ ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ୩ ୱିକେଟ ହରାଇ ୧୮୩ ରନ୍‌ର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଝିଲି ବିରୁଆ ସର୍ବାଧିକ ୮୨, ମୁନି ପୂର୍ତ୍ତି ୪୪ ଓ ପାର୍ବତୀ ମାରାଣ୍ଡି ୨୦ ରନ୍ କରିଥିଲେ। ଜବାବରେ ଆନ୍ଧ୍ରପ୍ରଦେଶ ସମାନ ସଂଖ୍ୟକ ଓଭର ଖେଳି ୪ ୱିକେଟ ବିନିମୟରେ ୧୬୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଚମତ୍କାର ଅର୍ଦ୍ଧଶତକ ସହ ୮୨ ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ଓଡ଼ିଶାର ଝିଲି ବିରୁଆଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

# ଆଜିଠୁ ଓଡ଼ିଶା-ମଧ୍ୟପ୍ରଦେଶ ରଣଜୀ

କଟକ,୧୧।୧(ସମିସ)

ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ମ୍ୟାଚ୍ ଶୁକ୍ରବାର ଠାରୁ ଆରମ୍ଭ ହେବ। ଇନ୍ଦୋରର ଏମେରାଲ୍ଡ ହାଇଟ୍ସ ଅନ୍ତର୍ଜାତୀୟ ସ୍କୁଲ ଗ୍ରାଉଣ୍ଡରେ ଘରୋଇ ମଧ୍ୟପ୍ରଦେଶକୁ ଭେଟିବ ଭ୍ରମଣକାରୀ ଓଡ଼ିଶା ଦଳ। ଏହି ଦୁଇ ଦଳ ଗତ ୨୦ବର୍ଷ ଭିତରେ ଲିଗ ପର୍ଯ୍ୟାୟରେ ମାତ୍ର ଦୁଇଥର ମୁହାଁମୁହିଁ ହୋଇଛନ୍ତି। ଯେଉଁଥିରେ ମଧ୍ୟପ୍ରଦେଶ ସହଜ ବିଜୟ ହାସଲ କରିଛି। ଚଳିତ ସିଜନର ଉତ୍ତରାଖଣ୍ଡ ବିପକ୍ଷ ପ୍ରଥମ ଲିଗ୍ ମ୍ୟାଚ୍‌କୁ ଡ୍ର ରଖିଥିଲେ ସୁଦ୍ଧା ଇନିଂସ ଅଗ୍ରଣୀ ପଏଣ୍ଟ ହାସଲ କରି ମଧ୍ୟପ୍ରଦେଶ ଆଗକୁ ବଢିଛି। ଅପରପକ୍ଷରେ ପ୍ରଥମ ମ୍ୟାଚରେ ବରୋଦା ଠାରୁ ଓଡ଼ିଶା ପରାସ୍ତ ହୋଇଥିଲା। ଅଭିଜ୍ଞ ବ୍ୟାଟର ବିଫଳ ହେବା ଓଡ଼ିଶା ପାଇଁ ଚିନ୍ତା ସୃଷ୍ଟି କରିଥିବା ବେଳେ ଏହି ତ୍ରୁଟିରେ ସୁଧାର ଆଣିବାକୁ ଦଳ ଉଦ୍ୟମ କରିବ। ସେହିପରି ମଧ୍ୟପ୍ରଦେଶର ସ୍ପିନ୍ ଆଟାକ୍ ବେଶ ପ୍ରଭାବଶାଳୀ ପରିଲକ୍ଷିତ ହେଉଛି। ଘରୋଇ ପିଚ୍‌ରେ ସ୍ପିନରଙ୍କ ଭରସାରେ ଦଳ ଏହି ମୁକାବିଲା ଜିତିବ ବୋଲି ଆଶା କରାଯାଉଛି।

ବରୋଦା ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶାର ପ୍ରମୁଖ ବ୍ୟାଟରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ଅଧିନାୟକ ଶାନ୍ତନୁ ମିଶ୍ର ଏକମାତ୍ର ଖେଳାଳି ଭାବେ ଉଭୟ ଇନିଂସରେ ଭଲ ଖେଳିଥିଲେ। ଅନୁରାଗ ଷଡ଼ଙ୍ଗୀ, ସନ୍ଦୀପ ପଟ୍ଟନାୟକ ଓ ଗୋବିନ୍ଦ ପୋଦ୍ଦାରଙ୍କ ଅର୍ଦ୍ଧଶତକୀୟ ଇନିଂସ ଦେଖିବାକୁ ମିଳିଥିଲା। ଏତଦ ବ୍ୟତୀତ ଶୁଭ୍ରାଂଶୁ ଶେଖର ସେନାପତି, କାର୍ତ୍ତିକ ବିଶ୍ୱାଳ, ୱିକେଟ କିପର ତଥା ନବାଗତ ଆଶୀର୍ବାଦ ସ୍ୱାଇଁ ସମ୍ପୂର୍ଣ୍ଣ ଫେଲ୍ ମାରିଥିଲେ। ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବ୍ୟାଟିଂ କ୍ରମରେ ପରିବର୍ତ୍ତନ ଅଣାଯିବ ବୋଲି ଆଶା କରାଯାଉଛି। ଆଶୀର୍ବାଦଙ୍କ ସ୍ଥାନରେ ରାଜେଶ ଧୂପରଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇ ପାରେ। ଅନ୍ୟପକ୍ଷରେ ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ ଦଳର ପେସ୍ ଆଟାକ ସମ୍ଭାଳିବେ। ସ୍ପିନ ଆଟାକ୍‌ରେ ଜୟନ୍ତ ବେହେରାଙ୍କୁ ସହଯୋଗ କରିବେ ନବାଗତ ହର୍ଷିତ ରାଠୋଡ। ବାମହାତୀ ଅର୍ଥୋଡକ୍ସ ହର୍ଷିତଙ୍କର ପ୍ରଥମଶ୍ରେଣୀ ଫର୍ମାଟରେ ରାଜ୍ୟ ପାଇଁ ପଦାର୍ପଣ କରିବାର ସୁଯୋଗ ରହିଛି।



**୨୦ବର୍ଷରେ ଦୁଇଥର ମୁହାଁମୁହିଁ, ମଧ୍ୟପ୍ରଦେଶ ଅପରାଜେୟ**

**ବ୍ୟାଟିଂ ତ୍ରୁଟିରେ ସୁଧାର ଆଣିବାକୁ ଉଦ୍ୟମ କରିବ ଓଡ଼ିଶା**

**ସ୍ପିନରଙ୍କ ଉପରେ ମଧ୍ୟପ୍ରଦେଶର ଅଧିକ ଭରସା**

୨୦୨୧-୨୨ ସଂସ୍କରଣର ଚାମ୍ପିଅନ ଦଳ ହେଉଛି ମଧ୍ୟପ୍ରଦେଶ। ଅଧିନାୟକ ଆଦିତ୍ୟ ଶ୍ରୀବାସ୍ତବଙ୍କ ନେତୃତ୍ୱରେ ଗଠିତ ଦଳରେ ଯଶ ଦୁବେ, ଶୁଭମ ଶର୍ମା, ଭେଙ୍କଟେଶ ଆୟର, ସାରାଂଶ ଜୈନଙ୍କ ଭଳି ପ୍ରଭାବଶାଳୀ ଖେଳାଳି ରହିଛନ୍ତି। ପ୍ରଥମ ମ୍ୟାଚ୍‌ରେ ସାରାଂଶ ଶତକୀୟ ଇନିଂସ ଖେଳି ଦଳକୁ ପ୍ରଥମ ପାଳିରେ ଅଗ୍ରଣୀ ହାସଲରେ ସହାୟକ ହୋଇଥିଲେ। ସେହିପରି ମୁମ୍ବଇ ଇଣ୍ଡିଆନ୍ସରେ ସାମିଲ ହୋଇଥିବା କୁମାର କାର୍ତ୍ତିକେୟ ପ୍ରଥମ ମ୍ୟାଚ୍‌ରେ ୮ଟି ୱିକେଟ ଅକ୍ତିଆର କରିଥିଲେ। ବାମହାତୀ ସ୍ପିନର କୁମାରଙ୍କୁ ଉଭୟ ଇନିଂସରେ ୪ଟି ଲେଖାଏ ୱିକେଟ ମିଳିଥିଲା। ବ୍ୟାଟର ସାରାଂଶ ମଧ୍ୟ ଅଫସ୍ପିନ ଜରିଆରେ ୫ଟି ୱିକେଟ ଦଖଲ କରି ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥିଲେ। ମିହିର ହିରୱାନି ମଧ୍ୟ ଦଳର ଜଣେ ପ୍ରମୁଖ ସ୍ପିନର। ଏଣୁ ଶୁକ୍ରବାର ଠାରୁ ଆରମ୍ଭ ହେବାକୁ ଥିବା ଏହି ମ୍ୟାଚ୍ ଓଡ଼ିଶା ନିମନ୍ତେ ନିଶ୍ଚିତ ରୂପେ ଚ୍ୟାଲେଞ୍ଜିଂ ହେବ।

## ଆନ୍ଧ୍ର ଅଧିନାୟକ ହନୁମାଙ୍କ ଇସ୍ତଫା

**ମୁମ୍ବଇ, ୧୧। ୧ (ଏଜେନ୍ସି):** ମୁମ୍ବଇ ବିପକ୍ଷ ମ୍ୟାଚର ଗୋଟିଏ ଦିନ ପୂର୍ବରୁ ଆନ୍ଧ୍ର ପ୍ରଦେଶ ରଣଜୀ ଦଳର ଅଧିନାୟକ ହନୁମା ବିହାରୀ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ ସ୍ଥାନରେ ବରିଷ୍ଠ ବ୍ୟାଟର ରିକି ଭୂଇ ଆନ୍ଧ୍ର ଦଳର ନେତୃତ୍ୱ ନେଇଛନ୍ତି। ଏଠାରେ ଶୁକ୍ରବାର ମୁମ୍ବାଇ ସହ ଆନ୍ଧ୍ର ରିକି ଭୂଇଙ୍କ ନେତୃତ୍ୱରେ ଦ୍ୱିତୀୟ ରାଉଣ୍ଡ ରଣଜୀ ମ୍ୟାଚ୍ ଖେଳିବ।



କିନ୍ତୁ ହଠାତ୍ ହନୁମାଙ୍କ ଇସ୍ତଫା ଦଳକୁ ଅଡୁଆରେ ପକାଇଛି। ଚଳିତ ସିଜନରେ ସେ ଆନ୍ଧ୍ରପ୍ରଦେଶ ଛାଡି ଅନ୍ୟ ରାଜ୍ୟରୁ ଖେଳିବାକୁ ଇଚ୍ଛା ପ୍ରକାଶ କରିଥିଲେ। କିନ୍ତୁ ତାଙ୍କୁ ଏନ୍‌ଓସି ଦିଆଯାଇ ନଥିଲା। ବେଙ୍ଗଲ ବିପକ୍ଷରେ ସେ ଦଳର ନେତୃତ୍ୱ ନେଇ ପ୍ରଥମ ଇନିଂସ ଅଗ୍ରଣୀ କରାଇବାରେ ସମର୍ଥ ହୋଇଥିଲେ। ଗତ ୧୮ ମାସ ହେଲାଣି ତାଙ୍କୁ ଜାତୀୟ ଦଳରେ ଖେଳିବାକୁ ସୁଯୋଗ ମିଳୁନାହିଁ। ଏହା ଫଳରେ ସେ ଚାପରେ ଅଛନ୍ତି। ଏବେ ନେତୃତ୍ୱ ଛାଡି କେବଳ ବ୍ୟାଟିଂରେ ମନୋନିବେଶ କରିବାକୁ ସେ ଅଧିନାୟକ ପଦ ଛାଡିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଅନ୍ୟ ପକ୍ଷରୁ ରିକି ଭୂଇ ଜଣେ ବରିଷ୍ଠ ଖେଳାଳି ଓ ସେ ଦଳ ସହ ଗତ ଏକ ଦଶନ୍ଧି ଧରି ରହିଛନ୍ତି। ଦଳ ଭଲ ଆରମ୍ଭ କରିଛି ଓ ତାହାକୁ ବଜାୟ ରଖିବା ଆମର ପ୍ରଥମ ଦାୟିତ୍ୱ ହେବ ବୋଲି ରିକି କହିଛନ୍ତି।

# ଶିବମ-୬୦*; ପ୍ରଥମ ଟି-୨୦ ଜିତିଲା ଭାରତ

ମୋହାଲି, ୧୧।୧ (ଏଜେନ୍ସି)

ଶିବମ ଦୁବେଙ୍କ ଅପରାଜିତ ଅର୍ଦ୍ଧଶତକ (୬୦ ରନ୍, ୪୦ ବଲ, ୫ ଚୌକା ଓ ୨ ଛକା) ଓ ଜିତେଶ ଶର୍ମାଙ୍କ ୨୦ ବଲରୁ ୩୧ ରନ୍ ସହାୟତାରେ ଏଠାରେ ଗୁରୁବାର ଖେଳାଯାଇଥିବା ପ୍ରଥମ ଟି-୨୦ ମ୍ୟାଚ୍‌ରେ ଭାରତ ୬ ୱିକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଇନ୍ଦୋରରେ ଆସନ୍ତା ୧୪ରେ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୫ ୱିକେଟରେ ୧୫୮ ରନ୍ କରିଥିଲା। ଜବାବରେ ଭାରତ ୧୭.୩ ଓଭରରେ ୪ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ବିସ୍ଫୋରକ ବ୍ୟାଟିଂ କରିଥିବା ଦୁବେଙ୍କ ଅର୍ଦ୍ଧଶତକକୁ ବାଦ୍ ଦେଲେ ତିଳକ ବର୍ମା ୨୨ ବଲ୍‌ରେ ୨୬, ଶୁବମାନ ଗିଲ ୧୨ ବଲ୍‌ରେ ୨୩ ଓ ରିଙ୍କୁ ସିଂ ୯ ବଲ୍‌ରେ ଅପରାଜିତ ୧୬ ରନ୍ କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ଲାଗି ଶିବମ ଦୁବେଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।




ଶିବମ ଦୁବେ
ରନ୍ - ୬୦*, ବଲ୍ - ୪୦
ଛକା - ୨, ଚୌକା - ୫
ବୋଲିଂ: ୨-୦-୧-୯

## ଶେଷ ୧୦ ଓଭରରେ ଭଲ ବ୍ୟାଟିଂ

ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତିବା ପରେ ଆଫଗାନିସ୍ତାନକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲେ। ଆଫଗାନର ଦୁଇ ଓପନର ମନ୍ଥରଗତିରେ ବ୍ୟାଟିଂ କରିଥିଲେ ମଧ୍ୟ ଭାଗିଦାରୀରୁ ଅର୍ଦ୍ଧଶତକ ହାସଲ କରିଥିଲେ। କିନ୍ତୁ ଉଭୟ ଖେଳାଳି ମାତ୍ର ୩ ରନ୍ ବ୍ୟବଧାନରେ ଆଉଟ ହୋଇଯିବାରୁ ଦଳ ପ୍ରଥମ ୧୦ ଓଭରରେ ୩ ୱିକେଟ ହରାଇ ୫୭ ରନ୍ କରିଥିଲା। କିନ୍ତୁ ଆଜମତୁଲ୍ଲା ଓମରଜାଇଙ୍କ ସହ ମହମ୍ମଦ୍ ନବି ଯୋଗ ଦେବା ପରେ ଭ୍ରମଣକାରୀ ଦଳର ରନ୍ ହାରରେ ଉନ୍ନତି ହୋଇଥିଲା। ଏମାନେ ଚତୁର୍ଥ ୱିକେଟ ଭାଗିଦାରୀରେ ୪୩ ବଲରୁ ୬୮ ରନ୍ ଉଠାଇଥିଲେ। ଆଜମତୁଲ୍ଲା ୨୨ ବଲ୍‌ରେ ୨୯ ଓ ନବି ୨୭ ବଲ୍‌ରେ ୨ ଚୌକା ଓ ୩ ଛକା ସହ ଦଳ ପକ୍ଷରୁ ସର୍ବାଧିକ ୪୨ ରନ୍ କରିଥିଲେ। ମୁକେଶ କୁମାର ଉଭୟ ଖେଳାଳିଙ୍କୁ ୧୮ତମ ଓଭରରେ ଆଉଟ କରିଦେଇଥିଲେ। କିନ୍ତୁ ଶେଷ ୨ ଓଭରରେ ନଜିବୁଲ୍ଲା ଜଦ୍ରାନ ଓ କରିମ ଜାନତ ୫ଟି ବାଉଣ୍ଡରୀ ମାରିବା ଫଳରେ ଆଫଗାନିସ୍ତାନ ଏକ ସମ୍ମାନଜନକ ସ୍କୋର କରିବାରେ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ଅକ୍ଷର ପଟେଲ ଓ ମୁକେଶ କୁମାର ଅପେକ୍ଷାକୃତ ଭଲ ବୋଲିଂ କରି ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଲେଗ୍ ସ୍ପିନର ରବି ବିଷ୍ଣୋଇ ୩ ଓଭରରେ ୩୫ ରନ୍ ଦେ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। କୁଲଦୀପ ଯାଦବଙ୍କୁ ଛାଡି ଅନ୍ୟ ସମସ୍ତ ସ୍ପିନର ଏହି ମ୍ୟାଚ୍ ଖେଳିଥିଲେ। ଭାରତ ପକ୍ଷରୁ ବିରାଟ କୋହଲି ଓ ଯଶସ୍ୱୀ ଜୟସ୍ୱାଲ ଏହି ମ୍ୟାଚ୍ ଖେଳି ନ ଥିଲେ।

### ସଂକ୍ଷିପ୍ତ ସ୍କୋର

**ଆଫଗାନିସ୍ତାନ:** ୧୫୮/୫, ୨୦ ଓଭର (ମହମ୍ମଦ୍ ନବି-୪୨, ଆଜମତୁଲ୍ଲା ଓମରଜାଇ-୨୯, ଇବ୍ରାହିମ ଜଦ୍ରାନ-୨୫, ଅକ୍ଷର ପଟେଲ-୨/୨୩, ମୁକେଶ କୁମାର-୨/୩୩)।

**ଭାରତ:** ୧୫୯/୪, ୧୭.୩ ଓଭର (ଶିବମ ଦୁବେ-୬୦*, ତିଳକ ବର୍ମା-୨୬, ଶୁବମାନ ଗିଲ-୨୩, ରିଙ୍କୁ ସିଂ-୧୬*, ମୁଜୀବ-ଉର-ରହମନ-୨/୨୧)।

# ଉତ୍ସାହ ଭରିଲେ ୫-ଟି ଅଧ୍ୟକ୍ଷ

**କଟକ,୧୧।୧(ସମିସ):** ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଅଲ୍ଟିମେଟ ଖୋ ଖୋର ଦ୍ୱିତୀୟ ସଂସ୍କରଣ ଖେଳାଯାଉଛି। ଗୁରୁବାର ସନ୍ଧ୍ୟାରେ ଓଡ଼ିଶା ଜଗରନଟ୍ସ ଓ ଗୁଜୁରାଟ ଜାଏଣ୍ଟସ ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିଙ୍କ ମନରେ ଉତ୍ସାହ ଭରିଥିଲେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଗ୍ୟାଲେରୀରେ ବସି ଖେଳ ଉପଭୋଗ କରିବା ସହିତ ଓଡ଼ିଶା ଜଗରନଟ୍ସ ଖେଳାଳିଙ୍କ ସହ ଆଲୋଚନା କରିଥିଲେ। ଖେଳାଳି, କୋଚ୍ ଏବଂ ଅନ୍ୟ ଷ୍ଟାଫଙ୍କ ସହ ଫଟୋ ମଧ୍ୟ ଉଠାଇଥିଲେ। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ କହିଥିଲେ ଯେ, ଓଡ଼ିଶା ଏକ ଖେଳ ପ୍ରିୟ ରାଜ୍ୟ। ଏଠାକାର ଲୋକେ ଖେଳକୁ ଅଧିକ ଭଲ ପାଆନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଖେଳକୁ ଭଲପାଇବା ସହିତ ରାଜ୍ୟରେ କ୍ରୀଡ଼ାର ବିକାଶ ଦିଗରେ ଉଦ୍ୟମ କରୁଛନ୍ତି।




ତାଙ୍କ ଉଦ୍ୟମରେ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ରୂପରେଖ ବଦଳୁଛି। ଖେଳ ସହ ସଂଶ୍ଳିଷ୍ଟ ଥିବା ଲୋକ ହିଁ ଜାଣେ ଖେଳର ବିକାଶ ପାଇଁ କ'ଣ ଆବଶ୍ୟକ। ଭିତ୍ତିଭୂମି କିପରି ହେବା ଦରକାର, ଫିଜିଓ, ନ୍ୟୁଟ୍ରିସନିଷ୍ଟଙ୍କ ଆବଶ୍ୟକତା କଣ ରହିଛି ଏସବୁ ଜାଣିବା ଆବଶ୍ୟକ। ବୈଷୟିକ ପଦ୍ଧତିର ବ୍ୟବହାର ଦ୍ୱାରା ମଧ୍ୟ ଖେଳାଳିଙ୍କ ବିକାଶ ହୋଇପାରେ। କବାଡି ଓ ଖୋ ଖୋ ଭଳି ପାରମ୍ପରିକ ଖେଳକୁ ଅଧିକ ପ୍ରୋତ୍ସାହନ ଦେବା ପାଇଁ ଉଦ୍ୟମ ହେଉଛି ବୋଲି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଏହି ଅବସରରେ ମତ ଦେଇଛନ୍ତି। ରାଜ୍ୟ କ୍ରୀଡ଼ା ସଚିବ ଆର ଭିନୀଲ କ୍ରୀଷ୍ଣା, ଅର୍ଜୁନ ପୁରସ୍କାର ବିଜେତା ତଥା ଭାରତୀୟ ଖୋ ଖୋ ଦଳ ଅଧିନାୟିକା ନସରିନ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ୟାରିସ ଅଲିମ୍ପିକ୍ସ: ଅଷ୍ଟ୍ରେଲିଆରେ ଅଭ୍ୟାସ କରିବେ କିଶୋର

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଓଡ଼ିଆ ଜାଭେଲିନ୍ ଫିଙ୍ଗାଳୀ କିଶୋର କୁମାର ଜେନା ଅଷ୍ଟ୍ରେଲିଆରେ ଅଭ୍ୟାସ କରିବେ। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ମିସନ ଅଲିମ୍ପିକ ସେଲ (ଏମ୍‌ଓସି) ତା'ର ସଦ୍ୟତମ ବୈଠକରେ କିଶୋରଙ୍କୁ ଅଷ୍ଟ୍ରେଲିଆରେ ପ୍ରଶିକ୍ଷଣ ସୁବିଧା ଯୋଗାଇଦେବା ନେଇ ଦିଆଯାଇଥିବା ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରିଛି। ଏସୀୟ କ୍ରୀଡ଼ାରେ ରୌପ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିବା କିଶୋର ଅଷ୍ଟ୍ରେଲିଆର ଗୋଲ୍ଡ କୋଷ୍ଟରେ ୭୮ଦିନ ପାଇଁ ଅଭ୍ୟାସ କରିବେ। ଏଥିସହ ସେ ଅଲିମ୍ପିକ୍ସ ପାଇଁ ତାଙ୍କ ପ୍ରସ୍ତୁତି ପ୍ରକ୍ରିୟାକୁ ଆହୁରି ଜୋରଦାର କରିବେ ବୋଲି ଆଶା କରାଯାଉଛି। ଫଳରେ କିଶୋରଙ୍କ ସମେତ ତାଙ୍କ କୋଚ୍ ଓ ଫିଜିଓଙ୍କ ରହିବା, ଖାଇବା, ଗମନାଗମନ ସମେତ ସବୁ ପ୍ରକାର ଆନୁଷଙ୍ଗିକ ସୁବିଧା ସୁଯୋଗର ଖର୍ଚ୍ଚ ଟାର୍ଗେଟ ଅଲିମ୍ପିକ୍ସ ପୋଡିୟମ (ଟପ୍ସ) ମାଧ୍ୟମରେ କ୍ରୀଡ଼ା ମନ୍ତ୍ରଣାଳୟ ବହନ କରିବ।



ସେହିପରି ୨୦୨୦ ଟୋକିଓ ଅଲିମ୍ପିକ୍ସ ପଦକ ବିଜୟିନୀ ତଥା ଭାରୋତ୍ତୋଳିକା ମୀରାବାଇ ଚାନୁ ଆମେରିକାର ସେଣ୍ଟ ଲୁସିଆରେ ଗୋଟିଏ ମାସ ରହି ସେଠାରେ ପ୍ରଶିକ୍ଷଣ ନେବା ସହ ଅଭ୍ୟାସ କରିବେ। ସେହିପରି କୁସ୍ତିଯୋଦ୍ଧା ଦୀପକ ପୁନିଆ, ଅଶୁ ଓ ରୋନିତ ଶର୍ମା ମଧ୍ୟ ବିଦେଶରେ ପ୍ରଶିକ୍ଷଣ ନେବେ। ଦୀପକ ପୁନିଆ ଆମେରିକାର ମିଚିଗାନରେ ୩୧ ଦିନ ପାଇଁ ପ୍ରଶିକ୍ଷଣ ନେବେ।

**ଅଲ୍ଟିମେଟ ଖୋ ଖୋ-୨**

# ଫାଇନାଲ୍‌ରେ ଜାଏଣ୍ଟସ

**କଟକ,୧୧।୧(ସମିସ):** ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ ନିରାଶ କରିଛି। ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍ଟିମେଟ ଖୋ ଖୋ ଚଳିତ ସଂସ୍କରଣର ପ୍ରଥମ ସେମି ମୁକାବିଲାରେ ଦଳ ମାତ୍ର ୨ (୨୯-୨୭) ପଏଣ୍ଟ ବ୍ୟବଧାନରେ ଗୁଜରାଟ ଜାଏଣ୍ଟସଠାରୁ ପରାସ୍ତ ହୋଇଛି। ଏହି ମ୍ୟାଚ୍‌ର ବିଜୟୀ ଦଳ ଗୁଜରାଟ ଜାଏଣ୍ଟସ ପ୍ରାରମ୍ଭରୁ ୫ ପଏଣ୍ଟ ବୋନସ ହାସଲ କରିବା ଜଗରନଟ୍ସ ପାଇଁ ମହଙ୍ଗା ପଡ଼ିଥିଲା। ଚେନ୍ନାଇ କୁଇକ ଗନ୍ସ କିମ୍ବା ତେଲୁଗୁ ଯୋଦ୍ଧାସ ମଧ୍ୟରୁ ଗୋଟିଏ ଦଳ ସହ ଫାଇନାଲ ଖେଳିବ ଗୁଜରାଟ ଜାଏଣ୍ଟସ। ଆସନ୍ତା ୧୩ରେ ଫାଇନାଲ ମୁକାବିଲା ହେବ। ଓଡ଼ିଶା ଜଗରନଟ୍ସ ପ୍ରଥମ ସଂସ୍କରଣରେ ଚାମ୍ପିଅନ ହୋଇଥିଲା ବେଳେ ଏଥର ଘରୋଇ ସମର୍ଥକଙ୍କୁ ନିରାଶ କରିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର